

ଜାତୀୟ ବ୍ୟାଡ୍‌ମିଣ୍ଟନ୍ ସେମିରେ ତନ୍ୱୀ

▶ପୃଷ୍ଠା-୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-159 •FRIDAY •5 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୫୯ •ଶୁକ୍ରବାର •୫ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ଭାରତରେ ରୁଷ ରାଷ୍ଟ୍ରପତି ପୁଟିନ

# ଆଜି ଦିଲ୍ଲୀ ଶିଖର ବୈଠକ

■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଦୁଇ ଦିନିଆ ଭାରତ ଗସ୍ତରେ ଆସି ଦିଲ୍ଲୀରେ ପହଞ୍ଚିଛନ୍ତି। ଆଜି ସନ୍ଧ୍ୟାରେ ତାଙ୍କ ବିମାନ ପାଲମ ବିମାନବନ୍ଦରରେ ଅବତରଣ କରିଥିବା ବେଳେ ସେଠାରେ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି। ୟୁକ୍ରେନ ଯୁଦ୍ଧ ପରେ ଏହା ହେଉଛି ପୁଟିନଙ୍କ ପ୍ରଥମ ଭାରତ ଗସ୍ତ। ପୁଣି ଏହି ଯୁଦ୍ଧକୁ ନେଇ ରୁଷ ଉପରେ ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ର କଟକଣା ଲଗାଇଥିବାରୁ ତାଙ୍କର ଭାରତ ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି।



### ସାମରିକ, ବାଣିଜ୍ୟ, ଶକ୍ତି ସହଯୋଗ ଉପରେ ହେବ ଆଲୋଚନା

ଆଜି ସନ୍ଧ୍ୟାରେ ପାଲମ ବିମାନବନ୍ଦରରେ ପୁଟିନଙ୍କୁ ସ୍ୱାଗତ କରିଥିଲେ ପ୍ରଧାନମନ୍ତ୍ରୀ ମୋଦୀ। ଏହାପରେ ସେଠାରୁ ଗୋଟିଏ କାରରେ ବସି ବାହାରିଥିଲେ ଦୁଇ ନେତା। ପ୍ରଧାନମନ୍ତ୍ରୀ ମୋଦୀ ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ପୁଟିନଙ୍କ ସମ୍ମାନରେ ନୈଶ ଭୋଜିର ଆୟୋଜନ କରିଛନ୍ତି। ୪ ବର୍ଷ ପରେ ପୁଟିନ ଭାରତ ଆସିଛନ୍ତି ଏବଂ ସେ ୨୩ତମ ଭାରତ-ରୁଷ ବାର୍ଷିକ ଶୀର୍ଷ ସମ୍ମିଳନୀରେ ଭାଗ ନେବେ। ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ୫ ଥର ଫୋନରେ କଥାବାର୍ତ୍ତା ହୋଇଥିବା ବେଳେ ଗତ ସେପଟେମ୍ବର ପହିଲାରେ ଚୀନରେ ହୋଇଥିବା ଏସ୍‌ସିଓ ଶୀର୍ଷ ସମ୍ମିଳନୀରେ ସାକ୍ଷାତ ଆଲୋଚନା ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ଦିନ ୧୧ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇବେ। ସେଠାରୁ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ପୁଟିନ। ଏହାପରେ ହାଇଦ୍ରାବାଦ ହାଉସରେ ଦୁଇ ଦେଶ ମଧ୍ୟରେ ଶିଖର ବୈଠକ ଅନୁଷ୍ଠିତ ହେବ। ଦୁଇ ଦେଶ ମଧ୍ୟରେ ସାମରିକ, ବାଣିଜ୍ୟ ଓ ଶକ୍ତି ସହଯୋଗ ନେଇ ଆଲୋଚନା ହେବ।

ଆଗାମୀ ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ଶହେ ବିଲିଅନ୍ ଡଲାର୍‌ର ବାଣିଜ୍ୟିକ କାରବାରର ପାଇଁ ଆଲୋଚନାରେ ଖସଡ଼ା ପ୍ରସ୍ତୁତ ହେବ। ଏହାଛଡ଼ା ଭାରତକୁ ଏସୟୁ-୫୭ ଯୁଦ୍ଧ ବିମାନ ଓ ଏସ୍ ୪୦୦/୫୦୦ ଏୟାର୍ ଡିଫେନ୍ସ ସିଷ୍ଟମ୍ ଯୋଗାଣ ଓ ଆଣବିକ ଶକ୍ତି ସମ୍ପର୍କିତ ଆଲୋଚନା ହେବ। ଆସନ୍ତାକାଲି ରାତି ୯ଟାରେ ପୁଟିନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ।

# ବିଧାନସଭାରେ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ

## ତାତିଲେ ବିରୋଧୀ | ଗୃହରେ ହୋହଲ୍ଲା, ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି-କଂଗ୍ରେସ ସଭ୍ୟଙ୍କ ମୌନ ଧାରଣା

■ ଭୁବନେଶ୍ୱର, ୪।୧୨ (ସମିସ): ବିଧାନସଭାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶାସକ ଦଳ ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ବିଜେପି ବିଧାୟକଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରିଛନ୍ତି। ବିଧାନସଭା ଓ ବାହାରେ ଉଭୟ ବିରୋଧୀ ସରକାର ଏବଂ ବିଜେପି ଉପରେ ପ୍ରଚଣ୍ଡ ବର୍ଷିଛନ୍ତି। ଇତିହାସକୁ କଦର୍ଥ କରାଗଲେ ଆଦୌ ବରଦାସ୍ତ କରାଯିବନି ବୋଲି ବୋଲି ବିଜେଡି ଚେତାବନୀ ଦେଇଥିବାବେଳେ କଂଗ୍ରେସ ମଧ୍ୟ ଏହାକୁ କଟୁ ଶବ୍ଦରେ ନିନ୍ଦା କରିଛି। ବିଜେପିର ଅସଲ ମାନସିକତା ପଦାରେ ପଡ଼ିଛି ବୋଲି କଂଗ୍ରେସ କହିଛି।

ଗୃହ ଏବଂ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ବିଜେପି ବିଧାୟକ ସନ୍ତୋଷ ଖଟୁଆ ମହାତ୍ମା ଗାନ୍ଧୀଙ୍କ ପ୍ରତି କିଛି ଅପଶବ୍ଦ ପ୍ରୟୋଗ କରିଥିଲେ। ଯାହାକୁ ତୁରନ୍ତ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ। ଏହି ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ ଦେବା ପାଇଁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ଦାବି କରିବା ସହ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ଆଗରେ ହୋହଲ୍ଲା କରିଥିଲେ। ବାଚସ୍ପତି ବାରମ୍ବାର ଅନୁରୋଧ ପରେ ଉଭୟ ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିବା ପରେ ଏହି ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ୍ ଦେବା ପାଇଁ ନିର୍ଦ୍ଦେଶ ସେ ଦେଇଥିଲେ। ଏହା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ବିଧାୟକଙ୍କ ନିଜ ମନ୍ତବ୍ୟ ପାଇଁ ସେ କ୍ଷମା ମାଗନ୍ତୁ ବୋଲି ଦାବି କରି ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ମୌନ ଧାରଣା ଦେଇଥିଲେ।



**ଇତିହାସକୁ ବିକଳାଙ୍ଗ କରିବାକୁ ଚେଷ୍ଟା କଲେ କ୍ଷମା ନାହିଁ: ବିଜେଡି**

**ପଦାରେ ପଡ଼ିଛି ବିଜେପିର ଅସଲ ମାନସିକତା: କଂଗ୍ରେସ**

**ବିଧାୟକ ମନ୍ତବ୍ୟକୁ ସରକାର ନାପସନ୍ଦ କରୁଛନ୍ତି: ମନ୍ତ୍ରୀ**

▶ପୃଷ୍ଠା-୭

## ହଟିବ ସବୁ ଟୋଲ୍ ଗେଟ୍

■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ଆସନ୍ତା ବର୍ଷ ମଧ୍ୟରେ ଦେଶର ଜାତୀୟ ରାଜପଥଗୁଡିକରେ ରହିଥିବା ସମସ୍ତ ଟୋଲ୍ ଗେଟ୍ ହଟିବ। ରାଜପଥରେ ପ୍ରଚଳିତ ବର୍ତ୍ତମାନର ଟୋଲ୍ ଆଦାୟ ବ୍ୟବସ୍ଥା ଉଚ୍ଛେଦ ହେବ। ଏହାକୁ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍, ପ୍ରତିବନ୍ଧକ-ମୁକ୍ତ ଟୋଲ୍ ବ୍ୟବସ୍ଥା ଦ୍ୱାରା ବଦଳାଯିବ ବୋଲି ଗୁରୁବାର ଲୋକସଭାରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନୂତନ ବ୍ୟବସ୍ଥା ୧୦ଟି ସ୍ଥାନରେ ପାଇଲଟ୍ ଭିତ୍ତିରେ ଆରମ୍ଭ କରାଯାଇଛି। ଆଉ ଏକ ବର୍ଷ ମଧ୍ୟରେ ଏହାକୁ ଦେଶବ୍ୟାପୀ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ରହିଛି। ପୂର୍ବରୁ, ଯାନବାହାନଗୁଡ଼ିକୁ ଟୋଲ୍ ପ୍ଲାଜାରେ ଅଟକି ନଗଦ କିମ୍ବା କାର୍ଡ ସହିତ ଦେୟ ଦେବାକୁ ପଡୁଥିଲା। ଫାସ୍‌ଟ୍ୟାଗ୍ ପ୍ରଚଳନ ଦ୍ୱାରା ଟୋଲ୍ ପ୍ଲାଜାରେ ଯାନବାହାନ ରହିବା ସମୟ ହ୍ରାସ ପାଇଛି। ବର୍ତ୍ତମାନ, ପରବର୍ତ୍ତୀ ପଦକ୍ଷେପ ହେଉଛି ହାଇ-ଟେକ୍, ପ୍ରତିବନ୍ଧକ-ମୁକ୍ତ ଟୋଲ୍ ପ୍ଲାଜା ଆଡକୁ ଅଗ୍ରସର ହେବା। ବର୍ତ୍ତମାନ ଟୋଲ୍ ପ୍ଲାଜାରେ ଗାଡ଼ି ଅଟକିବାର ▶ପୃଷ୍ଠା-୭

## ତୃତୀୟ ଦିନ ଧରି ଇଣ୍ଡିଗୋ ବିଭ୍ରାଟ

# ଆଉ ୩୦୦ ବିମାନ ବାତିଲ

■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ପାଇଲଟ ଏବଂ ବିମାନ କର୍ମଚାରୀଙ୍କ ଅଭାବ ଯୋଗୁଁ ଆଜି ତୃତୀୟ ଦିନ ଧରି ଇଣ୍ଡିଗୋ ବିମାନ ସେବା ଗୁରୁତର ଭାବେ ବଧାପ୍ରାପ୍ତ ହୋଇଛି। ଦେଶର ସବୁଠାରୁ ବଡ଼ ବିମାନ ସେବା ଯୋଗାଣକାରୀ ଇଣ୍ଡିଗୋ ଆଜି ୩୦୦ ବିମାନ ବାତିଲ କରିଛି। ଏଥିରେ ଉଭୟ ଦେଶ ଓ ଆନ୍ତର୍ଜାତିକ ବିମାନ ସେବା ସାମିଲ ରହିଛି। ଫଳରେ ଦେଶବ୍ୟାପୀ ପ୍ରାୟ ସମସ୍ତ ବିମାନ ବନ୍ଦରରେ ଯାତ୍ରୀ ଭୀଷଣ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦିଲ୍ଲୀ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ସମେତ ବଡ଼ ବଡ଼ ବିମାନ ବନ୍ଦରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶତାଧିକ ବିମାନ ସେବା ବିଳମ୍ବିତ ହୋଇଥିବା ବେଳେ ୩୦୦ ବିମାନ ବାତିଲ ଯୋଗୁଁ ହଜାର ହଜାର ଯାତ୍ରୀ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି। ଏହି ଅସୁବିଧା ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିଛନ୍ତି। କିନ୍ତୁ ସ୍ଥିତି ସୁଧାରିବା ଲାଗି ଆଉ କେତେ ସମୟ ଲାଗିବ, ତାହା ସ୍ପଷ୍ଟ କରୁନାହାନ୍ତି। ବେସାମରିକ ବିମାନ ଚଳାଚଳ ସେବା ନିୟନ୍ତ୍ରଣ କରୁଥିବା ଡିଜିସିଏ ଆଜି ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିବା ▶ପୃଷ୍ଠା-୭



**ବିମାନବନ୍ଦରରେ ଯାତ୍ରୀ ଅଣନିଶ୍ୱାସୀ**

## ଅନୈତିକ ସଂପର୍କର କରୁଣ ପରିଣତି

# ବିଧବାଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲା

■ ବେତନଟୀ, ୪।୧୨ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ କେସିପୁର ଫାଣ୍ଡି ମଶିଣାକାଟି ଜଙ୍ଗଲରୁ ପୁଲିସ ଆଜି ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ମହିଳାଜଣଙ୍କ ହେଲେ, ଟୁଙ୍ଗାଧୂଆ ନିକଟ ଶାଗବାଡ଼ିଆ ଗ୍ରାମର ପାନୀ ମୁର୍ମୁ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ଜାଣିବାକୁ ପାଇଛି। ପାନୀଙ୍କ ପୁତୁରା ରେଙ୍ଗଟା ମୁର୍ମୁଙ୍କ ଏତଲା ଆଧାରରେ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରିବା ସହ ସଠିଲୋ ଗ୍ରାମର ସୁରେନ୍ଦ୍ର ଜେନା (୫୫)ଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି। ଅନୈତିକ ସଂପର୍କରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ପାନୀଙ୍କ ସ୍ୱାମୀ ଲୁସା ମୁର୍ମୁଙ୍କ ଦୀର୍ଘ ଦିନରୁ ମୃତ୍ୟୁ ହୋଇଛି। ଲୁସା ଜୀବିତ ଥିବା ବେଳେ ସଠିଲୋ ଗ୍ରାମର ଏକ ହତ୍ୟା ଘଟଣାରେ ଅଭିଯୁକ୍ତ ସୁରେନ୍ଦ୍ର ଜେନାଙ୍କ ବାପା ମୃତ ବଂଶୀଧର ଜେନାଙ୍କ ପାଖରେ କାମ କରୁଥିଲେ। ପାନୀଙ୍କ ସ୍ୱାମୀ ଲୁସାଙ୍କ ମୃତ୍ୟୁ ପରେ ସୁରେନ୍ଦ୍ର ଜେନାଙ୍କ ସହ ତାଙ୍କର ଅନୈତିକ ▶ପୃଷ୍ଠା-୭

**ପ୍ରେମିକ ଗିରଫ**

# ହୀରାକୁଦର ଜଳଧାରଣ କ୍ଷମତା ୨୭% ହ୍ରାସ

■ ଭୁବନେଶ୍ୱର, ୪।୧୨ (ସମିସ): ହୀରାକୁଦରେ ବାଲି, ମାଟି ଓ ପଟୁ ଜମିବା କାରଣରୁ ବନ୍ଧର ଜଳଧାରଣ କ୍ଷମତା କମୁଛି। ଜଳଧାରଣା କ୍ଷମତା ପ୍ରାୟ ୨୫.୫୭ ପ୍ରତିଶତ ହ୍ରାସ ପାଇଥିବା ବେଳେ ସ୍ଲିଲ ୱେ ଗୁଡ଼ିକ ଖରାପ ହୋଇଗଲାଣି। ଯାହା ରାଜ୍ୟ ପାଇଁ ମହାବିପଦ ଡାକିଆଣିବାର ଆଶଙ୍କା ସୃଷ୍ଟି କରିଛି। ଗୁରୁବାର ଶୂନ୍ୟକାଳରେ ଏ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ଏହାସହ ହୀରାକୁଦ ବନ୍ଧ କୂଳରେ ରାଜ୍ୟ ସରକାର ହୋଟେଲ ଖୋଲିବାକୁ ବଡ଼ ବଡ଼ କମ୍ପାନୀକୁ ଜମି ଦେଉଥିବା ବେଳେ ଏହାକୁ ମଧ୍ୟ ଶ୍ରୀ ଆଚାର୍ଯ୍ୟ ନାପସନ୍ଦ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ହୀରାକୁଦର ଜଳଧାରଣା କ୍ଷମତାକୁ ନେଇ ଶ୍ରୀ ଆଚାର୍ଯ୍ୟଙ୍କ ସହ ସ୍ୱର ମିଳାଉଥିବାର ଦେଖିବାକୁ ମିଳିଛି।

ଗୁରବାର ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ହୀରାକୁଦ ବନ୍ଧ ଏସିଆର ଦୀର୍ଘତମ ମାଟି ବନ୍ଧ। ୧୯୫୭ ମସିହାରେ ଡ୍ୟାମ ନିର୍ମାଣ ହୋଇଥିବା ବେଳେ ବନ୍ୟା ନିୟନ୍ତ୍ରଣ, ଜଳସେଚନ ଏବଂ ବିଦ୍ୟୁତ୍ ଉତ୍ପାଦନ ଏହାର ବହୁମୁଖୀ ଲକ୍ଷ୍ୟ ଥିଲା। ନିର୍ମାଣ ବେଳେ ଏହି ଜଳଭଣ୍ଡାରର ଜୀବନ କାଳ ୧୦୦ ବର୍ଷ ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୦୫୭ରେ ୧୦୦ ବର୍ଷ ପୂରିବାକୁ ଥିବାବେଳେ ଏବେଠାରୁ ହୀରାକୁଦର ଜଳଧାରଣ କ୍ଷମତା ପ୍ରାୟ ୨୭ ପ୍ରତିଶତ କମିଗଲାଣି। ବାଲି, ମାଟି ଓ ପଟୁ ଜମିବା କାରଣରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ପୂର୍ବରୁ ଏହାକୁ ସଫା କରିବା ପାଇଁ ମାତ୍ର ଥରେ ଉଦ୍ୟମ ହୋଇଥିଲା। ତାହା ଫେଲ ମାରିବା ପରେ ସେବେଠାରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ହୀରାକୁଦ ବନ୍ଧରେ ଆବଶ୍ୟକୀୟ ବୈଷୟିକ ଏବଂ ଅଣ ବୈଷୟିକ କର୍ମଚାରୀର ଘୋର ଅଭାବ ରହିଛି। ବନ୍ଧର ସ୍ଲିଲ ୱେ ମଧ୍ୟ ଖରାପ ହୋଇଗଲାଣି। ଯାହା ବନ୍ଧ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରୁଛି। ଏହା ଆଗକୁ ଘୋର ବିପଦ ଡାକିଆଣିବାର ଆଶଙ୍କା ▶ପୃଷ୍ଠା-୭

▶▶ **ବଡ଼ ଅଘଟଣ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ: ପ୍ରସନ୍ନ**

▶▶ **ସ୍ୱୀକାର କଲେ ସରକାର: ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର**



## ମହାନଦୀ ଜଳ ବିବାଦ ମାମଲା

# ଆଜି ବୈଷୟିକ କମିଟି ବୈଠକ, ୨୦ରେ ଟ୍ରିବ୍ୟୁନାଲରେ ଶୁଣାଣି

■ ଭୁବନେଶ୍ୱର, ୪।୧୨ (ସମିସ): ମହାନଦୀ ଜଳ ବିବାଦ ମାମଲାର ସମାଧାନ ପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଉଦ୍ୟମ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୬ଟି ବୈଠକ ଅନୁଷ୍ଠିତ ହୋଇସାରିଛି। ଆସନ୍ତାକାଲି ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ଆଜି ପ୍ରଶ୍ନକାଳରେ ଅତିରିକ୍ତ ପ୍ରଶ୍ନକର୍ତ୍ତା ଦୁର୍ଗାପ୍ରସନ୍ନ ନାୟକ ମହାନଦୀ ଜଳବିବାଦ ମାମଲାରେ ସମାଧାନ ପାଇଁ ରାଜ୍ୟ ସରକାର କି' ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଏହାର ସ୍ଥିତାବସ୍ଥା ସଂପର୍କରେ ପ୍ରଶ୍ନ କରିଥିଲେ। ଉତ୍ତରରେ ଡ. ମହାଲିଙ୍ଗ କହିଥିଲେ ଯେ ଟ୍ରିବ୍ୟୁନାଲରେ ଏବେ ମହାନଦୀ ବିବାଦ ମାମଲା ବିଚାରାଧୀନ ରହିଛି। ଆପୋଷ ସମାଧାନ ପାଇଁ ଉଭୟ ରାଜ୍ୟ ଏବେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ▶ପୃଷ୍ଠା-୭

# ସଂରକ୍ଷଣ ସଂକଳ୍ପ ଦାବିରେ ଗୃହ ଅଚଳ

■ ଭୁବନେଶ୍ୱର,୪।୧୨ (ସମିସ): ଚଳିତ ଶୀତ ଅଧିବେଶନ ଆରମ୍ଭରୁ ସୁରୁଖୁରୁରେ ଚାଲିଆସିଥିବା ବେଳେ ଗୁରୁବାର କଂଗ୍ରେସ ପ୍ରଶ୍ନକାଳରେ ଗୃହ ଅଚଳ କରିଛି। ବୁଧବାର ବେସରକାରୀ କାର୍ଯ୍ୟ ଦିବସରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍‌ଙ୍କୁ ସଂକଳ୍ପ ଉପସ୍ଥାପନ କରିବା ପାଇଁ ସୁଯୋଗ ଦିଆ ନ ଯିବା ପ୍ରତିବାଦରେ ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ପ୍ରଶ୍ନକାଶ ସ୍ୱାଭାବିକ ଭାବେ ଚାଲିପାରି ନ ଥିଲା। ଶୂନ୍ୟକାଳରେ କଂଗ୍ରେସ ବିଧାୟକମାନେ ସଂକଳ୍ପ ଆଲୋଚନା ପାଇଁ ନିର୍ଦ୍ଧାରିତ ତାରିଖ ଦାବିରେ ଅଡ଼ି ବସିଥିଲେ। ଆସନ୍ତା ୧୨ ତାରିଖରେ ସଂକଳ୍ପ ଆଲୋଚନା ହେବା ନେଇ ବାଚସ୍ପତି ଘୋଷଣା କରିବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ଗୁରୁବାର ପ୍ରଶ୍ନକାଳ ଆରମ୍ଭରୁ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଆସି ସ୍ଲୋଗାନ ଦେଇଥିଲେ। ଅପରାହ୍ନରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ରାଜ୍ୟରେ ଓବିସି, ଏସ୍‌ସିବିସି ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ସଂଖ୍ୟାନୁପାତିକ ଆଧାରରେ ସମସ୍ତ ପ୍ରକାର ଉଚ୍ଚଶିକ୍ଷା (ବୈଷୟିକ/ମେଡିକାଲ/ ବୃତ୍ତିଗତ) ଏବଂ ସରକାରୀ ନିଯୁକ୍ତିରେ ସଂରକ୍ଷଣ ସମ୍ପର୍କିତ ସଂକଳ୍ପ ଉପସ୍ଥାପନ ଓ ଆଲୋଚନା ପାଇଁ ଅନୁମତି ମାଗିଥିଲେ। କିନ୍ତୁ ତାଙ୍କୁ ଏହି ସୁଯୋଗ ଦିଆ ନ ଯିବାରୁ ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ନାରାବାଜି କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୦ଟା ୪୬ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।



■ **ପ୍ରଶ୍ନକାଳ ଅଚଳ, ଶୂନ୍ୟକାଳ ବାଧାପ୍ରାପ୍ତ**

■ **ବାଚସ୍ପତିଙ୍କ ରୁଲିଂ ପରେ ଗୃହ ସ୍ୱାଭାବିକ**

ଶୂନ୍ୟକାଳରେ ମଧ୍ୟ କଂଗ୍ରେସ ବିଧାୟକଗଣ ସମାନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡ଼ାମ୍ କହିଥିଲେ ଯେ ରାଜ୍ୟରେ ୪୦ ପ୍ରତିଶତ ଏସ୍‌ସି/ ଏସ୍‌ଟି ଏବଂ ୫୪ ପ୍ରତିଶତ ପଛୁଆ ବର୍ଗ ଅଛନ୍ତି। ମାତ୍ର ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ଏସ୍‌ସି/ଏସ୍‌ଟିଙ୍କୁ ୨୦ ପ୍ରତିଶତ ସଂରକ୍ଷଣ ମିଳୁଥିବା ବେଳେ ପଛୁଆ ବର୍ଗଙ୍କୁ ଆଦୌ ସଂରକ୍ଷଣ ଦିଆଯାଇ ନାହିଁ। ସରକାର ସବୁବେଳେ ୫୦ ପ୍ରତିଶତ ସୀମାର ବାହାନା ନେଉଛନ୍ତି। ମାତ୍ର ତାମିଲନାଡୁ ସରକାର ନିଜ ବିଧାନସଭାରେ ୬୯ ପ୍ରତିଶତ ସଂରକ୍ଷଣ ସଂକଳ୍ପ ପାରିତ କରି କେନ୍ଦ୍ରକୁ ପଠାଇଥିଲେ। କେନ୍ଦ୍ର ସରକାର ଏହାକୁ ଅନୁମୋଦନ ଦେବା ପରେ ଏହା ସମ୍ବିଧାନର ନବମ ଅନୁଚ୍ଛେଦରେ ସାମିଲ ହୋଇସାରିଛି। ତେଣୁ ଏଥିରେ ଆଉ ଆଇନଗତ ସମସ୍ୟା ନାହିଁ। ସମାନ ଭାବେ ଓଡ଼ିଶା ବିଧାନସଭା ଏପରି ସଂକଳ୍ପ ପାରିତ କରିବାର ଆବଶ୍ୟକତା ଅଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଏସ୍‌ସି/ଏସ୍‌ଟିଙ୍କୁ ୪୦ ପ୍ରତିଶତ ଓ ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ଦିଆଯାଉ ବୋଲି ସେ ଦାବି କରିଥିଲେ।

ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରୁଲ୍ ୨୫ ନିୟମକୁ ଉଦ୍ଧାର କରି ବାଚସ୍ପତି ଏନେଇ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦେବାକୁ କହିଥିଲେ। ଏହାପରେ ବାଚସ୍ପତି ୩ଟି ପର୍ଯ୍ୟାୟରେ ଗୃହକୁ ୨୪ ମିନିଟ ପାଇଁ ମୁଲତବୀ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ଆଣିଥିବା ସଂକଳ୍ପ ଉପରେ ଆସନ୍ତା ୧୨ ତାରିଖ ଦିନ ଆଲୋଚନା ହେବ ବୋଲି ବାଚସ୍ପତି ଘୋଷଣା କରିବା ପରେ ଗୃହ ସ୍ୱାଭାବିକ ହୋଇଥିଲା।

## ସୈତାନ ପୁଅର ବର୍ବର କାଣ୍ଡ

# ମଦ ପାଇଁ ମା'କୁ ଜାଳିଦେଲା

■ ଭଦ୍ରକ/ତିହିଡ଼ି/ଦୋଳସାହି, ୪।୧୨ (ସମିସ): ମଦ ପିଇବାକୁ ଟଙ୍କା ନ ଦେବାରୁ ମା'କୁ ଜାଳିଦେଲା ପୁଅ। ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ବିଲଣା ପଞ୍ଚାୟତ ଗଳଗଣ୍ଡପୁର ଗାଁରେ ଗୁରୁବାର ଏଭଳି ଏକ ବର୍ବରୋଚିତ ଘଟଣା ଘଟିଛି। ମହିଳାଜଣଙ୍କ ହେଲେ, ଜ୍ୟୋତ୍ସ୍ନାରାଣୀ ନାୟକ (୬୫)। ତିହିଡ଼ି ପୁଲିସ ଅଭିଯୁକ୍ତ ପୁଅ ଦେବାଶିଷ ନାୟକ(୩୫) ଓରଫ୍ ବଳିଆକୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଆଜି ସକାଳେ ବଳିଆ ମଦ ପିଇବା ପାଇଁ ଜ୍ୟୋତ୍ସ୍ନାରାଣୀଙ୍କୁ ଟଙ୍କା ମାଗିଥିଲା। ଜୋତ୍ସ୍ନାରାଣୀ ଟଙ୍କା ଦେବାକୁ ମନା କରିଦେବାରୁ ଏଥିରେ ଉତ୍ୟକ୍ତ ହୋଇ ବଳିଆ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲା। ଜ୍ୟୋତ୍ସ୍ନାରାଣୀ ପ୍ରତିବାଦ କରିବାରୁ ତାଙ୍କୁ ଏକ ଘର ଭିତରେ ପୂରାଇ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲା। ଯନ୍ତ୍ରଣାରେ ଛଟପଟ ଜ୍ୟୋତ୍ସ୍ନାରାଣୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଯିବାରୁ ବଳିଆ ସେଠାରୁ ଫେରାର୍ ହୋଇଯାଇଥିଲା। ତାଙ୍କୁ ସଙ୍ଗେସଙ୍ଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜ୍ୟୋତ୍ସ୍ନାଙ୍କ ଶରୀରର ୭୦ ଭାଗରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିବାରୁ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଜ୍ୟୋତ୍ସ୍ନାଙ୍କ ସ୍ୱାମୀ ରବୀନ୍ଦ୍ର ଜଣେ ଚାଷୀ ଓ ସେ କିଛି ଦିନ ହେବ ପକ୍ଷାଘାତରେ ପୀଡ଼ିତ ହୋଇ ▶ପୃଷ୍ଠା-୭

# ବିଏଲ୍‌ଓ ମୃତ୍ୟୁକୁ ନେଇ ବର୍ଷିଲେ ସୁପ୍ରିମକୋର୍ଟ

## ସରକାରୀ କର୍ମଚାରୀଙ୍କୁ ମଧ୍ୟ ଏସ୍‌ଆଇଆର୍ କାର୍ଯ୍ୟରେ ଲଗାଅ



ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାରେ ବୁଥ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କାର୍ଯ୍ୟ ଭାର କମାଇବା ପାଇଁ ଯଦି ଆବଶ୍ୟକ ହୁଏ ଅଧିକ ସଂଖ୍ୟକ କର୍ମଚାରୀଙ୍କୁ ନିୟୋଜିତ କରିବାକୁ କୋର୍ଟ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଗୁରୁବାର କହିଛନ୍ତି ଯେ, ରାଜ୍ୟ ସରକାର କିମ୍ବା ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ନିଯୁକ୍ତ କର୍ମଚାରୀଙ୍କୁ ଏସ୍‌ଆଇଆର କାର୍ଯ୍ୟ କରିବାକୁ ହେବ। ଯଦି କୌଣସି କର୍ମଚାରୀଙ୍କୁ ଛୁଟିର ନିହାତି ଆବଶ୍ୟକତା ରହିଛି ତେବେ, ରାଜ୍ୟ ସରକାର ତାଙ୍କ ଆବେଦନକୁ ବିଚାର କରିବା ସହ ତାଙ୍କ ସ୍ଥାନରେ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦେଇପାରିବେ ବୋଲି କୋର୍ଟ କହିଛନ୍ତି। ପଶ୍ଚିମବଙ୍ଗ, ତାମିଲନାଡୁ ଓ ଅନ୍ୟ ରାଜ୍ୟଗୁଡ଼ିକ ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ଆବେଦନ କରିଥିଲେ। ଏହାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କ ଖଣ୍ଡପୀଠ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ କର୍ମଚାରୀ ଏସ୍‌ଆଇଆର୍ ସମେତ ଅନ୍ୟ ବୈଧାନିକ କାର୍ଯ୍ୟ କରିବାକୁ ବାଧ୍ୟ। ସେହିପରି ନିର୍ବାଚନ କମିଶନଙ୍କ ପାଇଁ କର୍ମଚାରୀ ଉପଲବ୍ଧ କରାଇବା ମଧ୍ୟ ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ। ପୁଣି ଯଦି ଏସ୍‌ଆଇଆର କାର୍ଯ୍ୟ ପାଇଁ ବୁଥ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ଉପରେ କାର୍ଯ୍ୟଭାର ଅତ୍ୟଧିକ ଥାଏ, ତେବେ ସରକାରଙ୍କ ଅନ୍ୟ କର୍ମଚାରୀଙ୍କୁ ଏହି କାର୍ଯ୍ୟରେ

**୭ଟି ରାଜ୍ୟରେ ୨୯ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି**

ନିୟୋଜିତ କରାଯାଇପାରିବ ବୋଲି କୋର୍ଟ କହିଛନ୍ତି। ଏହା ଦ୍ୱାରା ବିଏଲ୍‌ଓଙ୍କ ଉପରେ କାର୍ଯ୍ୟ ନେଇ ଚାପ କମ୍ ହେବ। ଉଲ୍ଲେଖଥାଉ କି, ଏସ୍‌ଆଇଆର୍ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ୭ଟି ରାଜ୍ୟରେ ଏପର୍ଯ୍ୟନ୍ତ ୨୯ ଜଣ ବିଏଲ୍‌ଓଙ୍କ ମୃତ୍ୟୁ ହୋଇଛି। ଏହିକ୍ରମରେ ମଧ୍ୟପ୍ରଦେଶରେ ୯, ଉତ୍ତରପ୍ରଦେଶରେ ୮, ଗୁଜରାଟରେ ୪, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ୩ ଲେଖାଏ ଏବଂ କେରଳ ଓ ତାମିଲନାଡୁରେ ଜଣେ ଲେଖାଏ ବିଏଲ୍‌ଓ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି। ଉଲ୍ଲେଖଥାଉ କି, ନଭେମ୍ବର ୩୦ରେ ନିର୍ବାଚନ କମିଶନ ଏସ୍‌ଆଇଆରର ଶେଷ ତାରିଖକୁ ୭ ଦିନ ବୃଦ୍ଧି କରିଥିଲେ। ଏହାପରେ ଡିସେମ୍ବର ୨ରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ, ତାମିଲନାଡୁ ଓ ଅନ୍ୟ ରାଜ୍ୟରେ ଏସ୍‌ଆଇଆର୍‌କୁ ନେଇ ହୋଇଥିବା ଆବେଦନର ଶୁଣାଣି କରିଥିଲେ। କେରଳରେ ନଗର ନିଗମ ନିର୍ବାଚନ ଚାଲୁ ରହିବା କାରଣରୁ ଏସ୍‌ଆଇଆର୍ ଫର୍ମ ଜମା କରିବା ସମୟସୀମା ବଢ଼ାଇବାକୁ କୋର୍ଟ ନିର୍ବାଚନ କମିଶନକୁ କହିଥିଲେ। ଏବେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍‌ଆଇଆର ପ୍ରକ୍ରିୟା ଚାଲୁ ରହିଛି। ୫୧ କୋଟି ଭୋଟରଙ୍କ ପାଇଁ ଜାରି କରାଯାଇଥିବା ଫର୍ମ ୯୯.୫ ପ୍ରତିଶତ ଲୋକଙ୍କ ନିକଟରେ ପହଞ୍ଚାଯାଇଛି। ଏଥିମଧ୍ୟରୁ ୭୯ ପ୍ରତିଶତ ଫର୍ମକୁ ଡିଜିଟାଲରୂପ ଦିଆଯାଇସାରିଛି। ଅର୍ଥାତ ଘର ଘର ବୁଲି ବିଏଲ୍‌ଓ ଯେଉଁ ଫର୍ମ ଦେଉଛନ୍ତି, ସେଥିରେ ଲେଖା ହୋଇଥିବା ନାମ, ଠିକଣା ଓ ଅନ୍ୟ ବିବରଣୀକୁ ଅନ୍‌ଲାଇନ୍ ସିଷ୍ଟମରେ ଅପଲୋଡ କରାଯାଇଛି। ଏସ୍‌ଆଇଆର୍ ପ୍ରକ୍ରିୟା ଚାଲୁଥିବା ରାଜ୍ୟଗୁଡ଼ିକରେ ଆଗକୁ ନିର୍ବାଚନ ହେବ। ଏହିକ୍ରମରେ ୨୦୨୬ରେ ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ ଓ ପୁଡୁଚେରୀରେ ନିର୍ବାଚନ ହେବ। ସେହିପରି ୨୦୨୭ରେ ଗୋଆ, ଗୁଜରାଟ ଓ ଉତ୍ତରପ୍ରଦେଶରେ ଏବଂ ୨୦୨୮ରେ ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନିର୍ବାଚନ ଆୟୋଜନ ହେବ।

## ଗାଜାରେ ପୁଣି ଇସ୍ରାଏଲର ଆକ୍ରମଣ; ୭ ମୃତ

ଗାଜା, ୪।୧୨(ଏଜେନ୍ସି): ଇସ୍ରାଏଲ ଗାଜାରେ ପୁଣିଥରେ ଆକ୍ରମଣ କରିଛି। ହାମାସ ଇସ୍ରାଏଲ ସୈନ୍ୟଙ୍କ ଉପରେ ଆକ୍ରମଣ କରିବା ପରେ ଇସ୍ରାଏଲ ଏହି ପଦକ୍ଷେପ ନେଇଛି। ହମାସର ଏହି ଆକ୍ରମଣରେ ଇସ୍ରାଏଲର ୫ ସୈନ୍ୟ ଆହତ ହୋଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ଇସ୍ରାଏଲ ବୁଧବାର ବିଳମ୍ବିତ ରାତିରେ ଦକ୍ଷିଣ ଗାଜାରେ ଆକାଶ ମାର୍ଗରୁ ଆକ୍ରମଣ କରିଛି ଓ ଏଥିରେ ୭ ଜଣ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୩୨ ଜଣ ଲୋକ ଆହତ ହୋଇଛନ୍ତି ବୋଲି କୁହାଯାଇଛି। ମୃତକଙ୍କ ମଧ୍ୟରେ ୮ ଓ ୧୦ ବର୍ଷର ଦୁଇଜଣ ଛୋଟପିଲା ସାମିଲ ରହିଛନ୍ତି। ଆହତ ହୋଇଥିବା କେତେଜଣ ଗୁରୁତର ଅଛନ୍ତି। ଇସ୍ରାଏଲ ଓ ହମାସ ପରସ୍ପର ଉପରେ ଯୁଦ୍ଧବିରତି ଉଲ୍ଲଂଘନ କରିବାର ଅଭିଯୋଗ ଆଣିଛନ୍ତି। ଅକ୍ଟୋବର ୧୦ରେ ଏହି ଯୁଦ୍ଧବିରତି ଲାଗୁ ହୋଇଥିଲା। ଏହା ସତ୍ତ୍ୱେ ଇସ୍ରାଏଲ ଗାଜା ଉପରେ ଏକାଧିକବାର ବିଭିନ୍ନ ଆଳ ଦେଖାଇ ଆକ୍ରମଣ କରିଛି। ତେବେ ଅସ୍ତ୍ରବିରତି ଘୋଷଣା କରାଯିବା ପରେ ଇସ୍ରାଏଲ ଓ ହମାସ ତରଫରୁ କୌଣସି ବଡ଼ ଧରଣର ଆକ୍ରମଣ କରାଯାଇନାହିଁ।

## ମଦିନା- ହାଇଦରାବାଦ ବିମାନରେ ଯାତ୍ରୀଙ୍କ ବୋମା ଧମକ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ସାଉଦି ଆରବର ମଦିନାରୁ ହାଇଦରାବାଦ ଆସୁଥିବା ଇଣ୍ଡିଗୋ ବିମାନରେ ଗୁରୁବାର ଏକ ଅଜବ କାଣ୍ଡ ଘଟିଥିଲା। ଜଣେ ଯାତ୍ରୀ ନିଜ ପାଖରେ ବୋମା ଅଛି ବୋଲି ଧମକ ଦେବା ପରେ ବିମାନରେ ଆତଙ୍କ ଖେଳିଯାଇଥିଲା। ଫଳରେ ବିମାନକୁ ଅହମଦାବାଦ୍‌ରେ ଜରୁରୀକାଳୀନ ଅବତରଣ କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଏହି ବିମାନକୁ ଅଲଗା ଆଇସୋଲେସନ ୱେରେ ଛିଡ଼ା କରାଯିବା ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇ ସେମାନଙ୍କ ଯାଞ୍ଚ କରାଯାଇଥିଲା। ବିମାନ ଜଣେ ଯାତ୍ରୀ କେବିନ କ୍ରୁଙ୍କୁ ନିଜର ପାଖରେ ବମ୍ ଅଛି ଓ କିଛି ମିନିଟ ମଧ୍ୟରେ ଏହାର ବିସ୍ଫୋରଣ ହେବ ବୋଲି କହିଥିଲେ। ଏହାପରେ ପାଇଲଟ ତୁରନ୍ତ ସୁରକ୍ଷା ପ୍ରୋଟୋକଲ ଅନୁସାରେ ନିକଟସ୍ଥ ସୁରକ୍ଷିତ ବିମାନ ବନ୍ଦର ଅହମଦାବାଦରେ ବିମାନର ଅବତରଣ କରାଇଥିଲେ। ଏହି ସଂଦୀଗ୍ଧ ଯାତ୍ରୀଙ୍କୁ ସୁରକ୍ଷା ଏଜେନ୍ସିର ଅଧିକାରୀମାନେ ଧରିବା ସହ ତାଙ୍କୁ ପଚରାଉଚରା କରୁଛନ୍ତି।

## ଆଜମୀର୍ ଦରଘା, ଜିଲ୍ଲାପାଳ କାର୍ଯ୍ୟାଳୟକୁ ବୋମା ଧମକ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ପ୍ରସିଦ୍ଧ ଆଜମୀର ଦରଘା ଓ ଜିଲ୍ଲା କଲେକ୍ଟରେଟ୍‌କୁ ବୋମା ବିସ୍ଫୋରଣରେ ଉଡାଇ ଦେବାକୁ ଧମକ ମଳିଛି। ଗୁରୁବାର ଅପରାହ୍ଣରେ ଏକ ଇ-ମେଲ ଜରିଆରେ ଏହି ଧମକ ମିଳିଥିଲା। ଆଜମୀର କୁଦାନକୁଲମ ନ୍ୟୁକ୍ଲିୟାର ପ୍ଲାଣ୍ଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଦରଘା ଗରିବ ନୱାଜରେ ୪ଟି ଆରଡିଏକ୍ସ ଆଇଇଡି ଲଗା ଯାଇଛି ବୋଲି ଇ-ମେଲ୍‌ରେ ଉଲ୍ଲେଖ କରାଯାଇଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଭାରତ ପହଞ୍ଚିବା ମାତ୍ରେ ହିଁ ବିସ୍ଫୋରଣ ହେବ ବୋଲି ଧମକ ଦିଆଯାଇଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଓ ଗୁଇନ୍ଦା ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମେଟାଲ ଡିକ୍ଟେଟର ଓ ଡଗ୍ ସ୍କ୍ୱାଡ୍ ମାଧ୍ୟମରେ ଯାଞ୍ଚ ଆରମ୍ଭ କରିଥିଲେ। ଜିଲ୍ଲାପାଳଙ୍କ କର୍ଯ୍ୟାଳୟରୁ ସବୁ କର୍ମଚାରୀଙ୍କୁ ଖାଲି କରାଯାଇଥିଲା। ସେହିପିର ଦରଘାରୁ ମଧ୍ୟ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ବାହର କରାଯାଇଥିଲା। ୪ଟି ଥାନାର ପୁଲିସ ଟିମ୍ ସମେତ ସିଆଇଡି ଓ ଏଟିଏସ୍ ଯାଞ୍ଚ କରିଥିଲେ। ତେବେ ଏହି ଦୁଇଟି ସ୍ଥାନରୁ କୌଣସି ଆପତ୍ତିଜନକ ଜିନିଷ ମିଳିନାହିଁ ବୋଲି ସ୍ଥାନୀୟ ଏସ୍‌ପି ବନ୍ଦୀତା ରାଣା କହିଛନ୍ତି। ଏହି କାରଣରୁ ଦରଘାରେ ଅଢେଇ ଘଣ୍ଟାଧରି କାହାକୁ ଛଡ଼ା ଯାଇ ନଥିଲା।

## ସୁଷମା ସ୍ୱରାଜଙ୍କ ପତିଙ୍କ ପରଲୋକ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ପୂର୍ବତନ ବିଜେପି ନେତ୍ରୀ ତଥା ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ପତି ସ୍ୱରାଜ କୌଶଲ ଗୁରୁବାର ପରଲୋକଗମନ କରିଛନ୍ତି। ଦିଲ୍ଲୀ ବିଜେପି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ତାଙ୍କ ପରଲୋକ ନେଇ ସୂଚନା ଦେଇଛନ୍ତି। ଡିସେମ୍ବର ୪ରେ ୭୩ ବର୍ଷ ବୟସରେ ସ୍ୱାରାଜ କୌଶଲଙ୍କ ଦେହାନ୍ତ ହୋଇଛି ବୋଲି ପୋଷ୍ଟରେ ଉଲ୍ଲେଖ କରାଯାଇଛି। କୌଶଲ ଓ ସୁଷମାଙ୍କ ଝିଅ ବାଂଶୁରୀ ସ୍ୱରାଜ ମଧ୍ୟ ବିଜେପିର ସାଂସଦ ରହିଛନ୍ତି। ପିତାଙ୍କ ଦେହାନ୍ତରେ ଅତ୍ୟନ୍ତ ମର୍ମାହତ ବୋଲି ବାଂଶୁରୀ କହିଛନ୍ତି। ସ୍ଥାନୀୟ ଲୋଧୀ ରୋଡ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଭାରତ ଇତିହାସରେ କୌଶଲ ସର୍ବକନିଷ୍ଠ ରାଜ୍ୟପାଳ ଭାବେ ନିଯୁକ୍ତି ହୋଇଥିଲେ। ସେ ମାତ୍ର ୩୭ ବର୍ଷ ବୟସରେ ୧୯୯୦ରେ ମିଜୋରାମ୍‌ର ରାଜ୍ୟପାଳ ନିଯୁକ୍ତ ହୋଇଥିଲେ। ସେ ମଧ୍ୟ ୧୯୯୮ରୁ ୨୦୦୪ ମଧ୍ୟରେ ହରିୟାଣାରୁ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ସୁପ୍ରିମକୋର୍ଟରେ ଜଣେ ବରିଷ୍ଠ ଓକିଲ ଭାବେ ସଫଳତା ହାସଲ କରିଥିଲେ। ଆଇନଜୀବୀ ଭାବେ ସେ ନିଜ କ୍ୟାରିଅରରେ ଏକାଧିକ ହାଇପ୍ରୋଫାଇଲ ମାମଲାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ।

## ବିଏସ୍‌ଏଫ୍ ଗୁଳିରେ ଚାଲାଣକାରୀ ନିହତ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ସୀମାରେ ନିୟୋଜିତ ବିଏସ୍‌ଏଫ୍ ଯବାନଙ୍କ ଗୁଳିରେ ଜଣେ ବାଂଲାଦେଶ ଚୋରା ଚାଲାଣକାରୀ ନିହତ ହୋଇଛନ୍ତି। ମୃତକ ବେଆଇନ ଭାବେ ଭାରତ ସୀମାରେ ପ୍ରବେଶ କରିବାକୁ ପ୍ରୟାସ କରୁଥିଲେ। ମୃତକ ଜଣକ ୩୦ ବର୍ଷୀୟ ସବୁଜ ମିୟା ବୋଲି କୁହାଯାଇଛି। ବର୍ଡର ଗାର୍ଡ ବାଂଲାଦେଶ (ବିଜିବି) ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ୮ରୁ ୧୦ ଜଣ ବାଂଲାଦେଶୀ ଚୋରା ଚାଲଣକାରୀ ବେଆଇନ ଭାବେ ଭାରତୀୟ ଅଞ୍ଚଳରେ ପ୍ରବେଶ କରିଥିଲେ। ବିଏସ୍‌ଏଫ୍‌ର ଚେନାକୋଟା ଟିମ୍ ସେମାନଙ୍କୁ ରୋକିବାକୁ ପ୍ରୟାସ କରିଥିଲେ। ଫଳରେ ବିଏସ୍‌ଏଫ୍ ଯବାନମାନେ ଗୁଳି କରିଥିଲେ। ଏଥିରେ ସବୁଜ ମିୟା ମୃତ୍ୟୁବରଣ କରିଥିଲେ। କିନ୍ତୁ ବାକି ଲୋକ ଦୌଡ଼ି ବାଂଲାଦେଶ ଫେରିଯାଇଥିଲେ। ବିଏସ୍‌ଏଫ୍ ମୃତଦେହକୁ ନେଇ ଆଣିଛନ୍ତି। ବିଜିବି ଇତିମଧ୍ୟରେ ମୃତଦେହ ଫେରିପାଇବାକୁ ବିଏସ୍‌ଏଫ୍ ସହ ଫ୍ଲାଗ ମିଟିଂ ପାଇଁ ଦାବି କରିଛି ଓ ଏଥିପାଇଁ ବିଏସ୍‌ଏଫ୍‌କୁ ଚିଠି ଲେଖିଛି।




ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଗୁରୁବାର ସନ୍ଧ୍ୟାରେ ନୂଆଦିଲ୍ଲୀର ପାଲମ ବିମାନ ବନ୍ଦରରେ ଅବତରଣ କରୁଛନ୍ତି।

## କେନ୍ଦ୍ରକୁ ରାହୁଲଙ୍କ ସମାଲୋଚନା

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ଗୁରୁବାର ସଂସଦର ଶୀତକାଳୀନ ଅଧିବେଶନ ଚତୁର୍ଥ ଦିନ ଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଭାରତ ଗସ୍ତରେ ଆସିଥିବା ବେଳେ ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ବରିଷ୍ଠ ସାଂସଦ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବାହାରୁ ଆସିଥିବା ନେତାଙ୍କ ସହ ମୁଁ ସାକ୍ଷାତ କରିବା କେନ୍ଦ୍ର ସରକାର ଚାହୁଁନାହାନ୍ତି ବୋଲି ସେ କହିଥିଲେ। ପୁତିନଙ୍କୁ ମୁଁ ସାକ୍ଷାତ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବୈଦେଶିକ ମନ୍ତ୍ରଣାଳୟ ଚାହୁଁନାହାନ୍ତି ଓ ସେମାନେ ନିୟମ ପାଳନ କରୁନାହାନ୍ତି। ଏମାନେ ଅସୁରକ୍ଷିତ ଅନୁଭବ କରୁଛନ୍ତି। ଆମର ସମସ୍ତଙ୍କ ସହ ସମ୍ପର୍କ ରହିଛି। ବିରୋଧୀ ଦଳ ନେତା ମଧ୍ୟ ଏକ ଭିନ୍ନ ଦୃଷ୍ଟିକୋଣ ଅବଲମ୍ବନ କରିଥାନ୍ତି। ଆମେ ମଧ୍ୟ ଭାରତ ପାଇଁ ପ୍ରତିନିଧିତ୍ୱ କରୁଛୁ। କେବଳ ସରକାର ହିଁ ଭାରତକୁ ପ୍ରତିନିଧିତ୍ୱ କରନ୍ତି ନାହିଁ ବୋଲି ସେ କହିଛନ୍ତି। ସାଧାରଣତଃ ବିଦେଶୀରୁ ଯେଉଁ ନେତା ବା ବ୍ୟକ୍ତି ଆସିଥାନ୍ତି, ସେ ବିରୋଧୀ ଦଳ ନେତାଙ୍କୁ ଭେଟିଥାନ୍ତି ଓ ଏହା ଏକ ପରମ୍ପରା ରହିଆସିଛି। ପୂର୍ବରୁ ଅଟଳ ବିହାରୀ ବାଜପେୟୀ ଓ ମନମୋହନ ସିଂଙ୍କ ସରକାରଙ୍କ କର୍ଯ୍ୟକାଳ ବେଳେ ଏହି ପରମ୍ପରାର ପାଳନ ହେଉଥିଲା। କିନ୍ତୁ ଏବେ ସେକଥା ଆଉ ନାହିଁ। ଯେଉଁ ନେତାମାନେ ବାହାରୁ ଆସୁଛନ୍ତି, ସେମାନଙ୍କୁ ବିରୋଧୀ ଦଳ ନେତାଙ୍କୁ ଭେଟିବା ନେଇ ବାରଣ କରାଯାଉଛି ବୋଲି ରାହୁଲ ପାର୍ଲାମେଣ୍ଟ ବାହାରେ ସମ୍ବାଦିକଙ୍କ ସହ କଥା ହେବା ବେଳେ କହିଛନ୍ତି।

**'ପୁତିନଙ୍କ ସହ ମୋର ସାକ୍ଷାତ୍ ଚାହୁଁନାହାନ୍ତି ସରକାର'**


## ଆମେରିକାରେ ପୁଣି ଏଫ୍-୧୬ ବିମାନ ଦୁର୍ଘଟଣାଗ୍ରସ୍ତ



ୱାସିଂଟନ, ୪।୧୨(ଏଜେନ୍ସି): ଆମେରିକାରେ ଗୁରୁବାର ଆଉଏକ ଏଫ୍-୧୬ ଲଢ଼ୁଆ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଆମେରିକା ବାୟୁସେନାର ଏହି ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ମାତ୍ର କିଛି ସେକେଣ୍ଡ ପରେ ପାଇଲଟ ପାରାଚ୍ୟୁଟ ଜରିଆରେ ସୁରକ୍ଷିତ ଭାବେ ବାହରକୁ ବାହରିଛନ୍ତି। ଫଳରେ ତାଙ୍କର ଜୀବନ ବଞ୍ଚିଯାଇଛି। ଭାରତୀୟ ସମୟ ରାତି ୧୨.୩୦ରେ ଦକ୍ଷିଣ କାଲିଫର୍ଣ୍ଣିଆର ଟ୍ରୋନା ନିକଟସ୍ଥ ମରୁଭୂମିରେ ଓ ଟ୍ରୋନ ବିମାନ ବନ୍ଦରଠାରୁ ୩ କିମି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ବିମାନ ଦ୍ରୁତ ଗତିରେ ତଳକୁ ଖସୁଥିବା ବେଳେ ପାଇଲଟ ପାରାସୁଟ୍ ସହିତ ବିମାନରୁ ଲମ୍ଫ ଦେଉଥିବାର ଭିଡିଓରେ ଦେଖାଯାଇଛି। ବାୟୁସେନାର ଏହି ବିମାନ ଏହି ଅଞ୍ଚଳରେ ବରାବର ଘୁରି ବୁଲିଥାଏ ବୋଲି ବିମାନ ବନ୍ଦର ପରିଚାଳକ କହିଛନ୍ତି। ବିମାନଟି ତଳେ ପଡ଼ିବା ପରେ ଏକ ବଡ଼ ଧରଣର ବିସ୍ଫୋରଣ ହେବା ସହ କଳା ଧୂଆଁ ଉପରକୁ ଉଠିଥିଲା। ତେବେ କେଉଁ କାରଣରୁ ଏହି ଦୁର୍ଘଟଣା ଘଟିଛି ସେ ନେଇ ସୂଚନା ମିଳିନାହିଁ। ଏଥିସହ ଚଳିତ ବର୍ଷ ଅଷ୍ଟମଥର ପାଇଁ ଏଫ୍-୧୬ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ନିକଟରେ ୟୁକ୍ରେନରେ ୩ଟି ଓ ଆମେରିକାର ୨ଟି ଏଫ୍-୧୬ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ସେହିପରି ପୋଲାଣ୍ଡ, ଜାପାନ ଓ ଦକ୍ଷିଣ କୋରିଆରେ ମଧ୍ୟ ଏହି ବିମାନର ଦୁର୍ଘଟଣା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗୋଟିଏ ଏଫ୍-୧୬ ବିମାନର ମୂଲ୍ୟ ୧୭, ୦୦୦ କୋଟି ଟଙ୍କା ଓ ଏହାକୁ ଏକ ଅତ୍ୟାଧୁନିକ ଫାଇଟର ଜେଟ୍ ବୋଲି ବିବେଚନା କରାଯାଏ।

**■ ପାଇଲଟ ସୁରକ୍ଷିତ, ଚଳିତ ବର୍ଷରେ ୮ମ ଦୁର୍ଘଟଣା**

## ପୁଣି ନାଗରିକତା ଅଟକାଇଲେ ଟ୍ରମ୍ପ



ୱାସିଂଟନ, ୪।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୯ଟି ଦେଶର ନାଗରିକଙ୍କୁ ଆମେରିକାର ନାଗରିକତା ଓ ଗ୍ରୀନ୍ କାର୍ଡ ଦେବା ପ୍ରକ୍ରିୟାକୁ ଯଥାଶୀଘ୍ର ରୋକିବାକୁ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ଶେଷ ଆଡକୁ ହ୍ୱାଇଟ୍ ହାଉସ୍ ନିକଟରେ ଜଣେ ଆଫଗାନ ଶରଣାର୍ଥୀ ନ୍ୟାସନାଲ ଗାର୍ଡଙ୍କ ଉପରେ ଗୁଳି ମାରିବା ଘଟଣା ଘଟଣା ପରେ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି। ନାଗରିକତା ପ୍ରକ୍ରିୟାକୁ ରୋକା ଯାଇଥିବା ଦେଶଗୁଡ଼ିକ ହେଲା ଆଫଗାନିସ୍ତାନ, ମିଆଁମାର, ବୁରୁଣ୍ଡି, ଚାଦ, କଙ୍ଗୋ, କ୍ୟୁବା, ଇକ୍ୱେଟୋରିଆଲ ଗିନି, ଇରିଟ୍ରିଆ, ହାଇତି, ଇରାନ, ଲାଓସ, ଲିବିୟା, ସିଏରା ଲିଓନ, ସୋମାଲିଆ, ସୁଦାନ, ଟୋଗୋ, ତୁର୍କମେନିସ୍ତାନ, ଭେନେଜୁଏଲା ଓ ୟେମେନ। ଏହି ୧୯ଟି ଦେଶର ସବୁ ଇମିଗ୍ରେସନ ଅର୍ଥାତ ପ୍ରବାସନ, ନାଗରିକତା ଓ ଗ୍ରୀନକାର୍ଡ ସହିତ ଜଡିତ ଆବେଦନକୁ ରୋକା ଯାଇଛି ବୋଲି ଆମେରିକା ନାଗରିକତା ଓ ପ୍ରବାସ ସେବା (ୟୁଏସ୍‌ସିଆଏସ୍) ତରଫରୁ କୁହାଯାଇଛି। ଟ୍ରମ୍ପ ମଧ୍ୟ ପୂର୍ବରୁ ଏହି ଦେଶଗୁଡ଼ିକ ଉପରେ ଯାତ୍ରା ପ୍ରତିବନ୍ଧକ ଲାଗୁ କରିସାରିଛନ୍ତି। ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁସାରେ ୨୦୨୧ ଜାନୁଆରୀ ୨୦ ପରେ ଆମେରିକା ଆସିଥିବା ଲୋକଙ୍କୁ ପୁଣିଥରେ ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ ଓ ସାକ୍ଷାତକାର ଦେବାକୁ ହେବ। ପ୍ରବାସନ ନୀତି କାରଣରୁ ଆଜି ଆମେରିକୀୟଙ୍କ ଜୀବନ ଖରାପ ହୋଇଛି ବୋଲି ଟ୍ରମ୍ପ କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକାରେ ଏଭଳି ସାମାଜିକ ସମସ୍ୟା ନଥିଲା। କିନ୍ତୁ ଏବେ ଭୁଲ ପ୍ରବାସନ ନୀତି ଯୋଗୁଁ ଆମେରିକାର ବିଭିନ୍ନ ସାମଜିକ ସମସ୍ୟା, ଅପରାଧ ଓ ଅବ୍ୟବସ୍ଥା ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ଗ୍ରୀନକାର୍ଡ ମିଳୁଥିବା ଲୋକଙ୍କୁ ଆମେରିକାର ସ୍ଥାୟୀ ଭାବେ ରହିବାର ଓ କାମ କରିବାର ସୁଯୋଗ ମିଳିଥାଏ। ୨୦୧୩ରୁ ୨୦୨୨ ମଧ୍ୟରେ ଆମେରିକାର ୭.୧୬ ଲକ୍ଷ ଭାରତୀୟଙ୍କୁ ଗ୍ରୀନ୍‌କାର୍ଡ ମିଳିଛି।

**୧୯ଟି ଦେଶର ଲୋକଙ୍କୁ ମିଳିବନି ଗ୍ରୀନ କାର୍ଡ**

## ଦିଲ୍ଲୀ ସରକାର ୯ଟି ପ୍ରଦୂଷଣ 'ହଟ୍‌ସ୍ପଟ୍'ରେ ୩୦୫ ମିଷ୍ଟ ସ୍ପ୍ରେୟର ଲଗାଇବେ



ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ପ୍ରଦୂଷଣକୁ ରୋକିବା ପାଇଁ ଦିଲ୍ଲୀ ସରକାର ଏବେ ଏକ ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ରାଜଧାନୀର ୯ଟି ପଲ୍ୟୁସନ ହଟ୍‌ସ୍ପଟ୍‌ରେ ୩୦୫ଟି ମିଷ୍ଟ ସ୍ପ୍ରେୟର ଲଗାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ଏହିକ୍ରମରେ ଆୟକର କାର୍ଯ୍ୟାଳୟ (ଆଇଟିଓ)ରେ ଲଗାଯାଇଥିବା ମିଷ୍ଟ ସ୍ପ୍ରେୟରକୁ ରେଖା ନୀରିକ୍ଷଣ କରିଥିଲେ। ଦିଲ୍ଲୀ ନଗର ନିଗମ ଅଞ୍ଚଳରେ ମିଷ୍ଟ ସ୍ପ୍ରେୟରର କାର୍ଯ୍ୟକ୍ଷମତାରେ ସକାରାତ୍ମକ ଫଳାଫଳ ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି। ଏହା ଦ୍ୱାରା ମୁଖ୍ୟତଃ ଧୂଳି ଓ ପ୍ରଦୂଷଣକୁ ରୋକିବା ପାଇଁ ପାଣିର ଛିଞ୍ଚନ ପ୍ରକ୍ରିୟାକୁ ବ୍ୟବହାର କରାଯାଇଥାଏ। ଦିଲ୍ଲୀରେ ପ୍ରଦୂଷଣ ରୋକିବା ପାଇଁ ଭିନ୍ନ ଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ବୋଲି ସେ କହିଛନ୍ତି। ଏହି କମିଟିରେ ଆଇଆଇଟିର ବିଶେଷଜ୍ଞ ଓ ପରିବେଶବିତ୍‌ଙ୍କ ବ୍ୟତୀତ ଭିନ୍ନ ଭିନ୍ନ ସରକାରୀ ବିଭାଗର ବିରଷ୍ଠ ଅଧିକାରୀଙ୍କୁ ସାମିଲ କରାଯାଇଛି।

## ବାବ୍‌ରୀ ମସଜିଦ୍ ନିର୍ମାଣ ଘୋଷଣା କରି ବିଧାୟକ ଟିଏମ୍‌ସିରୁ ନିଲମ୍ବିତ

କୋଲକାତା, ୪।୧୨(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ସିଦାବାଦ୍‌ରେ ବେଲଡାଙ୍ଗାରେ ବାବରୀ ମସଜିଦ୍ ନିର୍ମାଣ କରିବାକୁ ଘୋଷଣା କରିଥିବା ବିଧାୟକ ହୁମାୟୁନ କବୀରଙ୍କୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନିଲମ୍ବିତ କରିଛି। ଏନେଇ କୋଲକାତା ମେୟର ଫିରହାଦ ହାକିମ ସୂଚନା ଦେଇଛନ୍ତି। ପାର୍ଟି ସାମ୍ପ୍ରଦାୟିକ ରାଜନୀତିରେ ବିଶ୍ୱାସ କରେ ନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ହୁମାୟୁନଙ୍କୁ ଏନେଇ ଏକାଧିକବାର ଚେତାବନୀ ଦିଆଯାଇଥିଲେ ମଧ୍ୟ ସେ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିନାହାନ୍ତି। ତେଣୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଉଛି ବୋଲି ସେ କହିଛନ୍ତି। ସେପଟେ ଟିଏମ୍‌ସିରୁ ନିଲମ୍ବିତ ହେବା ପରେ ହୁମାୟୁନ କହିଛନ୍ତି ଯେ, ମୁଁ ମୋ ବୟାନକୁ ବଜାୟ ରଖିଛି। ଡିସେମ୍ବର ୨୨ରେ ମୋର ନୂଆ ପାର୍ଟି ଗଠନ କରିବି ଓ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ବିଧାନସଭା ନିର୍ବାଚନରେ ୧୩୫ଟି ଆସନରେ ପ୍ରାର୍ଥୀ ଛିଡ଼ା କରାଇବି ଏବଂ ବିଜେପି ଓ ଟିଏମ୍‌ସି ବିରୋଧରେ ନିର୍ବାଚନ ଲଢିବି ବୋଲି ସେ କହିଛନ୍ତି।

ମୁର୍ସିଦାବାଦ୍‌ରେ ନଭେମ୍ବର ୨୮ରେ ଏକାଧିକ ସ୍ଥାନରେ ବାବରୀ ମସଜିଦ ଶିଳାନ୍ୟାସ ନେଇ ପୋଷ୍ଟାର ଲଗାଯାଇଥିଲା। ଡିସେମ୍ବର ୬ରେ ବେଲଡାଙ୍ଗାରେ ବାବ୍‌ରୀ ମସ୍‌ଜିଦ୍‌ର ଶୀଳନ୍ୟାସ ସମାରୋହ ହେବ। ହୁମାୟୁନଙ୍କୁ ଆୟୋଜକ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଥିଲା। ଏହାପରେ ହିଁ ଏ ନେଇ ବିବାଦ ବଢ଼ିବାରେ ଲାଗିଛି। ଉଲ୍ଲେଖଥାଉ କି, ୧୯୯୨ ଡିସେମ୍ବର ୬ରେ ବାବରୀ ମସଜିଦକୁ ଭାଙ୍ଗି ଦିଆଯାଇଥିଲା। ତେଣୁ ଡିସେମ୍ବର ୬ରେ ଶିଳାନ୍ୟାସ ନେଇ ସେ ଘୋଷଣା କରିଛନ୍ତି। ଏ ନେଇ କୋଲକାତା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ମଧ୍ୟ ଦାଏର କରାଯାଇଛି। ହୁମାୟୁନଙ୍କ ଘୋଷଣା ତଥା ପ୍ରସ୍ତାବ ସମ୍ବିଧାନର ବିପକ୍ଷରେ ଯାଉଛି ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଡିଭିଜନ ବେଞ୍ଚ୍ ଏହି ମାମଲାର ଶୁଣାଣି କରିପାରନ୍ତି। ୬୨ ବର୍ଷୀୟ ହୁମାୟୁନ୍ ପଶ୍ଚିମବଙ୍ଗର ଭରତପୁରରୁ ଟିଏମ୍‌ସି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି।

## କର୍ଣ୍ଣାଟକରେ ମହିଳା କର୍ମଚାରୀଙ୍କୁ ଗୋଟିଏ ଦିନ 'ପିରିଅଡ୍ ଲିଭ୍'

ବେଙ୍ଗାଲୁରୁ, ୪।୧୨(ଏଜେନ୍ସି): କର୍ଣ୍ଣାଟକରେ ସରକାରୀ ମହିଳା କର୍ମଚାରୀଙ୍କୁ ଗୋଟିଏ ଦିନର ପ୍ୟାଡ୍ ପିରିଅଡ ଲିଭ୍ ଅର୍ଥାତ ମାସିକ ରକ୍ତସ୍ରାବ ଜନିତ ଛୁଟି ଦିଆଯିବ। ଏ ନେଇ ନିର୍ଦ୍ଦେଶ ଜାରି କରାଯାଇଛି। ଗୋଟିଏ ବର୍ଷରେ ଏପରି ୧୨ଟି ଛୁଟି ମିଳିବ ବୋଲି କୁହାଯାଇଛି। ରାଜ୍ୟ ସରକାର ଅକ୍ଟୋବର ୯ରେ ମ୍ୟୁଚୁଆଲ ଲିଭ୍ ପଲିସି (ଏମ୍‌ଏଲ୍‌ପି) ୨୦୨୫କୁ ମଞ୍ଜୁରୀ ପ୍ରଦାନ କରିଥିଲେ। ସରକାରୀ ମହିଳା କର୍ମଚାରୀଙ୍କ ସମେତ ଘରୋଇ କମ୍ପାନୀ ଓ ଇଣ୍ଡଷ୍ଟ୍ରିଆଲ ସେକ୍ଟରରେ କାର୍ଯ୍ୟକରୁଥିବା ମହିଳାଙ୍କୁ ଏହାର ଲାଭ ମିଳିପାରିବ। ୧୮ରୁ ୫୨ ବର୍ଷର ମହିଳାଙ୍କୁ ଏହି ପିରିଅଡ ଲିଭ୍ ମିଳିପାରିବ। କର୍ଣ୍ଣାଟକ ହାଇକୋର୍ଟରେ ଏନେଇ ଆବେଦନ କରାଯିବା ପରେ ସରକାର ଏହି ନିୟମ ଲାଗୁ କରିଛନ୍ତି। ତେବେ ଏଥିପାଇଁ ମେଡିକାଲ ପ୍ରମାଣପତ୍ରର ଆବଶ୍ୟକତା ନାହିଁ। କାଜୁଆଲ ଲିଭ୍ ମଞ୍ଜୁର କରୁଥିବା ଅଧିକାରୀମାନେ ଏହି ଛୁଟି ଦେଇପାରିବେ ବୋଲି କୁହାଯାଇଛି। ଏହାକୁ କୌଣସି ଅନ୍ୟ ଛୁଟି ବା ଲିଭ୍ ସହିତ ଜଡିତ କରାଯିବ ନାହିଁ। ଏହା ଦ୍ୱାରା ରାଜ୍ୟରେ ୬୦ ଲକ୍ଷ ମହିଳା ଉପକୃତ ହେବେ। ଗତ ଏକବର୍ଷ ହେବ ଏ ନେଇ କାର୍ଯ୍ୟ କରାଯିବା ପରେ ଏହି ନିୟମକୁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି।

# ବରଗଡ଼ ଧନୁଯାତ୍ରା ପାଇଁ ୧ କୋଟି ଅନୁଦାନ

ଭୁବନେଶ୍ୱର/ବରଗଡ଼, ୪।୧୨(ସମିସ): ବରଗଡ଼ ଧନୁଯାତ୍ରା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଧନୁଯାତ୍ରାରେ ଭାଗ ନେଉଥିବା ପ୍ରାୟ

- ୨୦୦ କଳାକାରମାନଙ୍କୁ ୧୦ହଜାର ଟଙ୍କା ଲେଖାଏଁ ସମ୍ମାନସୂଚକ ରାଶି
- ଧନୁଯାତ୍ରା ପାଇଁ ନିର୍ମିତ ହେବ ସ୍ୱତନ୍ତ୍ର ୱେବସାଇଟ୍
- ଭୁବନେଶ୍ୱର ଓ ପୁରୀରୁ ବରଗଡ଼କୁ ଗଡ଼ିବ ସ୍ୱତନ୍ତ୍ର ଟୁରିଷ୍ଟ ବସ୍

୨୦୦କଳାକାରଙ୍କୁ ୧୦ହଜାର ଟଙ୍କା ଲେଖାଏଁ ସମ୍ମାନସୂଚକ ରାଶି ପ୍ରଦାନ କରାଯିବ। ଏହାସହ, ଧନୁଯାତ୍ରାର ବ୍ୟାପକ ପ୍ରଚାରପ୍ରସାର ନିମନ୍ତେ ଏଲ୍ଇଡି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧା ପ୍ରସାରଣ କରାଯିବ। ଏହାବ୍ୟତୀତ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ବାହାରର ବିଭିନ୍ନ ରାଜ୍ୟରେ ମଧ୍ୟ ଏଲ୍ଇଡି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧା ପ୍ରସାରଣ ହେବ। ଗୁରୁବାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସଂସ୍କୃତ ଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଚଳିତବର୍ଷ ଡିସେମ୍ବର ୨୪ତାରିଖରୁ ଜାନୁଆରୀ ୩ତାରିଖ ପର୍ଯ୍ୟନ୍ତ ବରଗଡ଼ରେ ଧନୁଯାତ୍ରା ମହୋତ୍ସବର ଆୟୋଜନ କରାଯିବ। ଏଥିପାଇଁ ବରଗଡ଼ ସହରର ମୁଖ୍ୟ ପ୍ରବେଶ ଦ୍ୱାରାମାନଙ୍କରେ ଧନୁଯାତ୍ରା ଥିମ୍ ସମ୍ବନ୍ଧୀୟ ଗେଟ୍ ନିର୍ମାଣ କରାଯିବ। ସେହିପରି ଧନୁଯାତ୍ରା ସମୟରେ ପୁରୀ ଏବଂ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚଳାଇବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଧନୁଯାତ୍ରା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ କରାଯିବ। ସେଥିରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ୍ ସିଷ୍ଟମକୁ ମଧ୍ୟ ସ୍ଥାନିତ କରାଯିବ।

ବୈଠକରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ କୁମାର ଗର୍ତିଆ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟକ ବର୍ଷାସିଂ ବରିହା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ବାକିରେ ଚାଲିଛି 'ମୁଖ୍ୟମନ୍ତ୍ରୀ ପୋଷଣ' ଯୋଜନା

ବାରିପଦା,୪।୧୨(ସମିସ): ରାଜ୍ୟରେ ତଥା ମୟୂରଭଞ୍ଜ ଜିଲ୍ଲାରେ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ସ୍କୁଲରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ବାକିରେ ଚାଲିଛି। ଗତ ୩ ମାସ ଧରି ଅନୁଦାନ ମିଳି ନ ଥିବାରୁ ଏହି ଯୋଜନା ଅଧୀନରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଦିଗହରା ହୋଇଛି। ଫଳରେ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ମଧ୍ୟାହ୍ନଭୋଜନ ଯୋଜନାରେ ଯୋଡ଼ି ହୋଇଥିବା ମୟୂରଭଞ୍ଜ ଜିଲ୍ଲାର ୬୨୬ଟି ସ୍କୁଲର ୬୯ହଜାର ୩୨୮ଜଣ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଧାନ ଶିକ୍ଷକମାନେ ଧାର ଉଧାରରେ ଖାଦ୍ୟ ପରିବେଷଣ କରୁଛନ୍ତି। ଏହି ସମସ୍ୟା ଯୋଗୁଁ କେତେକ ସ୍କୁଲ ପରିଚାଳନା କମିଟି ଓ ଶିକ୍ଷକମାନେ ନିଜ ପକେଟରୁ ଖର୍ଚ୍ଚ କରି ଭୋଜନ ଯୋଗାଇଥିବା ବେଳେ ଏବେ ଅସମ୍ଭାଳ ପରିସ୍ଥିତି ପାଇଁ ନୂଆ ସମସ୍ୟା ସୃଷ୍ଟି ହୋଇଛି।

ରାଜ୍ୟ ସରକାର ପିଏମ୍ ପୋଷଣ ଯୋଜନାକୁ ବିସ୍ତାର କରି ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଜନାରେ ସାମିଲ୍ କରିଥିଲେ। ଫଳରେ ରାଜ୍ୟରେ ପ୍ରାୟ ୪୫ଲକ୍ଷ ଓ ମୟୂରଭଞ୍ଜ ଜିଲ୍ଲାର ୭୦ହଜାର

- ୩ ମାସ ହେଲା ମିଳିନି ଅନୁଦାନ
- ନବମ ଓ ଦଶମ ପିଲାଙ୍କୁ ଖାଦ୍ୟ ଯୋଗାଇବାରେ କଷ୍ଟ
- ନୂଆ ସ୍କୁଲରେ ଉପକରଣ ନାହିଁ

ଛାତ୍ରଛାତ୍ରୀଙ୍କୁ ଉପକୃତ ହେବା ନେଇ ଲକ୍ଷ୍ୟ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଘୋଷଣା ଅନୁଯାୟୀ ଏହି ଯୋଜନା ନିମ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପୋଷଣ, ଉପସ୍ଥିତି ଓ ଶିକ୍ଷା ଗ୍ରହଣରେ ସୁଧାର ଆଣିବ। କିନ୍ତୁ ବାସ୍ତବରେ ଗତ ସେପ୍ଟେମ୍ବରରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ଅନୁଦାନ ନ ଆସିବା ଫଳରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଦିଗହରା ହୋଇଯାଇଛି।

ଜିଲ୍ଲାର ଏକ ସରକାରୀ ସ୍କୁଲର ପ୍ରଧାନଙ୍କ କହିବା ଅନୁଯାୟୀ, 'ଆମେ ୯ମ ଓ ୧୦ମ ଶ୍ରେଣୀର ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ଭୋଜନ ଯୋଗାଇବାକୁ ଚେଷ୍ଟା କରିଛୁ। ଚାଉଳ ସିନା ମିଳିଯାଉଛି, କିନ୍ତୁ ଅର୍ଥ ନ ଆସିବା ଫଳରେ ରୋଷେଇ, ସଉଦା, ତେଲ ମସଲା, ପନିପରିବା, ଅଣ୍ଡା ଖର୍ଚ୍ଚ ପାଇଁ ନିଜ ପକେଟରୁ ଟଙ୍କା ଦେଉଛୁ। ସେହିପରି ନୂତନ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଆବଶ୍ୟକ ସ୍ଥଳେ ସ୍କୁଲ ପିଛା ନିର୍ଦ୍ଧାରିତ ୨୦ ହଜାର ଟଙ୍କା ବାସନ କୁସନ, ରୋଷେଇ ଉପକରଣ କିଣିବା ପାଇଁ ଅନୁଦାନ ମଧ୍ୟ ମିଳି ନ ଥିବାରୁ ସ୍କୁଲରେ ଭୋଜନ ପ୍ରସ୍ତୁତିରେ ବଡ଼ ଅସୁବିଧା ହେଉଛି ବୋଲି କହିଛନ୍ତି।

କେନ୍ଦ୍ରୀୟ ପିଏମ୍ ପୋଷଣ ଯୋଜନା ଅଧୀନରେ ୨୦୨୫-୨୬ ବଜେଟ୍‌ରେ ରାଜ୍ୟକୁ ୩୯୨ କୋଟି ଟଙ୍କା ବରାଦ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ୭୧ କୋଟି ଟଙ୍କା ଅନ୍ତର୍ଭୁକ୍ତ। କିନ୍ତୁ ଏହି ଅର୍ଥ ସ୍କୁଲସ୍ତରରେ ପହଞ୍ଚିନାହିଁ, ଯାହା ରାଜ୍ୟ ସମେତ ମୟୂରଭଞ୍ଜ ଜିଲ୍ଲାର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମର ସମର୍ଥନରେ ବାଧା ସୃଷ୍ଟି କରୁଛି। ରାଜ୍ୟରେ ୫୦ ହଜାର ୪୮୫ଟି ସ୍କୁଲରେ ଏହି ଯୋଜନା ଚାଲୁଛି ଏବଂ ନିୟମିତ ଭୋଜନ ଯୋଗାଇବା ଦ୍ୱାରା ଛାତ୍ରଛାତ୍ରୀଙ୍କ ପୋଷଣସ୍ତର ଉନ୍ନତ ହେବା ଉଦ୍ଦିଷ୍ଟ। କିନ୍ତୁ ଅର୍ଥ ବିଳମ୍ବ ଯୋଗୁଁ ଯୋଜନା ରୂପାୟନରେ ବାଧା ସୃଷ୍ଟି କରୁଛି। ଏହି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ କହନ୍ତି, ଆଗାମୀ କିଛି ସପ୍ତାହ ଭିତରେ ଅନୁଦାନପ୍ରାପ୍ତ ହେଲେ ସମସ୍ୟା ସମାଧାନ ହୋଇଯିବ। ସେହିପରି ଉପକରଣ ଅନୁଦାନ ବାବଦରେ ଜିଲ୍ଲାର ୩୫୭ଟି ସ୍କୁଲ ପାଇଁ ଅର୍ଥ ଆସିଛି। ତେବେ ୨୬ଜଣ ବିଇଓଙ୍କୁ ସ୍କୁଲୱାରୀ ହିସାବ ମଗାଯାଇଛି। ତାହା ଆସିଲେ ସ୍କୁଲ ଆକାଉଣ୍ଟକୁ ଅର୍ଥ ଟ୍ରାନ୍ସଫର କରାଯିବ ବୋଲି କହିଛନ୍ତି।

# ମାଓଗଡ଼ରେ ଦେଶୀ ବନ୍ଧୁକ କାରଖାନା ଠାବ

## ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ, ଜଣେ ଗିରଫ

ଫିରିଙ୍ଗିଆ, ୪।୧୨ (ସମିସ): କନ୍ଧମାଳ ଜିଲ୍ଲା, ଗୋଛାପଡ଼ା ପୁଲିସକୁ ବଡ଼ ସଫଳତା ମିଳିଛି। ଫିରିଙ୍ଗିଆ ବ୍ଲକ୍ ଅଞ୍ଚଳରୁ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିବା ସହ ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ଦେଶୀ ବନ୍ଧୁକ ତିଆରି ବିଭିନ୍ନ ସରଞ୍ଜାମ ସହ ଏକ ଦେଶୀ ପିସ୍ତଲ, କଟର୍ ଓ ୱେଲଡିଙ୍ଗ ମେସିନ ରହିଛି। ଏହି ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲା, ବାଞ୍ଛାନିଧି ବିନ୍ଧାଣି। ୨୦୧୬ ମସିହାରେ ମଧ୍ୟ ବାଞ୍ଛାନିଧି ଏଭଳି ବନ୍ଧୁକ ତିଆରି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା। କନ୍ଧମାଳ ଏସ୍‌ପି ହରୀଶ ବିଶି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବୁଧବାର ଥାନାଧିକାରୀ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ କଟ୍ରିଙ୍ଗିଆ





ଅଞ୍ଚଳରେ ଏକ ବେଆଇନ ଦେଶୀ ବନ୍ଧୁକ ତିଆରି ଚାଲିଥିବା ସୂଚନା ମିଳିଥିଲା। ପୁଲିସ ଟିମ କଟ୍ରିଙ୍ଗିଆ ପଞ୍ଚାୟତ ପାଙ୍ଗାପାଜୁ ଗାଁରେ ଚାଲିଥିବା ଏହି ଦେଶୀ ବନ୍ଧୁକ କାରଖାନା ଉପରେ ଅତର୍କିତ ଚଢ଼ଉ କରିଥିଲା।

ଗୋଛାପଡ଼ା ଥାନା ଅଞ୍ଚଳ ମାଓପ୍ରବଣ ଏବଂ ଗଞ୍ଜେଇ ଚାଷ ଓ ମାଫିଆଙ୍କ ଚରାଭୂଇଁ ଭାବେ ପରିଚିତ। ଏଠାରୁ ବନ୍ଧୁକ ତିଆରି କାରଖାନା ଠାବ ହେବା ପରେ ପୁଲିସର ଚିନ୍ତା ବଢ଼ିଯାଇଛି। ଏହି କାରଖାନାରୁ କେତେ ଓ କାହାକୁ ବନ୍ଧୁକ ଚାଲାଣ କରାଯାଇଛି, ସେ ସଂପର୍କରେ ପୁଲିସ ଖୋଳତାଡ଼ ଚଳାଇଛି। ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି ଯେ ବନ୍ଧୁକଗୁଡ଼ିକୁ ଶିକାରୀଙ୍କୁ ବିକ୍ରି କରାଯାଉଥିଲା। ଜଙ୍ଗଲରେ ପଶୁ ଶିକାର ପାଇଁ ଶିକାରୀମାନେ ଏଠାରୁ ବନ୍ଧୁକ କିଣୁଥିଲେ। ଏ ସଂକ୍ରାନ୍ତରେ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କନ୍ଧମାଳ ଏସ୍‌ପି ଶ୍ରୀ ବିଶି କହିଛନ୍ତି।

# ପଣ୍ଡୁ ନୃସିଂହଙ୍କ ଚାରିଆଶ୍ରମ ବିଜେ

ପୁରୀ,୪।୧୨(ସମିସ): ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଗୁରୁବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ପଣ୍ଡୁନୃସିଂହ ଶ୍ରୀକ୍ଷେତ୍ରର ଚାରିଆଶ୍ରମ ବିଜେ କରିଛନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ପୁଷ୍ପାଳକ ସେବକମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ ବେଶ କରାଇଥିଲେ। ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡେ ଆଜ୍ଞାମାଳ ଲାଗି କରାଯାଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଦକ୍ଷିଣୀ ଘରେ ଭୋଗ ସରିଥିଲା। ମହାଜନ ଦକ୍ଷିଣୀ ଘରୁ ପଣ୍ଡୁ ନୃସିଂହଙ୍କୁ ରତ୍ନସିଂହାସନକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରାଇଥିଲେ। ଏହାପରେ ନୃସିଂହ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ ହୋଇଥିଲେ। ରୁନ୍ଧା ବଢ଼ିବା ପରେ ବିମାନବଡୁ ସେବକମାନେ ବିମାନକୁ ସିଂହଦ୍ୱାର ଦେଇ ଶ୍ରୀକ୍ଷେତ୍ରର ପ୍ରାଚୀନ ୪ ଆଶ୍ରମ (ଅଙ୍ଗିରା, କଣ୍ଡୁ, ମାର୍କଣ୍ଡ ଓ ଭୃଗୁ)କୁ ବିଜେ କରାଇଥିଲେ। ସେଠାରେ ଶୀତଳଭୋଗ, ବନ୍ଦାପନା ନୀତି ଅନୁଷ୍ଠିତ ହେବା ପରେ ନୃସିଂହ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସ୍ୱୟଂ ବିଘ୍ନହର୍ତ୍ତା ଶ୍ରୀନୃସିଂହ ଆଶ୍ରମସ୍ଥ ଋଷିମାନଙ୍କର ବିଘ୍ନ ହରଣ କରିବାକୁ ଯାଇଥାନ୍ତି ବୋଲି ବିଶ୍ୱାସ ରହିଛି।

# କଳିଙ୍ଗା ଘାଟିରେ ଲାଗିଲା ସେନ୍ସର୍

## ଚାଳକଙ୍କୁ କରିବ ସତର୍କ; କମିବ ଦୁର୍ଘଟଣା

ଜି.ଉଦୟଗିରି, ୪।୧୨(ସମିସ): ଏଣିକି କଳିଙ୍ଗା ଘାଟିରେ ଗାଡ଼ି ଚାଳକଙ୍କୁ ସତର୍କ କରିବ ସେନ୍ସର୍। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର କଳିଙ୍ଗା ଘାଟିରେ ପ୍ରଥମଥର ପାଇଁ ଭୁବନେଶ୍ୱର ଆଇଆଇଟି ପକ୍ଷରୁ ଓଡ଼ିଶାର ପ୍ରଥମ ଘାଟି ଭାବେ କଳିଙ୍ଗା ଘାଟିକୁ ନେଇ ପରୀକ୍ଷାମୂଳକ ଭାବରେ 'ଭେଇକଲ ସେନ୍ସର୍ ଆଲର୍ଟ ମେସିନ' ଲଗାଯାଉଥିବା ଜଣାଯାଇଛି। ଏହା ସୌର ଚାଳିତ। ନିଜେ ପରିଚାଳିତ ହେବା ସହିତ ସେନ୍ସର ଓ କ୍ୟାମେରା ଦ୍ୱାରା ଗାଡ଼ି ଚାଳକଙ୍କୁ ସତର୍କ ସୂଚନା ଦେବ। ଏହା ଦୁଇଟି ପାର୍ଶ୍ୱରେ ଲାଗିବ। ଏହାଦ୍ୱାରା ଗୋଟିଏ ପାର୍ଶ୍ୱରେ ଗାଡ଼ି ଆସିଲେ ଅନ୍ୟପାର୍ଶ୍ୱରେ ନାଲିବତି ଜଳିବା ସହ ହର୍ଣ୍ଣ ବାଜିବ। ଫଳରେ ଅନ୍ୟପାର୍ଶ୍ୱରେ ଆସୁଥିବା ଗାଡ଼ି ଚାଳକ ଏହାର ସୂଚନା ପାଇପାରିବେ ଏବଂ ଆଗୁଆ ସତର୍କ ହୋଇଯିବେ। ଏହି ଅବସରରେ ପରିବହନ ବିଭାଗ ଅଧିକାରୀ ଶିବାନୀ ମାଝୀ ଓ ଟିମ୍ ସହ ଜି.ଉଦୟଗିରି ପୁଲିସ ଏବଂ ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ ଓ ଅନ୍ୟ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏହି ଭେଇକିଲ ସେନ୍ସର୍ ଆଲର୍ଟ ମେସିନ ରାଜ୍ୟରେ



ପ୍ରଥମଥର କଳିଙ୍ଗା ଘାଟିରେ ଲାଗୁଥିବା ବେଳେ ଏହା ଠିକ୍ ଭାବେ କାମ କଲେ, ଆସନ୍ତା ଦିନମାନଙ୍କରେ ଅନ୍ୟ ସ୍ଥାନମାନଙ୍କରେ ଲଗାଯିବ ବୋଲି ଭୁବନେଶ୍ୱର ଆଇଆଇଟି ପକ୍ଷରୁ ଆସିଥିବା ଅଧିକାରୀ କହିଛନ୍ତି।

# ମହିଳା ନିଶା ବେପାରୀଙ୍କ ଘରେ ବୁଲିଲା ବୁଲ୍‌ଡୋଜର୍

ପୁରୀ,୪।୧୨(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ଚକ୍ର' ଜାରି ରହିଛି। ବିଶେଷକରି ବ୍ରାଉନସୁଗର, ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ, ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ଏହି କ୍ରମରେ ଗୁରୁବାର ମହିଳା ନିଶା ବେପାରୀ ସୁକାନ୍ତି ପଣ୍ଡାଙ୍କ ଘରେ ବୁଲିଛି ବୁଲ୍‌ଡୋଜର। ମାଟିରେ ମିଶିଛି ଗୋଟିଏ ଦୋକାନ ଓ ୪ଟି ଘର। ଭୁବନେଶ୍ୱର ପରେ ପୁରୀରେ ପ୍ରଥମଥର ପାଇଁ ପୁଲିସ ଏପରି ବଡ଼ ପଦକ୍ଷେପ ନେଇଛି। କିଛି ଦିନ ତଳେ ସୁକାନ୍ତିଙ୍କ ଘରେ ଚଢ଼ଉ କରାଯାଇ ୨୦୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିଲା। ଧଳା ଜହର ବିକ୍ରି ଅଭିଯୋଗରେ ଏବେ ଜେଲ୍‌ରେ ଅଛନ୍ତି ସୁକାନ୍ତି। ସରକାରୀ ଜାଗାରେ ଜୋର୍‌ଜବରଦସ୍ତ ଘର କରି ନିଶା କାରବାର କରୁଥିବା ଅଭିଯୋଗରେ ପୁଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ପୁରୀର ପ୍ରବେଶପଥ ଅଠରନଳା ନିକଟ ନୀଳଚକ୍ର ନଗରରେ ସରକାରୀ ଜାଗା ଜବରଦଖଲ କରି ଦୀର୍ଘ ଦିନ ହେବ ଧଳାଜହର କାରବାର କରୁଥିଲେ ସୁକାନ୍ତି। ଝ୍ୱାଇଁ ଟିକି ଖାଁଙ୍କ ସହ ମିଶି ସୁକାନ୍ତି ଏହି ବେଆଇନ କାରବାର କରିଆସୁଥିଲେ। ଶେଷରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କର ଗୋଟିଏ ଦୋକାନ ସହ ୪ଟି ଘର ଭଙ୍ଗାଯାଇଛି। ନିଶା ବେପାରୀଙ୍କ ଘର ଉପରେ ବୁଲିଛି ବୁଲ୍‌ଡୋଜର। ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସଦର ଥାନା ଅଧିକାରୀଙ୍କ ସହ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଛି।

ପୁରୀ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ନିଶା ବେପାରୀଙ୍କ ବିରୋଧରେ ପୁଲିସ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବ। ଏଥିପାଇଁ ସମସ୍ତ ଥାନା ଅଞ୍ଚଳର ତାଲିକା ପ୍ରସ୍ତୁତ କରାଯାଇଛି। ଆଗକୁ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନ ବଳବତ୍ତର ରହିବ।

# ବିଜେଡିର ଅଭିଯୋଗ: ଆଦିବାସୀଙ୍କଠାରୁ ଜଙ୍ଗଲ ଜମି ଅଧିକାର ଛଡ଼ାଇ ନେଇଛନ୍ତି ସରକାର

ଭୁବନେଶ୍ୱର,୪।୧୨(ସମିସ): ଜଙ୍ଗଲ ଜମି, ଆଦିବାସୀମାନଙ୍କର ସାମ୍ବିଧାନିକ ଅଧିକାର। ସେଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୋ ଜଙ୍ଗଲ ଜମି' ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଓଡ଼ିଶାର ବିଜେପି ସରକାର ଏହାକୁ ବନ୍ଦ କରିଦେଲେ। ଲକ୍ଷ ଲକ୍ଷ ଭୂମିହୀନ ଆଦିବାସୀଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରିଛନ୍ତି। ଏହି ପ୍ରତାରଣା ପ୍ରତିବାଦରେ ୨୩ ଜିଲ୍ଲାର ଆଦିବାସୀମାନେ ବିଜୁ ଜନତା ଦଳ ନେତୃତ୍ୱରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ରାଜ୍ୟ ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ କହିଥିଲେ ଯେ ଆବହମାନ କାଳରୁ ଆଦିବାସୀମାନେ ଜଙ୍ଗଲରେ ବସବାସ କରୁଛନ୍ତି। ଏବେ ସେମାନଙ୍କ ସଂଖ୍ୟା ୧ କୋଟିରୁ ଅଧିକ ହେବ। ଜଳ, ଜଙ୍ଗଲ, ଜମି ହେଉଛି ଆଦିବାସୀ ମାନଙ୍କ ଐତିହାସିକ ଦାବି। ସେମାନଙ୍କ ନ୍ୟାଯ୍ୟ ଦାବିକୁ ସମ୍ମାନ ଜଣାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୮

- ଟଙ୍କା ନାହିଁ କହି ବନ୍ଦ କରିଦେଲେ 'ମୋ ଜଙ୍ଗଲ ଜମି' ଯୋଜନା
- ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ବି ମାନିଲେନି
- ଆନ୍ଦୋଳନକୁ ଓହ୍ଲାଇବେ ୨୩ ଜିଲ୍ଲାର ଆଦିବାସୀ, ନେତୃତ୍ୱ ନେବ ବିଜେଡି

ମସିହାରେ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା ସହ ଆଦିବାସୀମାନଙ୍କୁ ଜମି ପଟ୍ଟା ପ୍ରଦାନ ଆରମ୍ଭ କରିଥିଲେ। ଏହା ଏକ ଐତିହାସିକ ନିଷ୍ପତ୍ତି ଥିଲା। ସାରା ଦେଶରେ ଓଡ଼ିଶା ଏକ ମାଇଲ ଖୁଣ୍ଟ ସ୍ଥାପନ କଲା। ଏହି ଯୋଜନାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ବିଜେଡି ସରକାର ୨୦୨୩ ବିଶ୍ୱ ଆଦିବାସୀ ଦିବସରେ 'ମୋ ଜଙ୍ଗଲ ଜମି' ଯୋଜନାର ଶୁଭାରମ୍ଭ କରିଥିଲେ। ପ୍ରତି ତହସିଲ ଓ ଆଇଟିଡିଏ କାର୍ଯ୍ୟାଳୟରେ ଏଫଆର୍‌ଏ ସେଲ୍ ଖୋଲାଯାଇ କାମକୁ ତ୍ୱରାନ୍ୱିତ କରାଯାଇଥିଲା। ଏଥିପାଇଁ ସେହି ବର୍ଷ ୩୮ କୋଟି ୭୬ ଲକ୍ଷ ଟଙ୍କା



ବ୍ୟୟବରାଦ ବି କରାଯାଇଥିଲା। ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଇତିମଧ୍ୟରେ ୪ ଲକ୍ଷ ୭୩ ହଜାର ୩୬୪ଟି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ କରାଯାଇଛି। ଦୁର୍ଗମ, ଅପହଞ୍ଚ ଇଲାକାରେ ରହୁଥିବା ଜଙ୍ଗଲ ଅଧିବାସୀ ନବୀନ ବାବୁଙ୍କଠାରୁ ଜମି ପଟ୍ଟା ପାଇ ନିଜକୁ ଧନ୍ୟ ମନେ କରିଥିଲେ। କିନ୍ତୁ ଟଙ୍କା ନାହିଁ ବୋଲି କହି ବିଜେପି ସରକାର ଏହି ଯୋଜନାକୁ ଗତ ତିନି ମାସ ହେଲା ବନ୍ଦ କରି ଦେଇଛନ୍ତି। ଜମି ପଟ୍ଟା ନ ଥିବା ଆଦିବାସୀମାନେ ସବୁ ପ୍ରକାର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ଡ. ମାଝୀ କହିଥିଲେ ଯେ ଗତ ମେ' ମାସରେ ରାଜ୍ୟପାଳ ଏସ୍‌ସି/ଏସ୍‌ଟି ବିଭାଗର ସମୀକ୍ଷା କରିବା ସମୟରେ ଜଙ୍ଗଲ ଜମି ପଟ୍ଟା ଆବଣ୍ଟନକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ ପାଇଁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାର ମଧ୍ୟ ତାଗିଦ୍ କଲେ। କିନ୍ତୁ ଏପରି ଏକ ଆଦିବାସୀ କଲ୍ୟାଣକାରୀ ଯୋଜନାକୁ ଆଗକୁ ନେବା ପରିବର୍ତ୍ତେ ରାଜ୍ୟ ବିଜେପି ସରକାର ତାକୁ ବନ୍ଦ କରିଦେଲେ। ଏହି ଆଦିବାସୀ ମାରଣ ନୀତି ବିରୁଦ୍ଧରେ ସାରା ରାଜ୍ୟର ଆଦିବାସୀ ଏକାଠି ହେବେ ବୋଲି ଚେତାବନୀ ଦେଇଛନ୍ତି। ବିଜୁ ଜନତା ଦଳ ଆଦିବାସୀମାନଙ୍କ ଏହି ପ୍ରତିବାଦ ଆନ୍ଦୋଳନର ଦେତୃତ୍ୱ ନେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନ: କେତେ ଆଉ ସହିବା?

ପୁରୀ, ୪।୧୨(ସମିସ): ପୂର୍ବରୁ ଶ୍ରୀମନ୍ଦିର ଉପରେ ଅନେକଥର ଆକ୍ରମଣ ହୋଇଛି। ଏଥିପାଇଁ ଶ୍ରୀବିଗ୍ରହମାନଙ୍କୁ ଅନେକବାର ରତ୍ନସିଂହାସନ ଛାଡ଼ିବାକୁ ପଡ଼ିଛି। ସେବାୟତମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ ଅନେକ ଜାଗାକୁ ନେଇ ଲୁଚାଇ ରଖିଛନ୍ତି। ଇତିହାସର ଏହି କଥା ସେତେବେଳେ ପ୍ରତ୍ୟକ୍ଷ ଭାବେ ଘଟୁଥିଲା। ହେଲେ ଏବେ ପରୋକ୍ଷ ଭାବେ ଏହି ଧାରା ଅବ୍ୟାହତ ରହିଛି। ଶ୍ରୀମନ୍ଦିର ଆଉ ଶ୍ରୀଜଗନ୍ନାଥଙ୍କୁ ବାରମ୍ବାର ଅପମାନିତ କରାଯାଉଛି, ଯାହାକି କୌଣସି ଆକ୍ରମଣଠାରୁ କମ୍ ନୁହେଁ। ନିକଟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରା ଶ୍ରୀମନ୍ଦିରକୁ ନେଇ ଏକ ବିବାଦୀୟ ଟିପ୍ପଣୀ ଦେଇଥିଲେ। ପରେ କ୍ଷମା ମାଗିବା ସହ ଉକ୍ତ ଭିଡିଓକୁ ଡିଲିଟ୍ କରିଥିଲେ ବି ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ଲାଗି ରହିଛି। ଖାଲି ଏହି ଗୋଟିଏ ଉଦାହରଣ ନୁହେଁ, ଏମିତି ପୁଳାପୁଳା ଉଦାହରଣ ରହିଛି। ରାଜ୍ୟ ସମେତ ଦେଶବିଦେଶରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରାଯାଉଛି। ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ କଦର୍ଥ କରାଯାଉଥିବା ବେଳେ ଏହା ଉପରେ କ'ଣ ପୂର୍ଣ୍ଣଚ୍ଛେଦ ପଡ଼ିପାରିବ ନାହିଁ? ଏହି ପ୍ରଶ୍ନ ଏବେ ବିଭିନ୍ନ ମହଲରେ ଉଙ୍କି ମାରୁଥିବା ବେଳେ ସମସ୍ତଙ୍କ ମୁହଁରେ ଗୋଟିଏ କଥା - ଆଉ କେତେ ସହିବା?

ଶ୍ରୀଜଗନ୍ନାଥ ସଂସ୍କୃତିକୁ ଇସ୍କନ ବାରମ୍ବାର ଅପମାନିତ କରୁଛି। ଅଦିନରେ ଦେଶ, ବିଦେଶରେ ବିଭିନ୍ନ ଜାଗାରେ ଆୟୋଜନ କରୁଛି ରଥଯାତ୍ରା। ଏହି ବିବାଦ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଥମିନାହିଁ। ନିକଟରେ ଇସ୍କନ ଭାରତ ଏବଂ ବିଦେଶର ସମସ୍ତ ମନ୍ଦିରରେ ଶାସ୍ତ୍ରୋକ୍ତ ତିଥି (ଜ୍ୟେଷ୍ଠ ପୂର୍ଣ୍ଣିମା)ରେ ସ୍ନାନଯାତ୍ରା ପାଳନ କରିବାକୁ ସମ୍ମତ ହୋଇଥିଲେ ମଧ୍ୟ ଶାସ୍ତ୍ର ଓ ପାରମ୍ପରିକ ନିର୍ଦ୍ଧାରିତ ତିଥି ଅନୁଯାୟୀ ଅର୍ଥାତ୍ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିଠାରୁ ଆରମ୍ଭ ହେଉଥିବା ନଅଦିନ ମଧ୍ୟରେ ଭାରତ ବାହାରେ ରଥଯାତ୍ରା ପାଳନ କରିବା ନିଷ୍ପତ୍ତି ସହିତ ସହମତ ହୋଇପାରିନାହିଁ। ଏହାକୁ ନେଇ ବିବାଦ ରହିଥିବା ବେଳେ ଇସ୍କନ ବାରମ୍ବାର ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଅବମାନନା କରିଆସୁଛି। ଏହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ ଇସ୍କନର ମନମାନିକୁ ବିରୋଧ କରୁଛନ୍ତି। ପ୍ରତ୍ୟେକ ଧାର୍ମିକ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ତିଥି ଓ ତାରିଖ ରହିଛି। ଏହାକୁ ସମସ୍ତେ ମାନିବା ଦରକାର। ରଥଯାତ୍ରା ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ପାଳିତ ହୋଇଥାଏ। ଏହା ସ୍କନ୍ଦ ପୁରାଣରେ ମହାପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ। ଅଦିନରେ ଏବଂ ଅତିଥିରେ ରଥଯାତ୍ରା ଆୟୋଜନ କରାଯାଇ ଶ୍ରୀଜଗନ୍ନାଥ ସଂସ୍କୃତି, ସନାତନ ହିନ୍ଦୁ ସମାଜ, ଭକ୍ତ ଏବଂ ଦେଶର ଘୋର ଅପମାନ ସହ ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରାଯାଉଛି। ତେଣୁ ଏଭଳି ମନମୁଖୀ କାର୍ଯ୍ୟରୁ ଇସ୍କନ ଦୂରେଇ ରହିବାକୁ ଦାବି କରିଆସୁଛନ୍ତି ଭକ୍ତ ଓ ସେବାୟତ।

ସେହିପରି ମହାପ୍ରଭୁ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଭିନ୍ନ ଉପାୟରେ ଅପମାନିତ କରାଯାଉଛି। ପୂର୍ବରୁ ମହାପ୍ରଭୁଙ୍କ ଚିତ୍ରକୁ ନେଇ ଅନେକ ବ୍ୟଙ୍ଗାତ୍ମକ ଢଙ୍ଗରେ ଚିତ୍ରଣ କରାଯାଇଛି। କାର୍ ଏବଂ ଅନ୍ୟ ଗାଡ଼ିରେ ଠାକୁରଙ୍କୁ ବସାଇ ରଥଯାତ୍ରା କରିବା,



ରଥରେ ସୁଖୋଇ ବିମାନର ଟାୟାର ଲାଗାଯିବା, ମହିଳାଙ୍କ ବିଭିନ୍ନ ପୋଷାକରେ ଜଗନ୍ନାଥଙ୍କ ଫଟୋ ରହିବା, ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦ ଉପୁଜିଥିବାର ନଜିର ରହିଛି। ଏଭଳି ସ୍ଥିତିରେ ଏବେ ପୁଣି ଶୁଭଙ୍କର ମିଶ୍ରାଙ୍କ ବିବାଦୀୟ ଟିପ୍ପଣୀ ଭକ୍ତ ଓ ସେବାୟତଙ୍କ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଶୁଭଙ୍କର ନିଜ ପଡ୍‌କାଷ୍ଟରେ କହିଛନ୍ତି ଯେ ଯଦି କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଆନ୍ତି, ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା' ରାଧାରାଣୀ ପ୍ରଭୁ ଜଗନ୍ନାଥ ରୂପରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଥିବା ବେଳେ ସେବାୟତମାନେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ। ସେମାନେ କହିଥିଲେ ଯେ ମନ୍ଦିର ଭିତରକୁ ଭଗବାନଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଏଥିରେ କ୍ରୋଧିତ ହୋଇ ମା' ରାଧାରାଣୀ ଅଭିଶାପ ଦେଇଥିଲେ ଯେ ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କର ସମ୍ପର୍କ ଭାଙ୍ଗିଯିବ ଏବଂ ବିବାହ ହୋଇପାରିବ ନାହିଁ। ଶୁଭଙ୍କରଙ୍କ ଏହି ବିବାଦୀୟ ଟିପ୍ପଣୀ ପାଇଁ ତାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ସେବାୟତ ଏତଲା ଦେଇଥିବା ବେଳେ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅବଶ୍ୟ ବିରୋଧ ବଢ଼ିବା ପରେ ଶୁଭଙ୍କର କ୍ଷମା ପ୍ରାର୍ଥନା କରିଛନ୍ତି।

ଜଗନ୍ନାଥ ସଂସ୍କୃତିକୁ ଜାଣିଶୁଣି ଅପମାନିତ କରାଯାଉଛି ଏବଂ ଏହା ପଛରେ ଷଡ଼ଯନ୍ତ୍ର ଥିବା ଅନେକ ଶ୍ରଦ୍ଧାଳୁ ଅଭିଯୋଗ କରୁଛନ୍ତି। ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରାଯାଉଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେବାକୁ ଭକ୍ତମାନେ ଦାବି କରିଛନ୍ତି।


# କିଟ୍‌କୁ 'ବେଷ୍ଟ ଇମର୍ଜିଂ ୟୁନିଭର୍ସିଟି' ପୁରସ୍କାର




ଭୁବନେଶ୍ୱର, ୪।୧୨ (ସମିସ): ପୁଡୁଚେରୀରେ ଅନୁଷ୍ଠିତ ୫୫ତମ ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍ନିକାଲ୍ ଏଜୁକେସନ୍(ଆଇଏସ୍‌ଟିଇ) ଜାତୀୟ ଅଧ୍ୟାପକ ସମ୍ମିଳନୀରେ କିଟ୍ ବିଶ୍ୱବିଦ୍ୟାଳୟକୁ ଶ୍ରେଷ୍ଠ ଉଦୀୟମାନ ବିଶ୍ୱବିଦ୍ୟାଳୟ (ବେଷ୍ଟ ଇମର୍ଜିଂ ୟୁନିଭର୍ସିଟି') ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନ ଭାରତର ସବୁଠାରୁ କ୍ରିୟାଶୀଳ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ ଭାବେ କିଟ୍ ବିଶ୍ୱବିଦ୍ୟାଳୟର ନିରନ୍ତର ବୃଦ୍ଧିକୁ ସୂଚାଉଛି। ଦୀର୍ଘ ବର୍ଷ ଧରି କିଟ୍ ଶୈକ୍ଷିକ ଉତ୍କର୍ଷତା, ଅନ୍ତର୍ଭୁକ୍ତୀମୂଳକ ଅଭିବୃଦ୍ଧି, ସଂପ୍ରଦାୟ ସେବା ଓ ସ୍ଥାୟୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତା ପାଇଁ ପ୍ରଶଂସା ଅର୍ଜନ କରି ମୂଲ୍ୟବୋଧ ଓ ସାମାଜିକ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇ ଆସିଛି। ବୈଷୟିକ ଶିକ୍ଷା ଓ ପ୍ରତିଷ୍ଠାନ ବିକାଶରେ କିଟ୍‌ର ଅବଦାନକୁ ସ୍ୱୀକୃତି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଇଏସଟିଇକୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହାସହ ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠାର ସହ ଏହି ସଫଳତାକୁ ସମ୍ଭବ କରିଥିବାରୁ ଶ୍ରୀ ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

# ମା’ ମହାଲକ୍ଷ୍ମୀ ପୀଠରେ ବାର୍ଷିକ ଉତ୍ସବ

**ପାଣିକୋଇଲି, ୪।୧୨(ସମିସ):** ପବିତ୍ର ପଣ୍ଡୁ ପୂର୍ଣ୍ଣିମା ଅବସରରେ ପାଣିକୋଇଲିର ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ମା’ ମହାଲକ୍ଷ୍ମୀଙ୍କ ବିଗ୍ରହ ସ୍ଥାପନାର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ବେଦ ପ୍ରକାଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅରୁପାନନ୍ଦ କର, ବ୍ରହ୍ମାନନ୍ଦ ଦାଶ, ପ୍ରଭାକର ପାଣିଗ୍ରାହୀ, ତପନ ମିଶ୍ର, ଅମରେଶ ପଣ୍ଡା ପ୍ରମୁଖ ପ୍ରତ୍ୟୁଷରୁ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଦେବଦତ୍ତ ରାୟ ଓ ଗାୟତ୍ରୀ ରାୟ ସଂକଳ୍ପ କରିଥିବାବେଳେ ମା’ଙ୍କ ପୂଜା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଏକ ସୁସଜ୍ଜିତ ପାଲିଙ୍କିରେ ମା’ଙ୍କ ପ୍ରତୀମାକୁ ନାମ ସଂକୀର୍ତ୍ତନ ସହିତ ଗ୍ରାମ ପରିକ୍ରମା କରାଯିବା ସହିତ ମା’ ଜାଗୁଲାଇ ଓ ମା’ ହିଙ୍ଗୁଳାଙ୍କ ପୀଠକୁ ନିଆଯାଇଥିଲା। ସେଠାରେ ମା’ ଲକ୍ଷ୍ମୀ ଭୋଗ ପାଇବା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏ ଅବସରରେ ନାଗାବାବାଙ୍କ ଧୂନି ନିକଟରେ ଦର୍ଶକଙ୍କ ଭିଡ଼ ଜମିଥିଲା। ବହୁ ସାଧୁସନ୍ଥଙ୍କ ଆଗମନ ହୋଇଥିଲା। ଏହି କାର୍ଯ୍ୟକ୍ରମ ସହିତ ଅନୁଷ୍ଠାନ ପକ୍ଷରୁ ଶିକ୍ଷାବିତ୍ ଡକ୍ଟର ଅଭୟ ପତି, ଆଇନଜୀବୀ ତଥା ଜେମ୍ସ ସ୍କୁଲର ସଭାପତି ଅସ୍ମିତା ପତି, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସମ୍ବାଦ ଡିଜିଏମ ଗଦାଧର ପଣ୍ଡା, ସମ୍ବାଦ ଜିଲ୍ଲା ପ୍ରତିନିଧି ମନୋଜ ରାଉଳ, କର୍ତ୍ତବ୍ୟ ନ୍ୟୁଜର ସମ୍ପାଦକ ରାଜେଶ କୁମାରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚକ ଜିତୁ ଦାଶଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ସଂଖ୍ୟକ ହେଲାକ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପଞ୍ଚାନନ ଓଝା, ଅରୁପାନନ୍ଦ ମଲ୍ଲିକ, ଦିଲ୍ଲୀପ ମଲ୍ଲିକ, ଅଶ୍ରୁମୋଚନ ରାଉତ, ଭାଗ୍ୟଧର ରାୟଙ୍କ ସମେତ ଅଳତିରି ଗ୍ରାମର ବହୁ ଗୌର ଭକ୍ତ ଯୋଗ ଦେଇଥିଲେ।



# ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ବରୀ, ୪।୧୨(ସମିସ):** ବରୀ ଶିକ୍ଷାମଣ୍ଡଳ ଅଧୀନସ୍ଥ ରାମପୁର ଉଚ୍ଚବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତହସିଲଦାର ଦୀପ୍ତିମୟୀ ବେହେରା ଯୋଗ ଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. କୁମରବର ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବାବେଳେ ମଣ୍ଡଳ ଶିକ୍ଷାଧିକାରୀ ପ୍ରତିଶ୍ରୁତି ସିଂ ଅଧକ୍ଷତା ଓ ପ୍ରଧାନଶିକ୍ଷକ ନିର୍ମଳ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର ପତି, ଇନ୍ଦ୍ରମଣି ନାୟକ, ପ୍ରମୋଦ ଦାସ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଜଳଧର ଖଟୁଆ, ସଂଯୁକ୍ତା ମିଶ୍ରଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ସହଯୋଗ କରିଥିଲେ। ବରୀ ଶିକ୍ଷାମଣ୍ଡଳର ସମସ୍ତ ସାଧନକେନ୍ଦ୍ର ସଂଯୋଜକ ଯୋଗଦେବା ସହିତ ପ୍ରକଳ୍ପ ପ୍ରଦର୍ଶନୀକୁ ପରିଚାଳନା କରିଥିଲେ। ବିଚାରପତି ଭାବେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ନାରାୟଣ ଶାସନି, ଅଧ୍ୟାପିକ ରାଜଲକ୍ଷ୍ମୀ ଦାସ, ସୀତାକାନ୍ତ ପଣ୍ଡା ଓ ନାରାୟଣ ମଲିକ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଜୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି ସଭାପତି ନକୁଳ ଚରଣ ଦାସ ଓ କେଦାର ଚରଣ ସାମଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

● ଅଳକୁଣ୍ଡ ଥାନାରେ ହାତାହାତି ଘଟଣା

# ଥାନାଧିକାରୀ ଓ ଏଏସଆଇଙ୍କ ବଦଳି

**ବିଞ୍ଝାରପୁର,୪।୧୨(ସମିସ):** ବିଞ୍ଝାରପୁର ବ୍ଲକ୍ ଅଳକୁଣ୍ଡ ଥାନା ଆଇଆଇସି ଦେବାଶିଷ ଶତପଥୀ ଓ ଏଏସଆଇ ପ୍ରକାଶ ସିଂହଙ୍କ ମଧ୍ୟରେ ଲାଞ୍ଚ ଟଙ୍କାକୁ ନେଇ ହୋଇଥିବା ଗଣ୍ଡଗୋଳ ଘଟଣାରେ ଯାଜପୁର ଏସପି ଉଭୟଙ୍କୁ ବଦଳି କରିଛନ୍ତି। ଉଭୟଙ୍କ ମଧ୍ୟରେ ଘଟିଥିବା ହାତାହାତି ଘଟଣାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ ମଲ୍ଲିକଙ୍କୁ ଅଳକୁଣ୍ଡ ଥାନା ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାର ତଦନ୍ତ ଏସଡିପିଓ ପ୍ରଶାନ୍ତ ମାଝୀ କରୁଥିବାବେଳେ ସିସିଟିଭି ଫୁଟେଜକୁ ଆଧାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାଯାଇଛି। ଏହି ଘଟଣା ଏସଡିପିଓ ପ୍ରଶାନ୍ତ କୁମାର ମାଝି ତଦନ୍ତ କରୁଥିବାବେଳେ ଏହାର ସବିଶେଷ ତଥ୍ୟ ଦେବା ପରେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଅଳକୁଣ୍ଡ ଥାନା ଥାନା ଅଧିକାରୀ ଦେବାଶିଷ ଶତପଥୀ ଓ ଏଏସଆଇ ପ୍ରକାଶ ସିଂହଙ୍କ ମଧ୍ୟରେ ଲାଞ୍ଚ ଟଙ୍କା ଆଦାୟକୁ ନେଇ ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିଲେ। ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ ହୋଇଥିଲା। ଏସଡିପିଓ ପ୍ରଶାନ୍ତ ମାଝୀ ମଙ୍ଗଳବାର ସନ୍ଧ୍ୟାରେ ଅଳକୁଣ୍ଡ ଥାନାରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଫେରିଯିବା ପରେ ଆରକ୍ଷୀ ଅଧୀକ୍ଷକ ଶ୍ରୀମଲ ଅଧିକାରୀଙ୍କୁ ଦ୍ୱୟଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରିଛନ୍ତି।




● ମାଡ଼ ମାରି ଆଖି ନଷ୍ଟ ମାମଲାରେ ବରୀ ପୁଲିସ ଚୁପ୍

# ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଲେ ପୀଡ଼ିତ ପରିବାର

**ପାଣିକୋଇଲି,୪।୧୨(ସମିସ):** ଗୋଟିଏ ଆଖି ନଷ୍ଟ କରିବା ପରେ ଅନ୍ୟ ଆଖି ତାଡ଼ି ଦେବାକୁ ଧମକ ଦେବା ପରେ ବି ବରୀ ପୁଲିସ ଚୁପ୍ ବସିଛି। ଶେଷରେ ନିରାଶ ହୋଇ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତ ପରିବାର। ବରୀ ଥାନା ଅନ୍ତର୍ଗତ ନାଥପୁରପାଟଣା ଗ୍ରାମର ମଧୁସୂଦନ ଓଝାଙ୍କ ଅଭିଯୋଗ ମୁତାବକ ସାମାନ୍ୟ ବଚସାକୁ ନେଇ ତାଙ୍କ ପଡ଼ୋଶୀ ଚଗଲା ଜେନା ଓ ତାଙ୍କ ସ୍ତ୍ରୀ ତାଙ୍କୁ ବାଟରେ ଅଟକାଇ ମାଡ଼ ମାରି ଗୋଟିଏ ଆଖି ନଷ୍ଟ କରିଦେଇଥିଲେ। ତାଙ୍କର ପୁଅ ନ ଥିବାରୁ ତାଙ୍କ ଭାଇଁ ଆସି ତାଙ୍କୁ ଡାକ୍ତରଖାନା ନେଇ ଚିକତ୍ସା କରିଥିଲେ ବି ଗୋଟିଏ ଆଖି ନଷ୍ଟ ହୋଇଯାଇଛି। ବରୀ ଥାନାରେ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅପରପକ୍ଷେ ଅଭିଯୁକ୍ତମାନେ ଅନ୍ୟ ଆଖି ତାଡ଼ି ଦେବାକୁ ଧମକ ଦେଉଛନ୍ତି। ଫଳରେ ଥାନାରୁ ନ୍ୟାୟ ନ ପାଇ ଶେଷରେ ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡିଛନ୍ତି ମଧୁସୂଦନ ଓ ତାଙ୍କ ସ୍ତ୍ରୀ।

# ଅବହେଳିତ କୁଆଁସ ମଙ୍ଗଳା ଶକ୍ତିପୀଠ

**ଦଶରଥପୁର, ୪।୧୨(ସମିସ):**

ଯାଜପୁର ଜିଲ୍ଲାର ପ୍ରମୁଖ ଧାର୍ମିକ ସ୍ଥଳୀ ମଧ୍ୟରୁ ଦଶରଥପୁର ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଠାରୁ ଅନତି ଦୂରରେ ଅବସ୍ଥିତ କୁଆଁସ ମଙ୍ଗଳା ପୀଠ ଅନ୍ୟତମ ଶକ୍ତିପୀଠ। ଏଠାରେ ମଙ୍ଗଳମୟୀ ମା’ ମଙ୍ଗଳା କେଉଁ ଆବାହମାନ କାଳରୁ ପୂଜା ପାଇ ଆସୁଛନ୍ତି। ବିଶ୍ୱାସ ରହିଛି ଯଦି କେହି ଭାବ ଭକ୍ତିରେ ମା’ଙ୍କ ଆରାଧନା କରେ ତେବେ ମା’ ସେମାନଙ୍କ ସକଳ ମନବାଞ୍ଛା ପୂର୍ଣ୍ଣ କରିଥାଆନ୍ତି। ମା’ଙ୍କର ଅନେକ ମହିମା ରହିଛି।



ମନ୍ଦିର ନିର୍ମାଣ ସମୟରେ ପାତାଳି ମହାଦେବଙ୍କ ଆବିର୍ଭାବ ହୋଇଥିଲା। ଗୋଟିଏ ସ୍ଥାନରେ ମହାଦେବ ଏବଂ ମା’ ମଙ୍ଗଳା ଅଥବା ପାର୍ବତୀଙ୍କ ଆବିର୍ଭାବ ଅନନ୍ୟ। ସେହିପରି ପୂର୍ବ କାଳରେ ନିକଟସ୍ଥ ଲୋକଙ୍କୁ ରାନ୍ଧି ଖାଇବାକୁ ବାସନ ମିଳୁନଥିଲା। ସେମାନେ ମା’ଙ୍କ ନିକଟରେ ଗୁହାରି କରିଥିଲେ। ମା’ ସେମାନଙ୍କ ଗୁହାରୀ ଶୁଣି ସବୁପ୍ରକାର ଖାଦ୍ୟ ସାମଗ୍ରୀ ସହିତ ନିକଟରେ ଥିବା ବଡ଼ ପୋଖରୀରେ ବାସନ ଭସାଇ ଲୋକଙ୍କ ଆବଶ୍ୟକତା ପୂରଣ କରୁଥିଲେ। କୁଆଁସ ଗ୍ରାମର ବାସିନ୍ଦା କୁହନ୍ତି ମା’ କୁଆଁସ ମଙ୍ଗଳା ଯୋଗୁ ସେମାନଙ୍କୁ ଏପର୍ଯ୍ୟନ୍ତ କେବେ କୌଣସି ବଡ଼ ବିପଦ ଛୁଇଁ ପାରିନାହିଁ। ଯଦିବା ବିପଦ ଆସେ ମା’ ମଙ୍ଗଳା ଗ୍ରାମବାସୀଙ୍କୁ ସବୁ ବିପଦରୁ ଉଦ୍ଧାର କରନ୍ତି। ଏହି ମନ୍ଦିରର ଏକ ଚମତ୍କାର ମହିମା ରହିଛି। ଯଦି କେହି ଭାବ ଭକ୍ତିରେ ନିଜର ଦୁଃଖକୁ ନେଇ ମା’ଙ୍କ ନିକଟରେ ଗୁହାରୀ କରିଥାଏ ମା’ ମଙ୍ଗଳା କାଳବିଳମ୍ବ ନକରି ସେମାନଙ୍କ ଦୁଃଖ ନିବାରଣ କରିଥାନ୍ତି। କିମ୍ବଦନ୍ତୀ ଅଛି ମା’ କୁଆଁସ ମଙ୍ଗଳା ସର୍ବଦୁଃଖ ହାରିଣୀ। ମାନବ ଜାତି ସମେତ ପଶୁପକ୍ଷୀମାନଙ୍କୁ ସନ୍ତାନ ଭଳି ପାଳନ କରିଥାନ୍ତି। ସେଥିପାଇଁ ଦିନରାତି ଶହ ଶହ ପ୍ରଜାତିର ପକ୍ଷୀ ମା’ଙ୍କ ମନ୍ଦିର ଏବଂ ଚତୁ ପାର୍ଶ୍ୱରେ ଥିବା ଗଛ ମାନଙ୍କରେ ନିଜର ଆଶ୍ରୟ ସ୍ଥଳି ଗଢିଛନ୍ତି।

ଅନେକ ବିଶ୍ୱାସ ଓ କିମ୍ବଦନ୍ତୀରେ ଭରପୁର ଏହି ପୀଠରେ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଭକ୍ତ ମା’ଙ୍କ ଦର୍ଶନ ଏବଂ ଆଶୀର୍ବାଦ ପାଇଁ ଧାଇଁଆସିଥାଆନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗିରହିଥାଏ। ସ୍ଥାନୀୟ ବାସିନ୍ଦା ଆଶ୍ୱିନ ମାସର ଆରମ୍ଭରୁ ପାଞ୍ଚପାଳି ଅବା ପାଞ୍ଚ ମଙ୍ଗଳବାର ଭକ୍ତମାନେ ମା’ ମଙ୍ଗଳାଙ୍କ ବିଗ୍ରହମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରିଥାଆନ୍ତି। ଏହି ଅବସରରେ ପ୍ରାୟ ଏକ ମାସ ଧରି ଏଠାରେ ସ୍ୱତନ୍ତ୍ର ମେଳା ଲାଗିଥାଏ। ମା’ଙ୍କ ମନ୍ଦିର ଭିତରର ପରିବେଶ ଯେତିକି ମନଲୋଭା, ତାହାଠୁ ଅଧିକ ସୁନ୍ଦର ମନ୍ଦିର ବାହାରର ଦୃଶ୍ୟ। ମନ୍ଦିର ଚତୁ ପାଶ୍ୱର୍ରେ ବଡ଼ ବଡ଼ ବଟ ବୃକ୍ଷ, ଅଶ୍ୱତ୍ଥ ବୃକ୍ଷ, ପୁଷ୍ପ ବୃକ୍ଷ ଏବଂ ଭରପୁର ସବୁଜିମା ପରିବେଶ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ।

କପୀଠରେ ବର୍ଷ ତମାମ ଭକ୍ତମାନଙ୍କ ଭିଡ଼ ଲାଗି ରହିଥାଏ। ପ୍ରତ୍ୟେକ ମାସର ସଂକ୍ରାନ୍ତି, ଅମାବାସ୍ୟା, ପୂର୍ଣ୍ଣିମା ତିଥିରେ ଦୂରଦୂରାନ୍ତରୁ ଶହ ଶହ ଭକ୍ତମାନଙ୍କ ଆଗମନ ହୋଇଥାଏ। ଯାଜପୁର ଟାଉନ ଠାରୁ ମନ୍ଦିର ଦୂରତା ପାଖାପାଖି ୧୫କିଲୋମିଟର। ତେବେ ଏହି ମନ୍ଦିରରେ ଆବଶ୍ୟକ ବିକାଶ ହୋଇନଥିବା ଅଭିଯୋଗ ହୁଏ। ମନ୍ଦିର କମିଟି ପକ୍ଷରୁ ଭକ୍ତଙ୍କ ବିଶ୍ରାମ ପାଇଁ ଆବଶ୍ୟକ ବନ୍ଦୋବସ୍ତ ନଥିବାରୁ ଏଠାକୁ ଆସୁଥିବା ଭକ୍ତଗଣ ମନ୍ଦିର ବେଢ଼ା ସମେତ ପଡ଼ିଆ ପରିସରରେ ଥିବା ବଟବୃକ୍ଷ କିମ୍ବା ଅନ୍ୟ ବୃକ୍ଷ ତଳେ ଥକ୍କା ମେଣ୍ଟାଇଥାନ୍ତି। ତେଣୁ ଏଠାରେ ବିକାଶ କରିବା ପାଇଁ ଦାବି ହୋଇଛି।

# ସୁକିନ୍ଦା କଲେଜ ଇତିହାସ ବିଭାଗର ଆଲୋଚନାଚକ୍ର

**ସୁକିନ୍ଦା,୪।୧୨(ସମିସ):** ସୁକିନ୍ଦା ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ “ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟର ଐତିହାସିକ ସମୀକ୍ଷା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ହିମାଂଶୁ ଦ୍ୱିବେଦୀ ଉଦଘାଟନୀ ଅଭିଭାଷଣରେ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟର ଐତିହ୍ୟ ଓ ସମୃଦ୍ଧ ପରମ୍ପରା ଉପରେ ଉଲ୍ଲେଖ କରିଥିବାବେଳେ କାର୍ଯ୍ୟକ୍ରମର ଆବାହକ ଅତିଥି ପରିଚୟ ପ୍ରଦାନ ଓ ସୁଚିତ୍ରା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ ଏହି ସେମିନାରରେ ମୟୂରଭଞ୍ଜ ଜିଲ୍ଲା ବାଇଗଣବାଡିଆସ୍ଥ ବିବି ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ଡଃ ଅରବିନ୍ଦ ବୋଷ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ ନୌବାଣିଜ୍ୟ ଖ୍ରୀଷ୍ଟପୂର୍ବ ୭ମଠାରୁ ଆରମ୍ଭ କରି ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ ଭାରତ ମହାସାଗରୀୟ ଦ୍ୱୀପ ରାଷ୍ଟ୍ରରେ ପ୍ରଭୁତ୍ୱ ବିସ୍ତାର କରିଥିଲା ବୋଲି ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିଥିଲେ। ଡଃ ବୋଷଙ୍କ ପୂର୍ବରୁ ଅନେକ ଛାତ୍ରଛାତ୍ରୀ ଏହି ବିଷୟ ସମ୍ବନ୍ଧୀୟ ନିଜର ପେପର ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଦେବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସେମିନାରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକଅଧ୍ୟାପିକା ଅଂଶଗ୍ରହଣ କରିଥିଲେ।

# ନକଲି ମଦ ଜବତ, ୨ କୋର୍ଟ ଚାଲାଣ

**ସୁକିନ୍ଦା,୪।୧୨(ସମିସ):** ଅବକାରୀ ବିଭାଗ ପକ୍ଷରୁ ସୁକିନ୍ଦାସ୍ଥ ବିଦେଶୀ ମଦ ଦୋକାନ ଉପରେ ଚଢ଼ଉ କରାଯାଇ ନକଲି ମଦ, ବିଭିନ୍ନ ନାମୀ କମ୍ପାନୀର ବୋତଲ ଓ ଠିପି ଜବତ କରାଯିବା ସହ ଏହି ଘଟଣାରେ ସଂପୃକ୍ତ ଦୁଇ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୁକିନ୍ଦା-ହାତୀବାରି ରାସ୍ତାର ଆମ୍ପଲବା ନିକଟରେ ଥିବା ବିଦେଶୀ ମଦ ଦୋକାନ (ଅଫ୍ ସପ୍)ରେ ନକଲି ବିଦେଶୀ ମଦ କାରବାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ବାରମ୍ବାର ଅଭିଯୋଗ ପରେ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଦିନ ଚଢ଼ଉ କରାଯାଇଥିଲା। ଚଢାଉ ସମୟରେ ଦୋକାନରୁ ୧୬ ଲିଟର ନକଲି ମଦ, ୭୦ଟି କ୍ୱାଟ ବୋତଲ, ୬୦ ଠିପି ସହ ବିଭିନ୍ନ ସରଞ୍ଜାମ ଜବତ ହୋଇଛି। ନକଲି ମଦ ପ୍ରସ୍ତୁତ କରୁଥିବା ତିନିଜଣ ଯୁବକଙ୍କ ମଧ୍ୟରୁ ଦୁଇଜଣ ଗିରଫ ହୋଇଥିବାବେଳେ ଅନ୍ୟ ଜଣେ ଖସି ପଳାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ମଦ ପ୍ରସ୍ତୁତ କରୁଥିବା ଅବସ୍ଥାରେ ଗିରଫ କର୍ମଚାରୀ ଦ୍ୱୟଙ୍କ ମଧ୍ୟରୁ ଜଣେ କଟକ ଜିଲ୍ଲା ଚୋଦ୍ୱାର ଥାନା ପଦନିଆ ଗ୍ରାମ ପ୍ରଭାକର ବେହେରାଙ୍କ ପୁଅ ସୁଧାକର ବେହେରା (୫୩) ଓ ଅନ୍ୟ ଜଣେ ସୁକିନ୍ଦା ଥାନା ରାଜଗୋଲା ଗ୍ରାମର ପୂର୍ଣ୍ଣଚନ୍ଦ୍ର କରଙ୍କ ପୁଅ ରାଜକିଶୋର କର(୫୦) ଓରଫ୍ ରାଜନ। ସେମାନଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ବିଭାଗ ପକ୍ଷରୁ ସସ୍ମିତା ହୋତା, ବିଭୁପ୍ରସାଦ ସାହୁ ଓ ଦେବାକାନ୍ତ ଆଚାର୍ଯ୍ୟଙ୍କ ସମେତ କିଛି କର୍ମଚାରୀ ସାମିଲ ଥିଲେ।

# ନଦୀରେ ବୁଡ଼ି ଜଣେ ମୃତ

**ଧର୍ମଶାଳା,୪।୧୧(ସମିସ):** କାଏମା ପଞ୍ଚାୟତର ଲକ୍ଷ୍ମୀସାହି ଗ୍ରାମ ନିକଟ କେଲୁଅ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଲକ୍ଷ୍ମୀସାହିର ରଞ୍ଜନ ଗାହାଣ (୫୬) ବୋଲି ଜଣାପଡ଼ିଛି। ରଞ୍ଜନ ଆଜି ଦିନ ୨ଟା ସମୟରେ ନିକଟସ୍ଥ କେଲୁଅ ନଦୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ତାଙ୍କୁ ପାଇ ନ ଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ନଦୀରୁ ଉଦ୍ଧାର କରାଯାଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭାଗବତ ସେବାଶ୍ରମକୁ ସାରସ୍ୱତ ତୀର୍ଥ ମାନ୍ୟତା

**ପ୍ରୀତିପୁର,୪।୧୨(ସମିସ):** ବିଂଝାରପୁରରେ ପ୍ରତିଷ୍ଠିତ ବହୁ ପ୍ରାଚୀନ ଅନୁଷ୍ଠାନ ଭାଗବତ ସେବାଶ୍ରମର ପ୍ରତିଷ୍ଠାତା ସାଧକ ବଳରାମ ବାନପ୍ରସ୍ଥୀଙ୍କ ୨୯ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ସାରସ୍ୱତ ତୀର୍ଥର ମାନ୍ୟତା ଦିଆଯାଇଛି। ଆଶ୍ରମର ଉପଦେଷ୍ଟା ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ବୌଦ୍ଧିକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ସାଧକ ବଳରାମ ବାନପ୍ରସ୍ଥୀ ସମ୍ମାନ ବିଶିଷ୍ଟ ଗବେଷକ ସାହିତ୍ୟିକ ଡଃ ଚିତ୍ତରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ସାଧକ ବାନପ୍ରସ୍ଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ଭାଗବତ ସେବାଶ୍ରମକୁ ଅଖିଳ ଚକ୍ରର ସମ୍ପାଦକ ତଥା ସଭାର ସଭାପତି ହରେକୃଷ୍ଣ ପଣ୍ଡା ଓ ଅନ୍ୟ କର୍ମକର୍ତ୍ତା ସାରସ୍ୱତ ତୀର୍ଥର ମାନ୍ୟତା ଘୋଷଣା କରି ଫଳକ ସ୍ଥାପନ କରିଥିଲେ।

ଅଖିଳଚକ୍ରର ଉପସଭାପତି ପ୍ରାଧ୍ୟାପକ ପ୍ରସନ୍ନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସମଗ୍ର ବିଂଝାରପୁର ଅଂଚଳରେ ବାନପ୍ରସ୍ଥୀ ୧୯୫୬ରୁ ଯଜ୍ଞ ଓ ଭାଗବତ ପ୍ରବଚନ ମାଧ୍ୟମରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ୭୬ ବର୍ଷ ଧରି ଏଠାରେ ସାରସ୍ୱତ ମେଳାର ଆୟୋଜନ ହୋଇଆସୁଥିବାରୁ ଏହି ପୀଠଟି ଏବେ ତୀର୍ଥରେ ପରିଣତ ହୋଇଛି। ସମ୍ବର୍ଦ୍ଧିତ ପ୍ରତିଭା ଡଃ ଚିତ୍ତରଞ୍ଜନ ବେହେରା ଆଲୋଚନାରେ ଅଂଶଗ୍ରହଣ କରି ଭାଗବତ ସମାଜରେ ବ୍ୟକ୍ତିଙ୍କ ମଧ୍ୟରେ ସହନଶୀଳତା ଓ ସମର୍ପଣ ମନୋଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ। ଡଃ ଶ୍ରୀହରି ଧଳ ସାଧୁସନ୍ଥଙ୍କ ବାସ୍ତବ ଚରିତ୍ର ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ଅଧ୍ୟାପକ ଅଜୟ ଓଝା, ଶିକ୍ଷାବିତ ଅଟଳବିହାରୀ ନାୟକ, ସମାଜସେବୀ ସନ୍ତୋଷ ବେଉରିଆ, କବି ସୁବାସ ସାହାଣୀ, ସାମ୍ବାଦିକ ଅଜୟ ଦାସ, ଭକ୍ତ ଗୌରାଙ୍ଗ ନାୟକ, ପ୍ରଧାନଶିକ୍ଷକ ନାରାୟଣ ଦାସ ପ୍ରମୁଖ ଭାଗବତ ଉପରେ ଆଲୋଚନା କରିବା ସହିତ ବାନପ୍ରସ୍ଥୀଙ୍କ ସ୍ମୃତିଚାରଣ କରିଥିଲେ। ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହିତ ଘୋଷଣା କରାଯାଇଥିବା ସାରସ୍ୱତ ତୀର୍ଥର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଶ୍ରମ ପରିଚାଳନା କମିଟି ପକ୍ଷରୁ ମନୋଜ ପୋଥାଳ, ସୁରେନ୍ଦ୍ର ନାୟକ, ଗୋବର୍ଦ୍ଧନ ସାହୁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ପାଳିତ



**ଯାଜପୁର, ୪।୧୨(ସମିସ):** ଲିଙ୍ଗଭିତ୍ତିକ ହିଂସା ରୋକିବା ଉଦ୍ଦେଶ୍ୟ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଛି। ନଭେମ୍ବର ୨୫ରୁ ଡିସେମ୍ବର ୧୦ ଯାଏଁ ହେଉଥିବା ଜିଲ୍ଲାସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯାଜପୁର ଜିଲ୍ଲାରେ ମହିଳା ହିଂସା ରୋକିବାକୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ଏ ଦିଗରେ ଥିବା ଆହ୍ୱାନ ଓ ସମାଧାନକୁ ବୈଠକରେ ଉପସ୍ଥାପନ କରିଥିଲେ। ଲିଙ୍ଗଗତ ହିଂସା ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଓ ପଦକ୍ଷେପ ଗ୍ରହଣ କରାଯାଉଛି, ଯେଉଁଥିରେ ମିଶନ ଶକ୍ତି, ଶକ୍ତି ୱାନଷ୍ଟପ ସେଣ୍ଟର, ମହିଳା ସହାୟତା ନମ୍ବର ୧୮୧ ଓ ୧୦୯୧ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ। ଲିଙ୍ଗ ଅନୁପାତକୁ ଉନ୍ନତ କରିବା ପାଇଁ ପ୍ରୟାସ କରାଯାଉଛି ଓ ଆଶା, ଅଙ୍ଗନବାଡ଼ି କର୍ମୀଙ୍କ ମାଧ୍ୟମରେ ତଥ୍ୟ ସଂଗ୍ରହ ସହ ସଚେତନତା ସୃଷ୍ଟି କରାଯାଉଛି। ଲିଙ୍ଗଗତ ହିଂସାର ଶିକାର ହୋଇଥିବା ମହିଳାଙ୍କୁ କାଉନସେଲିଂ କରାଯାଉଛି। କର୍ମକ୍ଷେତ୍ରରେ ଲିଙ୍ଗଗତ ହିଂସାକୁ ବନ୍ଦ କରିବାକୁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବିଭାଗରେ ଅନ୍ତରୀଣ କମିଟି କରାଯାଇଛି। ସେହିଭଳି ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ପରୀ କାର୍ଯ୍ୟକ୍ରମ, ଶକ୍ତି ଟିମ୍ ଓ ପିଙ୍କ୍ ପୁଲିସ ପାଟ୍ରୋଲିଂ ଏହି ଦିଗରେ ବିଶେଷ ସହାୟକ ହେଉଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ମହିଳାଙ୍କୁ ମାଗଣା ଆଇନ ସେବା ଯୋଗାଇବା ସହ ଲିଙ୍ଗଭିତ୍ତିକ ହିଂସା ସମ୍ପର୍କିତ ଆଇନ ଉପରେ ସଚେତନତା ସୃଷ୍ଟି କରୁଛି। ସମ୍ମାନର ସହ ବଞ୍ଚିବା ସମସ୍ତ ମହିଳା ଓ ଝିଅଙ୍କର ମୌଳିକ ଅଧିକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉପସ୍ଥିତ ଥିଲେ।

# ବୃଦ୍ଧାଙ୍କୁ ହତ୍ୟା ଘଟଣାରେ ପୁଅ ଅଟକ

**ବ୍ୟାସନଗର,୪।୧୨(ସମିସ):** କଳୁଷିତ ହେବାରେ ଲାଗିଛି ପାରିବାରିକ ସମ୍ପର୍କ। ରକ୍ତ ସମ୍ପର୍କ ଏବେ ତୁଚ୍ଛ ପାଲଟିଛି। ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ପହଙ୍ଗା ଗ୍ରାମରେ ଦେଖିବାକୁ ମିଳିଛି। ନିଜ ଜନ୍ମ କଲା ମାଆକୁ ହତ୍ୟା କରିବା ଅଭିଯୋଗରେ ଜଣେ ଯୁବକକୁ ଯାଜପୁରରୋଡ୍ ଆଦର୍ଶ ଥାନା ପୁଲିସ ଅଟକ ରଖିଛି। ଯାଜପୁରରୋଡ୍ ଆଦର୍ଶ ଥାନା ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରହଙ୍ଗା ପଞ୍ଚାୟତର ଗୁରୁବାରୀ ବିନ୍ଧାଣିଙ୍କୁ ତାଙ୍କ ପୁଅ କୃଷ୍ଣ ବିନ୍ଧାଣି ଗତ ୩ ତାରିଖ ମଧ୍ୟ ରାତ୍ରରେ ହତ୍ୟା କରିଥିବା ନେଇ କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଓସ୍ତପୁରା ଗ୍ରାମର ବୁଦୁନି ବିନ୍ଧାଣି ଯାଜପୁର ରୋଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଯାଜପୁରରୋଡ୍ ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହିତ ଗୁରୁବାର ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ମୁଖ୍ୟ ଅଭିଯୁକ୍ତ ଗୁରୁବାରୀଙ୍କ ପୁଅ କୃଷ୍ଣକୁ ଅଟକ ରଖିଛି। ମୃତଦେହ ଜବତ କରି ପୁଲିସ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବାବେଳେ ଏନେଇ ଅଧିକ ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି।

# କାମଧେନୁ ଯୋଜନାରେ ଗୋ-ଚାଷୀ ଶୋଷଣର ଶିକାର

**କୁଆଖିଆ, ୪।୧୨(ସମିସ):**

ଗୋପାଳନ କରୁଥିବା ଚାଷୀଙ୍କ ଉନ୍ନତି ପାଇଁ ସରକାର କାମଧେନୁ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଗାଈ ଓ ବାଛୁରୀ ପାଇଁ ଗୁହାଳ ନିର୍ମାଣ କରିବା ସହିତ ଦୁଇଟି ଉନ୍ନତ ପ୍ରଜାତିର ଗାଈ ଏହି ଯୋଜନାରେ ମିଳୁଛି। ଏହାର ପ୍ରକଳ୍ପ ମୂଲ୍ୟ ୨,୩୦,୪୦୦ ଟଙ୍କା ରହିଥିବାବେଳେ ହିତାଧିକାରୀ ଚାଷୀ ମହିଳା, ଅନୁସୂଚିତ ଜାତି କିମ୍ବା ଜନଜାତି କିମ୍ବା ଶାରିରୀକ ଭିନ୍ନକ୍ଷମ ହୋଇଥିଲେ ୭୦ ପ୍ରତିଶତ ଓ ସାଧାରଣ ବର୍ଗର ଚାଷୀଙ୍କ ପାଇଁ ୬୦ ପ୍ରତିଶତ ସବସିଡ୍ ରହିଛି। ଏଥିପାଇଁ ଗୋ ସୁଗମ ପୋର୍ଟାଲରେ ଆବେଦନ କରିବାକୁ ପଡ଼େ। ବାହାର ରାଜ୍ୟରେ ଥିବା ପଞ୍ଜିକୃତ ଫାର୍ମରୁ ଗାଈ କିଣାଯାଇଥାଏ। ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଓ ହରିୟାନା ପ୍ରଭୃତି ରାଜ୍ୟରୁ ଗାଈ କିଣାଯାଉଛି। ଏହି ଗାଈ କିଣିବାରେ ଚାଷୀ ଶୋଷଣର ଶିକାର ହେଉଥିବା ଜଣାଯାଇଛି।

## ସବସିଡି ହଡ଼ପ କରୁଛନ୍ତି ଦଲାଲ

ବାହାର ରାଜ୍ୟରୁ ଗାଈ କିଣିବାକୁ ହେଲେ ଦଲାଲଙ୍କ ସହାୟତା ନେବାକୁ ପଡୁଛି। ଦଲାଲଙ୍କ ଦ୍ୱାରା କିଣା ଯାଉଥିବା ଗାଈ ପ୍ରକୃତ ମୂଲ୍ୟଠାରୁ ଅଧିକ ଅର୍ଥରେ କିଣାଯାଇ ଚାଷୀଙ୍କୁ ମିଳିବାକୁ ଥିବା ସବସିଡ୍‌କୁ ହଡ଼ପ କରାଯାଉଛି। ଯେଉଁ ଗାଈ ସେଠାରୁ ୬୦ ହଜାର ଟଙ୍କାରେ କିଣାଯାଉଛି, ତାହାର ପ୍ରକୃତ ମୂଲ୍ୟ ୩୦ରୁ ୩୫ ହଜାର ଟଙ୍କା ହେବ ବୋଲି ନାମ ପ୍ରକାଶ କରିବାକୁ ଅନିଚ୍ଛୁକ କିଛି ଗୋ-ଚାଷୀ କହିଛନ୍ତି। ଏଥିରେ ପ୍ରାଣୀ ପାଳନ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗ ଅଧିକାରୀଙ୍କ ହାତ ରହୁଛି। ଗାଈଗୁଡିକୁ ଏତେ ବାଟରୁ ଆଣିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି। କିଣିବା ସ୍ଥାନରେ ଯେଉଁ ଗାଈ ୧୨ରୁ ୧୪ ଲିଟର କ୍ଷୀର ଦେଉଛି, ଓଡ଼ିଶାକୁ ଆସିବା ପରେ ସେହି ଗାଈ ୧୦ ଲିଟର କମ୍ କ୍ଷୀର ଦେଉଛି। ଏତେ ବାଟ ଆଣିବା ପରେ ଗାଈ ଓ ବାଛୁରୀଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି ଓ ଚାଷୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏପରିକି କିଛି ଗାଈ ଓ ବାଛୁରୀ ମଧ୍ୟ ମରିଯାଉଛନ୍ତି। ସମସ୍ତ କାଗଜପତ୍ର ଠିକ୍ ଥିଲେ ମଧ୍ୟ ଗାଈ ଆଣୁଥିବାବେଳେ ବାଟରେ ଅନେକ ସ୍ଥାନରେ ବିନା କାରଣରେ ଚାନ୍ଦା ଦେଇ ଚାଷୀ ହତାଶ ହେଉଛନ୍ତି। ଏହି ଚାନ୍ଦାର ପରିମାଣ ବେଳେବେଳେ ୧୦ ହଜାର ଟଙ୍କାରୁ ଅଧିକ ହେଉଛି। ଏ ସମ୍ପର୍କରେ ରସୁଲପୁର ବ୍ଲକ୍ ଭିଏଏସ ଡ. ସନ୍ଦୀପ ବାରିକ କୁହନ୍ତି, ପରିବେଶ ସୁହାଉ ନ ଥିବାରୁ ବାହାର ରାଜ୍ୟରୁ ଆସୁଥିବା ଗାଈଙ୍କ କ୍ଷେତ୍ରରେ ଏପରି ହେଉଛି। ଚଳିତ ବର୍ଷ କାମଧେନୁ ଯୋଜନାରେ କିଣାଯାଇଥିବା ଗାଈଙ୍କ ମଧ୍ୟରୁ ୧୦ଟି ଗାଈ ଓ ବାଛୁରୀ ମୃତ୍ୟୁବରଣ କରିଥିବା ତାଙ୍କ ପାଖରେ ସୂଚନା ଅଛି ବୋଲି ଡଃ ବାରିକ କହିଛନ୍ତି।

# ବାଇକ୍‌କୁ ଧକ୍କା ଦେଲା କାର୍, ୨ ଆହତ

**ପାଣିକୋଇଲି,୪।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ତଳେ ଗୋଟିଏ ଦ୍ରୁତଗାମୀ କାର୍ ରଙ୍ଗରୁଟରେ ଆସି ଏକ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ଓ ସହଯାତ୍ରୀ ଆହତ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଏହି ଥାନା ଅନ୍ତର୍ଗତ ଅଳତିରି ଗ୍ରାମର ଚକ୍ରଧର ଓଝା ଓ ଅମୂଲ୍ୟ ଓଝା ବାଇକ୍‌ରେ ଏକ ବିବାହ ଭୋଜିରୁ ଘରକୁ ଫେରୁଥିବାବେଳେ ଓଭରବ୍ରିଜ ତଳେ ଏକ ଦ୍ରୁତଗାମୀ କାର୍ ଯାଜପୁର ରୋଡ୍ ପଟୁ ରଙ୍ଗରୁଟରେ ଆସି ଧକ୍କା ଦେବା ସହିତ ବାଇକ୍‌କୁ କିଛି ବାଟ ଘୋଷାଡ଼ି ନେଇଥିଲା। ଫଳରେ ଉଭୟ ଆହତ ହୋଇଥିଲେ। ବଡ଼ ଦୁର୍ଘଟଣାରୁ ଦୁଇ ଆରୋହୀ ବର୍ତ୍ତିଯାଇଥିଲେ ମଧ୍ୟ ବାଇକ୍‌ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଛି। ସ୍ଥାନୀୟ ଲୋକ ଦୁଇ ଆରେହୀଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ




**ବାରିକପୁର, ୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ ଠାରେ ଆଜି ମଣ୍ଡଳ ସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବିଡ଼ିଓ ଦେବଦତ ଦାସ, ମୁଖ୍ୟବକ୍ତା ଭାବେ ଇଂ.ଅଭୟ ସୂତାର, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ନିମନ୍ତ୍ରିତ ଅତିଥି ଭାବେ ସମିତିସଭ୍ୟ ସନ୍ତୋଷ ନାୟକ, ବିଜ୍ଞାନ ସଂଯୋଜକ ରବୀନ୍ଦ୍ର ମହାରଣା, ଏବିଓ ମଞ୍ଜୁଲା ନାୟକ, ବିଦ୍ୟୁତଲତା ନାୟକ ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳା ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଲମୁନା କମିଟି ବିଶ୍ୱନାଥ ବାରିକ, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, କୈଳାସ ଯେନା, ପରିଚାଳନା କମିଟି ସଭାପତି ଶକ୍ତିଶେଖର ଜେନା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବକ୍ତବ୍ୟ ଦେଇଥିଲେ । ପ୍ରଧାନଶିକ୍ଷକ ସୁଦର୍ଶନ ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସିଆରସିସି କୁସୁମଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା । ମେଳାରେ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୧୨୦ଗୋଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ମନୋଜ କୁମାର ରାୟ, ଲକ୍ଷ୍ମୀକାନ୍ତ ପାତ୍ରୀ, ଡ଼ ଅକ୍ଷୟ ପଣ୍ଡା ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ସର୍ବଶ୍ରେଷ୍ଠ ୨ଟି ବିଭାଗରେ ୧୪ ଗୋଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ପ୍ରଦୀପ ନାୟକ, ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କୈଳାସ ଚନ୍ଦ୍ର ସାମଲ, ବିପିନ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



# ଜରାଶ୍ରମରେ କମ୍ବଳ ବାଣ୍ଟିଲେ ବିଚାରପତି



**ବାସୁଦେବପୁର, ୪।୧୨ (ସମିସ):** ବାସୁଦେବପୁର ପୌରପାଳିକାର ବାସନ୍ତୀ ବାଲାଜୀ ଟ୍ରଷ୍ଟ ଜରାଶ୍ରମର ଅନ୍ତେବାସୀଙ୍କୁ ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲା ଜଜ୍ ତଥା ପସକୋ ସ୍ପେଶାଲ କୋର୍ଟର ଜଜ୍ ବିକାଶ କୁମାର ଦେ କମ୍ବଳ ଓ ଫଳ ବଣ୍ଟନ କରିଛନ୍ତି । ସୁନାର ସଂସାର ଗଢ଼ିବାର ଯିଏ ଦିନେ ସ୍ୱପ୍ନ ଦେଖିଥିଲେ, ଆଜି ସେ ଜରାଶ୍ରମରେ ଜର୍ଜରିତ ଭଙ୍ଗା ମନକୁ ଧିକ୍କାର କରୁଛନ୍ତି । ଯାହାକୁ ହାତ ଧରି ଦୁନିଆ ଦାଣ୍ଡର ବାଟ ଚଲାଇବା ଶିଖାଇ ଛପର ତଳେ ବାସ ଯୋଗାଇ ଦେଇଥିଲେ । ହେଲେ ବୟସର ଅପରାହ୍ନରେ ସବୁ ସମ୍ପର୍କ ଛିନ୍ନ କରିବାରୁ ଜରାଶ୍ରମର ଏକମାତ୍ର ଭରସା ପାଲଟିଛି । ଗଡ଼ି ଯାଉଥିବା ବୟସରେ ଅସହ୍ୟ ହେଉଛି ହାଡ ଭଙ୍ଗା ଶୀତରେ ଛାତିକୁ ଦୋହଲାଇ ଦେଉଛି । ନ୍ୟାୟିକ ବ୍ୟବସ୍ଥାରେ ରହି ଅନେକ ବିଚାର କରିଥିବା ମାନ୍ୟବର ବିଚାରପତି ବିକାଶ କୁମାର ଦେ ନିଜସ୍ୱ ଅର୍ଥରେ ସହାୟତାର ହାତ ବଢ଼ାଇଛନ୍ତି । ବାସୁଦେବପୁର ଥାନା ଆଇଆଇସି ଇନ୍ସପେକ୍ଟର ଲୋପାମୁଦ୍ରା ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରାତିଅଧିଆ ଚଢ଼ଉ
# ୨ ଭଡ଼ାଘରୁ ଧରାପଡ଼ିଲେ ୧୭ ବାଂଲାଦେଶୀ

**ବାସୁଦେବପୁର, ୪।୧୨(ସମିସ)**

ଉପକୂଳ ଅଞ୍ଚଳରେ କାୟା ବିସ୍ତାର କରିଛନ୍ତି ବାଂଲାଦେଶୀ । ଛଦ୍ମବେଶୀ ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ରାତିଦିନ ଏକ କରିଛି ବାସୁଦେବପୁର ପୁଲିସ । ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଞ୍ଚାୟତର ଜଗନ୍ନାଥୀ ଓ ସୁଦର୍ଶନପୁର ବାଘୁଆ ଅଞ୍ଚଳରେ ଚଢ଼ଉ କରିଛି ପୁଲିସ । ଜଗନ୍ନାଥୀ ଗ୍ରାମର ମୁଷା ସାହୁଙ୍କ ଭଡ଼ା ଘରେ ରାଜମିସ୍ତ୍ରି ଭାବେ ରହୁଛନ୍ତି ସନ୍ଦିଗ୍ଧ ବାଂଲାଦେଶୀ । ଜଗନ୍ନାଥୀ ଗ୍ରାମରେ ରହୁଛନ୍ତି ୬ ଜଣ । ବାଘୁଆ ଗ୍ରାମର ରାମକୃଷ୍ଣ ପଲାଇଙ୍କ ଭଡ଼ା ଘରେ ରହିଛନ୍ତି ୧୧ଜଣ ବାଂଲାଦେଶୀ । ବିଭିନ୍ନ ବେଶରେ ଉପକୂଳ ଅଞ୍ଚଳରେ ଆସ୍ଥାନ ଜମାଇଥିବାବେଳେ ସେମାନଙ୍କ ଦ୍ୱାରା ଦେଶ ପ୍ରତି ବିପଦ ଆଶଙ୍କା କରି ଏଭଳି ଚଢ଼ଉ ଜାରି ରହିଛି । ଏହି ବାଂଲାଦେଶୀ କେତେବେଳେ ଗାଁ ଗଣ୍ଡାରେ ଫେରି କରୁଛନ୍ତି ତ ପୁଣି କେତେବେଳେ ରାଜମିସ୍ତ୍ରି କାମରେ ଲାଗି ରହୁଛନ୍ତି । ପକ୍କାଘର କାମକରି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଭାଜନ ହୋଇ ୧୦ /୧୨ ବର୍ଷ ଧରି ଆସ୍ଥାନ ଜମାଇଥିଲେ ବି ଯିବାର ନାଁ ଧରୁନାହାନ୍ତି । ଭଦ୍ରକ ଜିଲ୍ଲାର ବାସୁଦେବପୁର ଅଞ୍ଚଳ ବାଙ୍ଗଲାଦେଶୀଙ୍କ ପେଣ୍ଠସ୍ଥଳୀ ପାଲଟିଛି । ବାଂଲାଦେଶୀ ଆସ୍ଥାନ ଜମାଇ ଥିବାରୁ ପୁଲିସର ମୁଣ୍ଡ ବ୍ୟଥାର କାରଣ ହୋଇଛି । ଗତକାଲି ରାତି ଅଧିଆ ବାସୁଦେବପୁର ଥାନାର ଆଇଆଇସି ଲୋପାମୁଦ୍ରା ନାୟକ ଏକ ଟିମ୍ ସହିତ ଚଢ଼ଉ କରିଥିଲେ । ଦିନରେ ଏମାନଙ୍କ ଠିକଣା ପାଇବା କଷ୍ଟକର ହେଉଥିବାରୁ ରାତିରେ ଚଢ଼ଉବେଳେ ସବୁ ଏକାଠି ପାଇଥିଲେ । ଜଣ ଜଣ କରି ୧୧ ଜଣଙ୍କର ଆଧାର ଓ ଭୋଟର କାର୍ଡ ଯାଞ୍ଚ କରାଯାଇଥିଲା । ଆସନ୍ତାକାଲି ଜମି ପଟ୍ଟା ଓ ଆଧାର କାର୍ଡ ଧରି ଥାନାକୁ ଆସିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କିଛି ବଙ୍ଗାଳୀ ସମ୍ପ୍ରଦାୟର ବାସୁଦେବପୁର ଅଞ୍ଚଳର ଫେରି କରୁଛନ୍ତି ତ ପୁଣି କିଏ ରାଜମିସ୍ତ୍ରି କାମ କରି ବର୍ଷ ବର୍ଷ ରହି ଏଭଳି ସୁବିଧା ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରୁ କିଏ ଅସଲି କିଏ ନକଲି ଜାଣିବା କଷ୍ଟକର । ଦେଶର ସୁରକ୍ଷା ବିପଦ ଏଡ଼ାଇବାକୁ ଚଢ଼ଉ ଜୋରଦାର କରାଯିବ ବୋଲି ପୁଲିସ କହିଛି । ଉପକୂଳ ଥାନା ଅଞ୍ଚଳ ମୁକୁଳା ପଡ଼ିଥିବାବେଳେ ବିନା କର୍ମଚାରୀ ଓ ବିନା ଯନ୍ତ୍ରପାତିରେ କେବଳ ବାଡ଼ି ଧରି ପୁଲିସ ବସିଛି । ଯାହା ଦ୍ୱାରା ବିପଦ ଆଶଙ୍କା ବଢୁଛି । ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାତିରେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ବାସୁଦେବପୁର ଥାନାରେ ପହଞ୍ଚି ଏଭଳି ଯାଞ୍ଚ ଆରମ୍ଭ କରିଥିଲେ । ତାଙ୍କ ନିର୍ଦ୍ଦେଶରେ ବାସୁଦେବପୁର ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର ଲୋପାମୁଦ୍ରା ନାୟକ ବୁଧବାର ବିଳମ୍ବିତ ରାତିରେ ସୁଦର୍ଶନପୁର ପଞ୍ଚାୟତର ଦୁଇ ସ୍ଥାନରେ ଯାଞ୍ଚ ଆରମ୍ଭ କରିଥିଲେ । ସୁରକ୍ଷା ଢିଲା ଥିବାରୁ କେତେବେଳେ ଏମାନେ ବିପଦର କାରଣ ହେବେ ଏହି ଆଶଙ୍କା ସୃଷ୍ଟି ହୋଇଥିବାବେଳେ ଏଭଳି ଯାଞ୍ଚର ଗୁରୁତ୍ୱ ଥିବା ଅଞ୍ଚଳବାସୀ କହିଛନ୍ତି । ବାସୁଦେବପୁର ଠାରୁ ଅଳ୍ପ ଦୂରରେ ରହିଛି ପ୍ରତିରକ୍ଷା କ୍ଷେପଣାସ୍ତ୍ର ଘାଟି ହୁଇଲର ଦ୍ୱୀପ । ପ୍ରତିଦିନ ପ୍ରତିରକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଗାଡ଼ି ବାସୁଦେବପୁର ଦେଇ ଯାତାୟତ କରୁଛି । ତେଣୁ ବିପଦ ଆଶଙ୍କା ଏଡ଼ାଇବା ଲକ୍ଷ୍ୟରେ ଆଗକୁ ଆହୁରି ଜୋରଦାର ଯାଞ୍ଚ ହେବ ବୋଲି କୁହାଯାଇଛି ।



## ବାଲ୍ ବୈଜ୍ଞାନିକ ଓ ସୁସ୍ଥ ଜୀବନ ଶୈଳୀ ପ୍ରକଳ୍ପ ପ୍ରଦର୍ଶନ

**ଦୋଲସାହି, ୪।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ହରସିଂପୁର ପଞ୍ଚାୟତ ବାରବାଟିଆ ୟୁଜି ୟୁପି ସ୍କୁଲ ଠାରେ ଆଜି ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ଓ ସୁସ୍ଥ ଜୀବନ ଶୈଳୀ ପ୍ରକଳ୍ପ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍ମଥ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ବ୍ଲକ ବିଡିଓ ନିରଞ୍ଜନ ବାରିକ ଓ ମୁଖ୍ୟବକ୍ତା ରୂପେ ଓଡ଼ିଶା ବିଜ୍ଞାନ ଏକାଡେମୀ ସଦସ୍ୟ ରବୀନ୍ଦ୍ର ଜେନା, ତିହିଡ଼ି ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୂର୍ଯ୍ୟଶିଖା ମହାନ୍ତି, ଏବିଓ ଲକ୍ଷ୍ମୀପ୍ରିୟା ମାଝୀ, ସରପଞ୍ଚ ଅଜୟ କୁମାର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୨୧ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବେଳେ ୧୪ ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ଜଣାପଡ଼ିଛି ।

## କୁନି କ୍ରୀଡ଼ାବିତ୍ ଶାକ୍ୟ ପ୍ରତୀକଙ୍କୁ ମହତାବ ସମ୍ମାନ

**ବନ୍ତ/ଆଗରପଡ଼ା, ୪।୧୨(ସମିସ):** କୁନି କ୍ରୀଡ଼ାବିତ୍ ସାକ୍ୟ ପ୍ରତୀକ ବେହେରାଙ୍କୁ ମିଳିଛି ମହତାବ ସମ୍ମାନ-୨୦୨୫ । ସ୍ଥାନୀୟ ହେମପଦ୍ମ ଗାଲାକ୍ସିରେ ଆୟୋଜିତ ଜିଲ୍ଲାସ୍ତରୀୟ ମହତାବ ଜୟନ୍ତି ଉତ୍ସବରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଡାକ୍ତର ଦାମୋଦର ପଣ୍ଡା, ଆଡ଼ଭୋକେଟ ମନୋଜ ରାୟ ପ୍ରମୁଖ ଯୋଗଦେଇ ସାକ୍ୟ ପ୍ରତୀକଙ୍କୁ ଅର୍ଥରାଶି, ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ଆଗରପଡ଼ାସ୍ଥିତ ଟିକିରା ଗ୍ରାମବାସୀ ସାମ୍ବାଦିକ ମନୋଜ ବେହେରା ଓ ସ୍ୱପ୍ନା ସୋନାଲିକାଙ୍କ ବଡ଼ ପୁଅ ସାକ୍ୟ ପ୍ରତୀକ ସ୍ଥାନୀୟ କୃଷ୍ଣଚରଣ ବିଦ୍ୟାମନ୍ଦିରରେ ଅଧ୍ୟୟନରତ । ପାଠ ସହ କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ପାରଙ୍ଗମତା ପ୍ରଦର୍ଶନ କରି ଅନେକ ପ୍ରଶଂସା ସାଉଁଟିଛନ୍ତି । ନବରଙ୍ଗପୁରସ୍ଥିତ ଉମରକୋଟରେ ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସେ ଉପବିଜେତା ହୋଇଥିଲେ । ବ୍ୟାଡ଼ମିଣ୍ଟନ ତାଙ୍କର ପ୍ରିୟ କ୍ରୀଡ଼ା ହୋଇଥିଲେ ସୁଦ୍ଧା ଅନ୍ୟ କ୍ରୀଡ଼ା ପ୍ରଦର୍ଶନ କରିବାରେ ସେ ସିଦ୍ଧହସ୍ତ । ରାଜ୍ୟସ୍ତରରେ ଉଚ୍ଚ ପ୍ରଶଂସିତ କୋଚଙ୍କ ଠାରୁ ସେ ବ୍ୟାଡ଼ମିଣ୍ଟନ ଶିକ୍ଷାଗ୍ରହଣ କରିବାକୁ ସ୍ଥିର କରିଛନ୍ତି ଓ ଭବିଷ୍ୟତରେ ଜଣେ ନାମକରା ଖେଳାଳି ହେବାର ଆଶା ରଖିଛନ୍ତି ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ।

# ଭଦ୍ରକ ବ୍ଲକ୍‌ରେ ବିଜ୍ଞାନ ପ୍ରଦର୍ଶନୀ ମେଳା

**ଭଦ୍ରକ, ୪।୧୨(ସମିସ):** ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନୀକ ପ୍ରଦର୍ଶନୀ ମେଳା ଭଦ୍ରକ ବ୍ଲକ ସାହାଡା ସ୍ଥିତ ଲାଲାଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜ୍ଞାନ ସଂଯୋଜକ ବୈକୁଣ୍ଠ ବିଶ୍ୱାଳଙ୍କ ସହାୟତାରେ ୨୩ଗୋଟି କ୍ଲଷ୍ଟର ଅଧିନସ୍ଥ ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ ରୁ ୧୦୨ଗୋଟି ବିଜ୍ଞାନ ବିଭାଗ ରେ ଏବଂ ପରିବେଶ ବିଜ୍ଞାନରେ ୬୩ଗୋଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀ ଉତ୍ସବକୁ ଡେପୁଟି କଲେକ୍ଟର ତଥା ଡିଆଇପିଆରଓ କାର୍ତିକ ନାଥ ମଣ୍ଡଳ ଉଦ୍‌ଘାଟନ କରିଥଲେ । ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଳିକଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ରାଜ୍ୟ ବିଜ୍ଞାନ ଏକାଡେମି ର ସଦସ୍ୟ ନିହାର ରଞ୍ଜନ କର ମୁଖ୍ୟବକ୍ତା ଭାବେ ଉପସ୍ଥିତ ହୋଇ ମାନବ ସମାଜ ନିମନ୍ତେ ବିଜ୍ଞାନର ଆବଶ୍ୟକତା ଓ ଉପକାରିତା ବିଷୟରେ ଗୁରୁତ୍ୱାରୋପ କରିଥଲେ । ସ୍ଥାନୀୟ ସରପଞ୍ଚ ମାଧବ ମଲ୍ଲିକ, ଏ ଡି ଇ ଓ ଜଗବନ୍ଧୁ ସାହୁ, ବିଡିଓ ରଶ୍ମୀ ରଞ୍ଜନ ମଲ୍ଲିକ, ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ସିଆରସିସି ବାଜୁନ ସିଂ, ଭଦ୍ରକ ସରକାରୀ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଲାଲାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ ଓ ସଭା ପତି ହିରାଲାଲ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ମେଳାରେ ସ୍ଥାନ ପାଇଥିବା ପ୍ରକଳ୍ପ ଗୁଡ଼ିକୁ ସତ୍ୟରଞ୍ଜନ ଖୁଣ୍ଟିଆ, ରମେଶ ଦାଶ, ମୃତ୍ୟୁଞ୍ଜୟ ସାମଲ ଓ ବିନୟ ରଞ୍ଜନ ଜେନା ପ୍ରକଳ୍ପ ର ବିଭିନ୍ନ ଦିଗ କୁ ବିଚାର କରି ମୂଲ୍ୟାୟନ କରିଥଲେ । ଅପରାହ୍ନ ବେଳକୁ ଦ୍ୱିତୀୟ ପର୍ଯ୍ୟାୟ ରେ ଆରମ୍ଭ ହୋଇଥିଲା ଉଦଯାପନ ଉତ୍ସବ । ଏହି ଉଦଯାପନ ଉତ୍ସବ ରେ ଅତିଥି ରୂପେ ଏ. ବି .ଇ.ଓ ସୁମନମାଳା ରାଉତ୍, ଜିଲ୍ଲା ସ୍କୁଲ ପ୍ରଧାନଶିକ୍ଷକ ପାନମଣୀ ବେଶ୍ରା, ଉମେଶ ଚନ୍ଦ୍ର ମାଝୀ, ଭୀମଚରଣ ପରିଡ଼ା, ନରେନ୍ଦ୍ର ପ୍ରସାଦ ସାହୁ, ପ୍ରଶାନ୍ତ କୁମାର ସାହୁ ଓ ଲାଲଜୀ ପଞ୍ଚସଖା ଶିକ୍ଷାସେତୁ ହାଇସ୍କୁଲ ର ଅଧକ୍ଷ ଯୋଗ ଦାନ କରିଥିଲେ । ବ୍ଲକର ୨୩ଟି କ୍ଲଷ୍ଟରରେ ସିଆରସିସି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆୟୋଜିତ ସଭାରେ ଚନ୍ଦ୍ରକାନ୍ତ ଶୁକ୍ଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ରାଜେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳାକୁ ସଫଳ କରାଇବାରେ ଚାରୁଲତା ମହାପାତ୍ର, ଅରବିନ୍ଦ ଦୀକ୍ଷିତ, ସମୀର ଜେନା, ନୀଳାଦ୍ରି ତ୍ରିପାଠୀ, ରାଜେଶ ଦାସ ପ୍ରମୁଖ ଶିକ୍ଷକ ନେତା ସହଯୋଗ କରିଥିଲେ ।



# ୧୭୪ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ

**ଧାମନଗର, ୪।୧୨(ସମିସ):** ଧାମନଗର ଏନ୍‌ଏସିଅନ୍ତର୍ଗତ ମୁନସିପାଟଣା ଗାଁ ସ୍ଥିତ ଥିବା ମାଦ୍ରାସା ତାହେରିୟା ହନିଫିଆ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବଟଂନ ଉତ୍ସବ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଦ୍ରାସାର ପ୍ରଧାନ ଶିକ୍ଷକ ସେକ ନାସିରୁଦ୍ଦିନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ଲଷ୍ଟର୍ ସିଆରସିସି ସେକ ମୁଜାଫର ହୋସେନ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇ ସରକାରଙ୍କ ତରଫରୁ ପୋଷାକ ବଟଂନର ଉଦ୍ଦେଶ୍ୟ ଓ ଲକ୍ଷ ଏବଂ ବିଦ୍ୟାଳୟର ପାଠପଢ଼ା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ୧୭୪ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଦୁଇ ହଳ ଲେଖାଏଁ ପୋଷାକ, ଜୋତା, ମୌଜା, ଟି ଶାର୍ଟ, ଟ୍ରାକ ପେଟଂ, ଟୋପି ଓ ଆଇ କାର୍ଡ ବଣ୍ଟନ କରାଯାଇଛି । ଏହି ଅବସରରେ ପ୍ରଧାନଶିକ୍ଷକ ଶ୍ରୀ ସେଠୀ, ବର୍ତ୍ତମାନର ସିଆରସିସି ମୁଜାଫର ହୋସେନ ଉଭୟଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, ଉତରିୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପୋଷାକ ବଣ୍ଟନ ଉତ୍ସବରେ ଗ୍ରାମର ଅଭିଭାବକ ଗାଁର ମୁରବି ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସେକ ଖଲିଲ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।




## ୨୨ ବର୍ଷରେ ଏଡ୍‌ସ୍ ନେଲାଣି ୩୦୧ ଜୀବନ

# ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୩, ଭଦ୍ରକରେ ସର୍ବାଧିକ ୨୮୫

**ଭଦ୍ରକ, ୪।୧୨(ସମିସ**

ଭଦ୍ରକ ଜିଲ୍ଲାରେ ଗତ ୨୨ବର୍ଷରେ ମାରାତ୍ମକ ଏଡ୍‌ସ ରୋଗ ନେଲାଣି ୩୦୧ ଜୀବନ । ଗତ ୨୦୦୩ରୁ ଚଳିତ ଅକ୍ଟୋବର ମାସ ସୁଦ୍ଧା ମିଳିଥିବା ତଥ୍ୟାନୁଯାୟୀ ଜିଲ୍ଲାରେ ଅର୍ଥାତ ୨୨ବର୍ଷରେ ଏଡସ୍ ନିୟନ୍ତ୍ରଣ କକ୍ଷକୁ ୭ଲକ୍ଷ ୩୮ହଜାର ୪୩୩ଜଣ କାଉନସେଲିଂ ପାଇଁ ଆସିଥିଲେ । ସେଥିରୁ ୭ଲକ୍ଷ ୧୬ହଜାର ୨୭୬ଜଣଙ୍କ ନମୁନା ପରୀକ୍ଷା କରାଯାଇଥିଲା । ଏଥିରେ ୧୭୭୩ଜଣଙ୍କ ଏଚ୍‌ଆଇଭି ପଜିଟିଭ୍ ବା ଏଡ୍‌ସ ଆକ୍ରାନ୍ତ ଥିବା ଚିହ୍ନଟ ହୋଇଥିଲା । ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୨୭୩ ଏଡ୍‌ସ ଆକ୍ରାନ୍ତଙ୍କ ମଧ୍ୟରୁ ସର୍ବାଧିକ ସଂଖ୍ୟକ ଭଦ୍ରକ(ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ)ରେ ୨୮୫ଜଣ ବୋଲି ଜଣାଯାଇଛି । ଏହା ପଛକୁ ରହିଛି ବାସୁଦେବପୁର ଅଞ୍ଚଳରେ । ଏଠାରେ ୨୮୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଧାମନଗର ଅଞ୍ଚଳରେ ୧୫୫ଜଣ, ଚାନ୍ଦବାଲି ଅଞ୍ଚଳରେ ୧୦୫ଜଣ, ତିହିଡିରେ ୧୩୯ଜଣ, ଭଣ୍ଡାରିପୋଖରୀ ଅଞ୍ଚଳରେ ୫୯ଜଣ, ବନ୍ତ ଅଞ୍ଚଳରେ ୮୮ଜଣ ଚିହ୍ନଟ ହୋଇଥିବା ଜଣାଯାଇଛି । ସେହିଭଳି ଭଦ୍ରକରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ୧୮୪ଜଣ ବାହାର ଜିଲ୍ଲାର ରୋଗୀ ବୋଲି ସୂଚନା ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜିଲ୍ଲାରେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ୯୧ଜଣ ପ୍ରସୂତି ରୋଗୀ ଥିବା ବେଳେ ୪୯ଜଣ ଶିଶୁପୁତ୍ର ଓ ୪୪ଜଣ ଶିଶୁକନ୍ୟା ଅଛନ୍ତି । ଚିହ୍ନଟ ଏଡ୍‌ସ୍ ଆକ୍ରାନ୍ତଙ୍କ ମଧ୍ୟରେ ଏଆର୍‌ଟି ଔଷଧରେ ମୋଟ ୯୩୪ଜଣ ଜୀବୀତ ଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାଯାଇଛି । ତେବେ ଜିଲ୍ଲାରେ ଗତ ୨୨ବର୍ଷ ର ଏଡ୍‌ସ୍ ତାଲିକାକୁ ତର୍ଜମା କଲେ ଜିଲ୍ଲାରେ ଏଡ୍‌ସ୍ ସଂକ୍ରମଣ ହାର ହ୍ରାସ ପାଇବାରେ ଲାଗିଛି । ବିଗତ ୨୦୦୩ରେ ଏଡ୍‌ସ ଚିହ୍ନଟଙ୍କ ପ୍ରତିଶତ ୧୯.୨୦ ଥିବା ବେଳେ ଚଳିତ ୨୦୨୫ରେ ଏହି ହାର ୦.୧୩ ପ୍ରତିଶତରେ ପହଞ୍ଚିଛି । ତେବେ ସଚେତନତା ଓ ସତର୍କତା ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ବୁଦ୍ଧଜୀବୀ ମହଲ ମତବ୍ୟକ୍ତ କରିଛି । ସୂଚନାଯୋଗ୍ୟ, ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ 'ବିଶ୍ୱ ଏଡସ୍ ଦିବସ' ଭାବେ ପାଳନ କରାଯାଉଛି । ଏଡସ ନିୟନ୍ତ୍ରଣ ଓ ନିରାକରଣ ଉଦ୍ଦେଶ୍ୟରେ ଏହି ଦିବସ ସମର୍ପିତ । ଏହି ଦୂରାରୋଗ୍ୟ ବ୍ୟାଧିରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ । କେବଳ ସଚେତନତା ହିଁ ଏଡସ୍ କବଳରୁ ବର୍ତିବାର ଏକ ମାତ୍ର ଉପାୟ ବୋଲି ବିଶେଷଜ୍ଞମାନେ ମତ ପୋଷଣ କରିଛନ୍ତି । ତେବେ ଏହାର ଭୟବହତା ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ କେବଳ ଡିସେମ୍ବର ୧ ନୁହେଁ ବରଂ ନିୟମିତ ଭାବେ ସଚେତନତା କାର୍ଯ୍ୟ କରିବାକୁ ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛନ୍ତି ।





ସକାଳ
THE SAKALA

# ସମ୍ପାଦକୀୟ



ଗୋଟିଏ ସମ୍ବିଧାନ ଯେତେ ଭଲ ହେଉନା କାହିଁକି, ଏହାକୁ କାର୍ଯ୍ୟକାରୀ କରୁଥିବା ଲୋକେ ଯଦି ଖରାପ ହୋଇଥିବେ, ତେବେ ଏହା ଖରାପ ବୋଲି ପ୍ରମାଣିତ ହେବ !
-ଡକ୍ଟର ବି ଆର ଆମ୍ବେଦକର

## ପୁଟିନ୍‌ଙ୍କ ଭାରତଗସ୍ତର ବାର୍ତ୍ତା

ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍ ଏସୀୟ ଭୂରାଜନୀତିର ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ଗସ୍ତରେ ଆସିଛନ୍ତି, ଯାହା ଉପରେ ସମଗ୍ର ବିଶ୍ୱର ଦୃଷ୍ଟି ରହିଛି । ବିଶେଷକରି ବର୍ତ୍ତମାନ ଭାରତ-ବିମୁଖୀ ଓ ପାକିସ୍ତାନୀ-ସୁହାଗୀ ଆମେରିକା ପୁଟିନ୍‌ଙ୍କ ଭାରତଗସ୍ତକୁ ଅତି ଗୁରୁତ୍ୱର ସହିତ ସମୀକ୍ଷା କରୁଛି । ଏବେ ପଡ଼ୋଶୀମାନେ ହିଁ ଭାରତ ପାଇଁ ଶତ୍ରୁସୁଲଭ ଆଚରଣ ପ୍ରଦର୍ଶନ କରୁଥିବା ବେଳେ ଏହାର ଫାଇଦା ନେବା ପାଇଁ ଆମେରିକା କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ। ଅପରପକ୍ଷରେ ପାକିସ୍ତାନ ମଧ୍ୟ ଆମେରିକା କୋଳରେ ବସି ଭାରତକୁ ପାନେ ଦେବା ଅପେକ୍ଷାରେ ରହିଛି । ତେଣୁ ଆମେରିକା ସହଯୋଗରେ ଆରବ ସାଗରରେ ସାମରିକ ଘାଟି ପ୍ରତିଷ୍ଠା କରିବାର ଯୋଜନା ଚୂଡ଼ାନ୍ତ କରିଛି । ସେପଟେ ବାଂଲାଦେଶ ପାକିସ୍ତାନ ଓ ଚୀନ୍ ସହିତ ମିଶି ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରିଛି । ଭାରତ ସୀମାନ୍ତରେ ସାମରିକ ଘାଟି ପ୍ରତିଷ୍ଠା ପାଇଁ ଚୀନ୍ ଓ ପାକିସ୍ତାନକୁ ଅକୁଣ୍ଠ ସହଯୋଗ ଓ ସମର୍ଥନ ଦେଉଛି ।

ସେହିପରି ଆମେରିକା ଚାପରେ ରୁଷ୍‌ରୁ ତୈଳ ଆମଦାନୀକୁ ଭାରତ କାଣ୍ଟଛାଣ୍ଟ କରିଛି । ଦୁଇ ଦେଶ ମଧ୍ୟରେ ମୁଦ୍ରା ବିନିମୟ ଏକ ଆହ୍ୱାନ ହୋଇଛି । ଏହି ପୃଷ୍ଠଭୂମିରେ ପୁଟିନ୍‌ଙ୍କ ଭାରତ ଗସ୍ତ ଅନେକ ଦୃଷ୍ଟିରୁ ଉଭୟଦେଶ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଭାରତ ତା'ର ପୁରୁଣା ଓ ବିଶ୍ୱାସୀ ବନ୍ଧୁ ରୁଷ୍ ସହିତ ଆଣବିକ ଶକ୍ତି କ୍ଷେତ୍ରରେ କେତେକ ରାଜିନାମା ସ୍ୱାକ୍ଷର କରିବାକୁ ଯାଉଛି, ଯାହା ସର୍ବାଦୌ ଅଧିକ ଆଲୋଚନାର ଅପେକ୍ଷା ରଖେ । ଇତିମଧ୍ୟରେ ଆମେରିକା ତା'ର ଆଣବିକ ପରୀକ୍ଷଣ କଟକଣାକୁ କୋହଳ କରିଛି ଏବଂ ଭାରତ ପ୍ରତି ଆଣବିକ ଶକ୍ତି କ୍ଷେତ୍ରରେ ଥିବା ପ୍ରତିବନ୍ଧକ ହଟାଇ ଦେଇଛି । ଏହି କାରଣରୁ ଭାରତ-ରୁଷ୍ ମଧ୍ୟରେ ସମ୍ଭାବ୍ୟ ଆଣବିକ ଶକ୍ତି ରାଜିନାମା ବିଶ୍ୱ କୂଟନୀତି ଓ ଭୂରାଜନୀତିରେ ଅନେକ କିଛି ନୂଆ ସମୀକରଣ ସୃଷ୍ଟି କରିବାକୁ ଯାଉଛି ।

ରୁଷର ଆଣବିକ ଶକ୍ତି କମ୍ପାନୀ ରୋଜାଟମ୍ ଷ୍ଟେଟ୍ କର୍ପୋରେସନ୍ ଭାରତରେ ମଡ୍ୟୁଲାର୍ ରିଆକ୍ଟର ପ୍ରତିଷ୍ଠା କରିବାର ଯୋଜନା ରଖିଛି । ଏହା ସହିତ ନୂତନ ପିଢ଼ିର ପରମାଣୁ ଶକ୍ତି ରିଆକ୍ଟର ପାଇଁ ମଧ୍ୟ ଦୁଇ ଦେଶ ମଧ୍ୟରେ ବୁଝାମଣା ହେବାର ସମ୍ଭାବନା ରହିଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଶୀର୍ଷସ୍ତରୀୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ଚୂଡ଼ାନ୍ତ ହୋଇପାରେ । ପୁଟିନ୍‌ଙ୍କ ସହିତ ଭାରତ ଗସ୍ତରେ ଆସିଥିବା ରୁଷ୍‌ର ଏକ ବଡ଼ ପରମାଣୁ ଶିଳ୍ପପତି ଗୋଷ୍ଠୀ ପଛର କାରଣ ସମୀକ୍ଷା କଲାବେଳେ ଏହି ସୂଚନା ମିଳିଛି । ଏଥିପୂର୍ବରୁ ତାମିଲନାଡୁର କୁଡାନକୁଲମ ଆଣବିକ କେନ୍ଦ୍ର ପ୍ରକଳ୍ପ ସମ୍ପ୍ରସାରଣ ସମ୍ପର୍କରେ ଉଭୟ ଦେଶର ଅଧିକାରୀମାନେ ସମୀକ୍ଷା କରିସାରିଛନ୍ତି । ରୁଷିଆ ବିଶ୍ୱର ଏକମାତ୍ର ଦେଶ, ଯାହାର ଭାସମାନ ଆଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା ଓ ପରିଚାଳନାରେ ପାରଦର୍ଶିତା ଓ ବୈଷୟିକ ଜ୍ଞାନକୌଶଳ ରହିଛି । ଏହି ବୁଝାମଣା ସ୍ୱାକ୍ଷରିତ ହେଲେ ଭାରତ ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଆଉ ଦୁଇପାଦ ଆଗକୁ ଯିବ ଏବଂ ୨୦୭୦ ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନ ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ । ଏଥିସହିତ ଆଣବିକ ଶକ୍ତି କେନ୍ଦ୍ରର ସୁରକ୍ଷା ଆଳରେ ରୁଷ୍‌ର ଉପସ୍ଥିତି ଭାରତ ମହାସାଗରେ ରହିବ । ତେଣୁ ଆମେରିକା କିମ୍ବା ଚୀନ୍ ଆଡୁ ଭାରତ ପ୍ରତି ସାମୁଦ୍ରିକ ପଥରେ ଥିବା ବିପଦ ଆଶଙ୍କା ମଧ୍ୟ ଅନେକ ପରିମାଣରେ ହ୍ରାସ ପାଇପାରିବ ।

ପ୍ରତିରକ୍ଷା ପାଇଁ ଭାରତ ପାଖରେ ଯେତିକି ଯୁଦ୍ଧାସ୍ତ୍ର ରହିଛି ତାହା ପର୍ଯ୍ୟାପ୍ତ ନୁହେଁ । ଇତିମଧ୍ୟରେ ପାକିସ୍ତାନ ପଟୁ ଭାରତ ବିପକ୍ଷରେ ପୂର୍ଣ୍ଣାଙ୍ଗ ଯୁଦ୍ଧର ଧମକ ମିଳିଛି । ପାକିସ୍ତାନ ଯଦି ଆକ୍ରମଣ କରେ ତେବେ ଭାରତ ପାଖରେ ଥିବା ଯୁଦ୍ଧାସ୍ତ୍ର, ଗୁଳିଗୋଳା ଓ ସରଞ୍ଜାମ ମାତ୍ର ସପ୍ତାହେ ଭିତରେ ସରିଯିବ । ଅପରପକ୍ଷରେ ତୁର୍କୀ ଓ ଚୀନ୍ ଦ୍ୱାରା ପାକିସ୍ତାନ ଯୁଦ୍ଧାସ୍ତ୍ରରେ ସବଳ ହେବ । ଏଭଳି ପରିସ୍ଥିତିରେ ଭାରତର ପୁରୁଣା ବନ୍ଧୁ ରୁଷ୍ ହିଁ ସହାୟତାର ହାତ ବଢ଼ାଇବ । ଅପରେସନ୍ ସିନ୍ଦୂରରେ ରୁଷ୍ ନିର୍ମିତ ଏସ୍୪୦୦ ଭାରତ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିବାରୁ ଆହୁରି ଅଧିକ ଏହି ପ୍ରତିରକ୍ଷା ପ୍ରଣାଳୀ ଭାରତ କିଣିବାର ଆବଶ୍ୟକତା ରହିଛି । ଏହି ପ୍ରସଙ୍ଗରେ ଭାରତ-ରୁଷ୍ ଶୀର୍ଷ ବୈଠକରେ ଆଲୋଚନା ହେବାର ସମ୍ଭାବନା ଅଧିକ । ଉଭୟ ପକ୍ଷ ଉଭୟ ଦେଶର ସାମରିକ ଘାଟି ବ୍ୟବହାର କରିପାରିବେ ବୋଲି ରୁଷ୍ ସଂସଦ ସ୍ୱୀକୃତି ଦେବା ପରେ ଏହା ପଛରେ ଥିବା ଇଙ୍ଗିତ ବୁଝିବାକୁ ଆମେରିକା କିମ୍ବା ପାକିସ୍ତାନକୁ ବିଳମ୍ବ ହୋଇ ନଥିବ । ତୁର୍କୀ ମଧ୍ୟ ପୂର୍ବାପେକ୍ଷା ଅଧିକ ସଚେତନ ହୋଇସାରିଥିବ । ପୁଟିନ୍‌ଙ୍କ ଭାରତ ଗସ୍ତ ଏହା ଉପରେ ମୋହର ମାରିବ । ଏହାଛଡ଼ା ଭାରତ-ରୁଷ୍ ମଧ୍ୟରେ ବାଣିଜ୍ୟିକ କାରବାର ଆଗାମୀ ଦିନରେ ୧୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଉଭୟ ପକ୍ଷ ଚୁକ୍ତିନାମା ସ୍ୱାକ୍ଷର କରିବେ ବୋଲି ସୂଚନା ମିଳିଛି । ଭାରତ ପାଇଁ ଆମେରିକା ବଜାର ଏକପ୍ରକାର ବନ୍ଦ ହୋଇସାରିଥିବାରୁ ଭାରତ ଯେଉଁ ବିକଳ୍ପ ବଜାରର ସନ୍ଧାନରେ ରହିଛି ରୁଷ୍ ତାହା ଯୋଗାଇ ଦେବ । ଏଥିପାଇଁ ରୁଷ୍‌ର ଶିଳ୍ପ ଓ ବ୍ୟବସାୟୀ ପ୍ରତିନିଧି ମଧ୍ୟ ଭାରତଗସ୍ତରେ ଆସିଛନ୍ତି ।

ଏକପକ୍ଷରେ ଭାରତ ତୈଳ, ପ୍ରତିରକ୍ଷା ଓ ସାମରିକ ସହଯୋଗ ପାଇଁ ରୁଷ୍ ଉପରେ ନିର୍ଭରଶୀଳ । ଅପରପକ୍ଷରେ ବାଣିଜ୍ୟ ଓ ପ୍ରବାସନ ପାଇଁ ଆମେରିକାଠାରୁ ଏତେଶୀଘ୍ର ଦୂରେଇ ଯିବାକୁ ଚାହିଁବ ନାହିଁ । ଭାରତ-ରୁଷ୍ ଶୀର୍ଷ ବୈଠକକୁ ଆମେରିକା କିଭଳି ଦେଖିବ ଏବଂ କେଉଁ ନିଷ୍କର୍ଷ ବାହାର କରିବ ତାହା ଅସ୍ଥିରମତି ଟ୍ରମ୍ପଙ୍କ ଉପରେ ନିର୍ଭର କରେ । କିନ୍ତୁ ଭାରତ ଏହାକୁ ଚେକ୍ ଆଣ୍ଡ ବାଲାନ୍ସ ନୀତି ବା ସଜାଗ ଓ ସମତୁଲ ଭାବେ ଚତୁରତାର ସହିତ ପରିଚାଳନା କରିବାକୁ ପଡ଼ିବ । ରୁଷ୍-ୟୁକ୍ରେନ୍ ଯୁଦ୍ଧବିରତି ପ୍ରସଙ୍ଗ ଏହି ଆଲୋଚନା ବେଳେ ସ୍ଥାନ ପାଇବା ନିଶ୍ଚିତ । କିନ୍ତୁ ଭାରତ ତା'ର ପଡ଼ୋଶୀ ଦୁଷ୍ଟ ରାଷ୍ଟ୍ରଙ୍କୁ କି ବାର୍ତ୍ତା ଦେବ ତାହା ଆଉ କିଛି ଘଣ୍ଟା ପରେ ସ୍ପଷ୍ଟ ହେବ । ସରକାରୀ ଔପଚାରିକତାକୁ ଏଡ଼ାଇ ଯାଇ ମୋଦୀ ଓ ପୁଟିନ୍ ଯେଭଳି ପରସ୍ପର ସହିତ ମିଶିଲେ ଏବଂ ଭାରତରେ ପୁଟିନ୍‌ଙ୍କୁ ଯେଭଳି ଭବ୍ୟ ସ୍ୱାଗତ କରାଗଲା ସେଥିରୁ ମଧ୍ୟ ଅବଶିଷ୍ଟ ବିଶ୍ୱଙ୍କୁ ଏକ ସ୍ୱତନ୍ତ୍ର ସନ୍ଦେଶ ଯାଉଛି, ଯାହା ବୁଦ୍ଧିମାନ ପଡ଼ୋଶୀମାନେ ବୁଝିବାରେ କଷ୍ଟ ହେବ ନାହିଁ ।

# ଅନିଶ୍ଚିତ ଚାକିରିରେ ଅଦୃଶ୍ୟ ଚାପ

**ଡକ୍ଟର ଅବଶ ପରିଡ଼ା**

ବାରମ୍ବାର ଚାକିରି ହରାଇବା, ଅସୁରକ୍ଷିତ ରୋଜଗାର ଜୀବନ, କମ୍ ଦରମା, ଚାପପୂର୍ଣ୍ଣ କାର୍ଯ୍ୟ ଲକ୍ଷ୍ୟ ସହିତ ଘରୋଇ, ଚୁକ୍ତିଭିତ୍ତିକ, ଆଉଟସୋର୍ସିଂ ଓ ଗିଗ୍-ଭିତ୍ତିକ ନିଯୁକ୍ତିର ପ୍ରସାର ହେଉଛି ଆଧୁନିକ ଶ୍ରମ ବଜାରର ବୈଶିଷ୍ଟ୍ୟ। ସମାଜବିଜ୍ଞାନୀଙ୍କ ମତରେ ଶ୍ରମ ବଜାର ଓ ବିଶାଳ କର୍ମଜୀବୀ ସମୁଦାୟ ପାଇଁ ଏହା ହେଉଛି ଏକ ଯୋଜନାବଦ୍ଧ ଅସ୍ଥିରତା । ମୋଟ ଉପରେ ଅନିଶ୍ଚିତ, ଅସ୍ଥାୟୀ ଓ ସାମାଜିକ ସୁରକ୍ଷାର ଅଭାବ ଥିବା କାର୍ଯ୍ୟସଂସ୍କୃତି ଆଡ଼କୁ ହେଉଥିବା ଏକ ବୃହତ୍ ପରିବର୍ତ୍ତନ। ଏପରି ଦୃଶ୍ୟପଟ୍ଟରେ, କାର୍ଯ୍ୟରେ ନୈତିକୀକରଣ(ମୋରାଲାଇଜେସନ୍ ଅଫ୍ ୱାର୍କ) ଏବଂ କାର୍ଯ୍ୟ ପ୍ରତି ଆନ୍ତରିକ ପ୍ରେରଣାର ଆଶା କର୍ମଜୀବୀଙ୍କ ପାଇଁ ଏକ ଅଦୃଶ୍ୟ ଚାପ ହେଉନି ତ?

ତାତ୍ତ୍ୱିକ ଦୃଷ୍ଟିରେ କାର୍ଯ୍ୟରେ ନୈତିକୀକରଣ ଧାରଣା ହେଉଛି ପରିବାର ଓ ସମାଜ ପ୍ରତି ଏକ କର୍ତ୍ତବ୍ୟ, ବ୍ୟକ୍ତି ଚରିତ୍ରର ଏକ ମର୍ଯ୍ୟାଦା ଏବଂ ପରିଶେଷରେ ଜୀବିକା ଉପାର୍ଜନଠାରୁ ଅଧିକ ମୂଲ୍ୟବାନ। କାର୍ଯ୍ୟକୁ ସ୍ୱାଭାବିକ ଠିକ୍ କିମ୍ବା ଭୁଲ ଭାବରେ ବିଚାର କରାଯିବାର ଏକ ପ୍ରକ୍ରିୟା ହେଉଛି କାର୍ଯ୍ୟରେ ନୈତିକୀକରଣ, ଯେଉଁଠାରେ ନୈତିକ ବିଚାରଗୁଡ଼ିକ ପ୍ରୟୋଗ ହୁଏ । କାର୍ଯ୍ୟ ପ୍ରତି ଥିବା ଏହି ଧାରଣା ପାଇଁ ଧାର୍ମିକ, ସାଂସ୍କୃତିକ ଓ ଶିଳ୍ପ ବ୍ୟବସ୍ଥା ଦାୟୀ । ସମ୍ଭବତଃ ସେଥିପାଇଁ କାର୍ଯ୍ୟରେ ପରିଶ୍ରମକୁ ଏକ ବ୍ୟକ୍ତିଗତ ସଦଗୁଣ ଭାବେ ଚିତ୍ରଣ କରାଯାଉଛି । ଏଠି କହି ରଖିବାକୁ ଚାହେଁ ଯେ ଏସବୁ ଆଶାଗୁଡ଼ିକ ପଦୋନ୍ନତି, ପୁରସ୍କାର ଓ ଦୀର୍ଘକାଳୀନ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ଭଳି ମାନ୍ୟତା ଉପରେ ଆଧାରିତ । କିନ୍ତୁ ଆଧୁନିକ ଅସ୍ଥିର ଶ୍ରମ ବଜାର ଏବଂ ଲାଭ ଅଭିମୁଖୀ-ମାନବିକ ମୂଲ୍ୟହୀନତା ନିଯୁକ୍ତିରେ ଏହିସବୁ ଉପାଦାନ ଏକ ବିଶାଳ ଶ୍ରମଜୀବୀ ଗୋଷ୍ଠୀ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ସମାଜଶାସ୍ତ୍ରୀମାନେ ମନ୍ତବ୍ୟ ରଖନ୍ତି ।

ଏଠାରେ ଏମିତି ବି ପ୍ରଶ୍ନ ଆସିପାରେ ଯେ କାର୍ଯ୍ୟରେ ନୈତିକୀକରଣ ହେଉଛି ଏକ ପ୍ରକ୍ରିୟା । ଏହା ସାମାଜିକ ଓ ମାନବିକ ମୂଲ୍ୟବୋଧ ପାଇଁ ଉଦ୍ଦିଷ୍ଟ । ତେଣୁ ଯେକୌଣସି ଚାକିରି ହେଉ, ସେଥିରେ ଆନ୍ତରିକ ପ୍ରେରଣା ରହିବା ଦରକାର। ଆନ୍ତରିକ ପ୍ରେରଣା ହେଉଛି ଅର୍ଥ କିମ୍ବା ପ୍ରଶଂସା ପରି ବାହ୍ୟ ପୁରସ୍କାର ଅପେକ୍ଷା ଅନ୍ତର୍ନିହିତ ସନ୍ତୋଷ ସହ କାର୍ଯ୍ୟ କରିବା ପାଇଁ ପ୍ରେରଣା । କିନ୍ତୁ ବିପରୀତରେ, କିଛି ସର୍ବେକ୍ଷଣର ଫଳାଫଳ ଏ ବିଷୟରେ ଭିନ୍ନ ମତ ରଖନ୍ତି । ଏଡିପି ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ ଭାରତରେ ପଚାଶ ପ୍ରତିଶତ କର୍ମଚାରୀ ଏବଂ ବିଶ୍ୱସ୍ତରରେ ଏକ ବିଶାଳ ଅଂଶ ସେମାନଙ୍କ ଚାକିରିରେ ସୁରକ୍ଷିତ ଅନୁଭବ କରନ୍ତି ନାହିଁ । କନିଷ୍ଠ କର୍ମଚାରୀଙ୍କ ମଧ୍ୟରେ (ଜେନ୍ ଜେଡ୍ ବା ୧୮-୨୪ ବର୍ଷ ବୟସ) ଅସୁରକ୍ଷାର ଭାବନା ଆହୁରି ଅଧିକ । ଏହି ବ୍ୟାପକ ଅସୁରକ୍ଷାର ଚିନ୍ତା ସୂଚାଇ ଦିଏ ଯେ ଅନେକ କର୍ମଚାରୀ ଦୀର୍ଘକାଳୀନ ନିଯୁକ୍ତି ସ୍ଥିରତା ଉପରେ ଆଗକୁ ନିର୍ଭର କରିପାରିବେ ନାହିଁ । 'କଠିନ ପରିଶ୍ରମ ହିଁ ସବୁବେଳେ ଚାକିରି ସୁରକ୍ଷା ଦେବ' ଭଳି ପାରମ୍ପରିକ ପ୍ରତିଶ୍ରୁତି ମଧ୍ୟ ଏବେ ଦୁର୍ବଳ ହୋଇଗଲାଣି । ତେଣୁ ଚାକିରିର ଅସୁରକ୍ଷା ଯୋଗୁଁ ବ୍ୟକ୍ତିର କାର୍ଯ୍ୟରେ ଭାଗିଦାରୀ କମ୍ ହେଉଛି । କାର୍ଯ୍ୟର ନୈତିକ ଦିଗ ଯଥା କର୍ତ୍ତବ୍ୟ, ବିଶ୍ୱସ୍ତତା, ପରିଚୟ ଅନେକାଂଶରେ କ୍ଷୁଣ୍ଣ ହେବାର ଆଶଙ୍କା ମଧ୍ୟ ବଢ଼ିଯାଉଛି ।

କିଛିଦିନ ତଳେ ଏହି ସମାନ ବିଷୟବସ୍ତୁକୁ ନେଇ ଏକ ଉଚ୍ଚସ୍ତରୀୟ ଅଧ୍ୟୟନ ହୋଇଥିଲା । ଏଥିରେ ଉଲ୍ଲେଖ ଥିଲା ଯେ ନିଜ କାର୍ଯ୍ୟକୁ ଭଲ ପାଇବା ଦ୍ୱାରା କର୍ମଚାରୀର ଆନ୍ତରିକ ପ୍ରେରଣା ବୃଦ୍ଧି ପାଏ । ଏହା ଯୋଗୁଁ ସୃଜନଶୀଳତା, ସ୍ଥିରତା ଓ କାର୍ଯ୍ୟଦକ୍ଷତା ଶାଣିତ ହୁଏ । କିନ୍ତୁ କାମକୁ ଭଲ ପାଇବା ଯେ କେତେବେଳେ କର୍ମଚାରୀ ପାଇଁ ଏକ ନୈତିକ ଦାୟିତ୍ୱରେ ପରିଣତ ହୋଇଯାଏ ଏବଂ ପରେ କ୍ଷତିକାରକ ହୁଏ ସେ ତାହା ଜାଣି ପାରେନାହିଁ। ସରଳରେ କହିବାକୁ ଗଲେ ଯେତେବେଳେ କର୍ତ୍ତୃପକ୍ଷ ନୈତିକ ଭାବରେ କାର୍ଯ୍ୟପ୍ରେରଣାକୁ ବିଚାର କରିବା ଆରମ୍ଭ କରନ୍ତି, ସେମାନେ ଦରମା କିମ୍ବା ଅନ୍ୟାନ୍ୟ କାରଣରୁ କାମ କରୁଥିବା କର୍ମଚାରୀଙ୍କୁ ନିକୃଷ୍ଟ ବୋଲି ଭାବନ୍ତି । ସେହି ଅଧ୍ୟୟନର ଗବେଷକମାନଙ୍କ ପରାମର୍ଶ ଅନୁଯାୟୀ କେବଳ ଆଗ୍ରହ ନୁହେଁ, ଜୀବନରେ ସନ୍ତୁଳନ ପାଇଁ ଆମେ କାର୍ଯ୍ୟ କରୁ । ତେଣୁ ସମସ୍ତେ ସେମାନଙ୍କ କାମକୁ ଭଲ ପାଇବେ ବୋଲି ଆଶା ରଖିବା ଗ୍ରହଣୀୟ ନୁହେଁ ।

ଏହି ପରିପ୍ରେକ୍ଷୀରେ 'ଦ କଣ୍ଡିସନାଲ୍ ମୋରାଲାଇଜେସନ୍ ମଡେଲ୍' ତତ୍ତ୍ୱ କୁହେ ଯେ ମୌଳିକ ସାଂରଚନିକ ସର୍ତ୍ତାବଳୀ ଯଥା ଚାକିରି ସୁରକ୍ଷା, ନ୍ୟାୟସଙ୍ଗତ ଦରମା, ମର୍ଯ୍ୟାଦା ପୂରଣ ହେଲେ ହିଁ କାର୍ଯ୍ୟ ଅର୍ଥପୂର୍ଣ୍ଣ ହୁଏ । କ୍ଷୁଧା, ଅସୁରକ୍ଷା କିମ୍ବା ଅନିଶ୍ଚିତତାକୁ ଜଣେ ଚାହିଁଲେ ମଧ୍ୟ ନୈତିକତାର ରୂପ ଦେଇପାରିବେ ନାହିଁ। କେବଳ ଶ୍ରମିକମାନଙ୍କଠାରୁ ନୈତିକ, ବିଶ୍ୱସ୍ତ, ସ୍ୱ-ଚାଳିତ ଏବଂ ଆଗ୍ରହରେ ପରିପୂର୍ଣ୍ଣ ହେବା ଆଶା କଲେ ଅର୍ଥପୂର୍ଣ୍ଣ କାର୍ଯ୍ୟ ଅସମ୍ଭବ। କାର୍ଯ୍ୟକ୍ଷେତ୍ର ଓ ନିଯୁକ୍ତିଦାତାଙ୍କୁ ମଧ୍ୟ ନ୍ୟାୟ ଓ ମାନବୀୟ ଅବସ୍ଥା ଭଳି ନୈତିକ କର୍ତ୍ତବ୍ୟ ବହନ କରିବାକୁ ପଡ଼ିବ । ତେଣୁ ନୈତିକୀକରଣ କେବଳ କର୍ମଚାରୀର ବ୍ୟକ୍ତିଗତ ଗୁଣ ନୁହେଁ, ବରଂ ଏକ ସାଂଗଠନିକ ଦାୟିତ୍ୱ ଭାବରେ ପୁନଃସ୍ଥାପିତ କରାଯିବା ଉଚିତ । ନବ୍ୟ-ସମାଜବିଜ୍ଞାନୀଙ୍କ ମତରେ ନୈତିକୀକରଣ ଭୂମିକାର ବିବର୍ତ୍ତନ ହେଉଛି ଏବେ ଏହା 'ବ୍ୟକ୍ତିଗତ ଅଙ୍ଗୀକାରବଦ୍ଧତାର ବାଣିଜ୍ୟିକରଣ'ରେ ପରିଚାଳିତ ।

ତେବେ ବର୍ତ୍ତମାନ ଅସୁରକ୍ଷିତ ଚାକିରିରେ ନୈତିକୀକରଣ ଆବଶ୍ୟକତା ଅଛି କି? ଏହାକୁ ନେଇ ଦୁଇଟି ପରସ୍ପର ବିରୋଧୀ ଚିନ୍ତାଧାରା ସୃଷ୍ଟି ହୋଇଛି । 'ନୈତିକତାର ଅର୍ଥ ଉପରେ ଉଭୟ ଚିନ୍ତାଧାରାର ଦୃଷ୍ଟିକୋଣ ନିର୍ଭର କରେ । ପ୍ରଥମ ମହଲ ଅନୁଯାୟୀ, ଏହା ଆବଶ୍ୟକ ନୁହେଁ । ଆଧୁନିକ କାର୍ଯ୍ୟ ନୈତିକତାର ଧାରଣା ଏବେ ରୁମାନିକରଣ ରୂପରେ ପରିଭାଷିତ । ଏହାର ଅର୍ଥ ହେଉଛି ଯେଉଁଠି କର୍ମଚାରୀର ପରିଶ୍ରମକୁ ଏକ ଭଲ ଅନୁଭବର କାହାଣୀ ଏବଂ ଏକ ମହାନ କର୍ତ୍ତବ୍ୟ ଭାବରେ ଚିତ୍ରଣ କରାଯାଏ । ଦରମା ନୁହେଁ, ବରଂ କାର୍ଯ୍ୟରେ ଆଗ୍ରହ ହେଉଛି ପ୍ରାଥମିକତା ଏବଂ ଖରାପ ପରିସ୍ଥିତିରେ ମଧ୍ୟ ବିଶ୍ୱସ୍ତତା ରହିବା ଉଚିତ ଭଳି ବାର୍ତ୍ତା ଏବେ ବ୍ୟାପକ । ଉଦାହରଣ ସ୍ୱରୂପ, 'ମାଲିକାନା, 'ଅପରିହାର୍ଯ୍ୟ, 'ଉଜ୍ଜ୍ୱଳ ଭବିଷ୍ୟତ', 'କାମକୁ ଭଲପାଅ' ଇତ୍ୟାଦି ବାକ୍ୟର କର୍ମଚାରୀଙ୍କ ଉପରେ ବହୁଳ ବ୍ୟବହାର ହେଉଛି । ଏହାଦ୍ୱାରା କିଏ ଲାଭ ପାଏ ଆମେ ସମସ୍ତେ ଜାଣୁ ।

ଦ୍ୱିତୀୟ ମହଲ ଅନୁସାରେ କାର୍ଯ୍ୟରେ ନୈତିକୀକରଣର ଅତ୍ୟନ୍ତ ଆବଶ୍ୟକତା ଅଛି ଏବଂ ଆଗକୁ ରହିବ ମଧ୍ୟ । ଏଥିରେ ଦ୍ୱିମତ ନାହିଁ । ସାମ୍ପ୍ରତିକ ବିଶ୍ୱର ଅନେକ ଶ୍ରମ ସଂଗଠନ ଏବଂ ଭାରତର ଜାତୀୟ ବିକାଶକୁ ନେଇ ହୋଇଥିବା ବହୁବିଧ ଭାରତୀୟ ଅଧ୍ୟୟନ କାର୍ଯ୍ୟର ନୈତିକୀକରଣ ପାଇଁ ଦୃଢ଼ ସମର୍ଥନ କରନ୍ତି । ଅବଶ୍ୟ ଏହା ପାଇଁ କିଛି ମାନଦଣ୍ଡ ମଧ୍ୟ ପ୍ରସ୍ତୁତ ହୋଇଛି । ପ୍ଲାଟଫର୍ମ ଶ୍ରମ, ଆଉଟସୋର୍ସିଂ, ଚୁକ୍ତିଭିତ୍ତିକ କର୍ମଚାରୀଙ୍କଠାରୁ ନୈତିକ ଅଙ୍ଗୀକାରବଦ୍ଧତା ମାଗିବା ଆଉ ଯଥେଷ୍ଟ ନୁହେଁ । ଏହା ବଦଳରେ ନିଯୁକ୍ତିଦାତା, ପ୍ରତିଷ୍ଠାନ ଓ ମାଲିକଙ୍କ ଅନେକ ମାନବିକ ଓ ନୈତିକ ଦାୟିତ୍ୱ କଥା ମଧ୍ୟ ଉଲ୍ଲେଖ ଅଛି ।

ଶେଷରେ, ଆଜିର ଶ୍ରମ ବଜାରରେ କର୍ମଚାରୀମାନେ ନୈତିକ ଭାବରେ ସ୍ୱୟଂ ପ୍ରେରଣା ପାଇବେ ବୋଲି ଆଶା କରିବା ବୃଥା । ଠିକ ଟ୍ରାଫିକ୍ ଜାମ୍ ମଧ୍ୟରେ ଧ୍ୟାନ କରିବାକୁ କହିବା ଭଳି। ନିଯୁକ୍ତିଦାତାମାନେ କର୍ମ କ୍ଷେତ୍ରରେ 'ପରିବାର ସଂସ୍କୃତି' କଥା ପ୍ରଚାର କରନ୍ତି । କିନ୍ତୁ କମ୍ ଦରମାରେ କର୍ମଚାରୀର ପରିବାର କେମିତି ଚଳୁଛି ସେ କଥା କେବେ ପଚାରନ୍ତି ନାହିଁ । ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ଏହି ବିରୋଧାଭାସ ଅଜାଣତରେ ନୁହେଁ, ବରଂ ଏହା ଏକ ଗଠନମୂଳକ । ଯଦି କାର୍ଯ୍ୟ ସଂସ୍କୃତିରେ ମର୍ଯ୍ୟାଦା, ନ୍ୟାୟ ଓ ସ୍ୱର ଅନୁପସ୍ଥିତ ରହିବ ତେବେ କୌଣସି ପ୍ରେରଣାଦାୟକ ପୋଷ୍ଟର, ଯୋଗ ଅଧିବେଶନ କିମ୍ବା ଟିମ ଆଉଟିଙ୍ଗ ଏହି ଅନିଶ୍ଚିତତାକୁ ନୈତିକ ଆହ୍ୱାନରେ ପରିଣତ କରିପାରିବ ନାହିଁ ।

ତେଣୁ ଏକ ସୁନ୍ଦର ଭବିଷ୍ୟତର ଆବଶ୍ୟକତା ଅଛି, ଯେଉଁଠାରେ ସଂସ୍ଥାଗୁଡ଼ିକ ଲାଭ ବୃଦ୍ଧିକାରୀ ଯନ୍ତ୍ର ଭାବେ ନୁହେଁ, ବରଂ ସାମାଜିକ ଅଂଶୀଦାର ପରି ଆଚରଣ କରିବାକୁ ପଡ଼ିବ। ସେଯାଏଁ କର୍ମଚାରୀମାନେ ନିଜ ପରିଚାଳକ ଓ କାର୍ଯ୍ୟାଳୟ ମୁଖ୍ୟଙ୍କ ପ୍ରେରଣାଦାୟକ ଭାଷଣରେ ମୁଣ୍ଡ ନୁଆଁଇ ହଁ ମାରି ଚାଲୁଥିବେ । ଅବଚେତନ ମନରେ ଭବିଷ୍ୟତ, ପରିବାର, ଦାୟିତ୍ୱ ବିଷୟରେ ଚିନ୍ତା କରୁଥିବେ ଏବଂ ଗୁପ୍ତ ଭାବରେ ଅନ୍ୟତ୍ର ଚାକିରି କିମ୍ବା ସୁଯୋଗ ଖୋଜୁଥିବେ । ପରିବାର, ଜୀବନ ଓ ପେଟପାଟଣା ପାଇଁ ଏହା ହିଁ 'ଆନ୍ତରିକ ପ୍ରେରଣା'ର ସବୁଠାରୁ ସଚ୍ଚୋଟ ରୂପ; ନୁହେଁ କି?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨ ।

# ସାମ୍ବିଧାନିକ ମୂଲ୍ୟବୋଧ ଓ ଦେଶ ପ୍ରତି ଆମ ଦାୟିତ୍ୱ

**ନିରଞ୍ଜନ ନାୟକ**




ଗୋଟିଏ ପରିବାରର ସୁପରିଚାଳନା ପାଇଁ ଆବଶ୍ୟକ ହୁଏ କିଛି ନିର୍ଦ୍ଦିଷ୍ଟ ନିୟମ ବା ବ୍ୟବସ୍ଥା । ବିଶେଷକରି ପାରିବାରିକ ବ୍ୟବସ୍ଥାର ପରିଚାଳନା ଭାର ପରିବାରର ଜଣେ ବରିଷ୍ଠଙ୍କ ମୌଖିକ ବ୍ୟବସ୍ଥା ଦେଇ ପରିଚାଳିତ ହୋଇଥାଏ ସତ, କିନ୍ତୁ ପରିବାରର ଆଲୋଚନା ଓ ପର୍ଯ୍ୟାଲୋଚନା ପରର ନିଷ୍କର୍ଷ ଗୋଟିଏ ପରିବାରକୁ ସଶକ୍ତ, ସମୃଦ୍ଧ ଓ ପ୍ରଗତିଶୀଳ କରାଇବାରେ ସହାୟକ ହୋଇଥାଏ । ଶହେ ଚାଳିଶ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଆମ ରାଷ୍ଟ୍ର ଭାରତର ସୁପରିଚାଳନା ତଥା ବିକାଶ ପାଇଁ ଏକ ନିର୍ଦ୍ଦିଷ୍ଟ ଲିଖିତ ନୀତି ନିୟମ ପ୍ରଚଳିତ ହୋଇଛି । ଭାରତୀୟ 'ସମ୍ବିଧାନ' ନାମରେ ପରିଚିତ ଏହି ଗ୍ରନ୍ଥରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଅନ୍ତର୍ଭୁକ୍ତ। ଏକ ବଳିଷ୍ଠ ଗଣତନ୍ତ୍ର ପାଇଁ ଦେଶର ସମ୍ବିଧାନର ଭୂମିକା ଅନନ୍ୟ ଓ ଗୁରୁତ୍ୱପୂର୍ଣ୍ଣ ।

ସମ୍ବିଧାନ ପ୍ରଣେତା ଭାବେ ବିଦିତ ଡ. ଭୀମରାଓ ଆମ୍ବେଦକର କହିଥିଲେ- ଭାରତୀୟ ସମ୍ବିଧାନ ଏକ କଠୋର ଆଇନଗତ ଦଲିଲ ନୁହେଁ, ବରଂ ଏହା ଏକ ଜୀବନ୍ତ ଏବଂ ଗତିଶୀଳ ଅଙ୍ଗ, ଯାହା ସମାଜର ପରିବର୍ତ୍ତନଶୀଳ ଆବଶ୍ୟକତା, ମୂଲ୍ୟବୋଧ ଓ ଆକାଂକ୍ଷାକୁ ପ୍ରତିଫଳିତ କରେ। ସମ୍ବିଧାନ କେବଳ ଏକ ଆଇନଗତ ଗ୍ରନ୍ଥ ନୁହେଁ, ଯାହା କେବଳ ଆଇନଜୀବୀମାନଙ୍କ ଦ୍ୱାରା ବ୍ୟବହୃତ ହୁଏ । ସମ୍ବିଧାନ ଦେଶର ଲୋକମାନଙ୍କର ଦୈନନ୍ଦିନ ଜୀବନକୁ ପରିଚାଳନା କରେ ଏବଂ ଏହା ଏକ ଗତିଶୀଳ ଯାନ ପରି, ଯାହା ସମାଜକୁ ଆଗକୁ ନେଇଯାଏ । ଏହାର ଆତ୍ମା ସର୍ବଦା ପ୍ରାଚୀନ, ଯାହା ସମୟ ସହିତ ପରିବର୍ତ୍ତନ ହୁଏ ଏବଂ ସାମ୍ପ୍ରତିକ ସମାଜର ମୂଲ୍ୟବୋଧ ଓ ଆବଶ୍ୟକତା ସହିତ ଯୋଡ଼ି ହୋଇ ରହିଥାଏ ।

ସାମ୍ବିଧାନିକ ଅଧିକାର ଓ ନାଗରିକମାନଙ୍କ ଦେଶ ପ୍ରତି ଦାୟିତ୍ୱବୋଧ ରହିଲେ ସାମ୍ବିଧାନିକ ମୂଲ୍ୟବୋଧ ବ୍ୟାପକ ହୋଇପାରିବ । ଦେଶ ଓ ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଓ ଦାୟିତ୍ୱକୁ ଆଜିର ଯୁବପିଢ଼ି ଗଭୀର ରୂପେ ହୃଦୟଙ୍ଗମ କଲେ ସମ୍ବିଧାନର ମହତ୍ତ୍ୱ ସୁଦୂରପ୍ରସାରୀ ହୋଇପାରିବ। ଆମେ ସମସ୍ତେ ମୌଳିକ ଅଧିକାର ବିଷୟରେ ବହୁତ ଜୋରରେ କଥା ହେଉ। କିନ୍ତୁ ଯେତେବେଳେ ଦେଶ ପ୍ରତି ଆମର ମୌଳିକ କର୍ତ୍ତବ୍ୟ କଥା ଆସେ, ଦେଶକୁ ରକ୍ଷା କରିବା ଏବଂ ସଦ୍ଭାବନାକୁ ପ୍ରୋତ୍ସାହିତ କରିବା ବେଳେ ଆମେ ସମସ୍ତେ ଦ୍ୱିଧାଗ୍ରସ୍ତ ଅବସ୍ଥାରେ ପଡ଼ିଯାଉ । ଏହି ସମ୍ବିଧାନ ଆମକୁ ସମାଜ ଏବଂ ଦେଶ ପ୍ରତି ଦାୟିତ୍ୱ ନିର୍ଣ୍ଣୟ କରିବାର ମୌଳିକ କର୍ତ୍ତବ୍ୟ ଦେଇଛି । କିନ୍ତୁ ଆମେ ଦେଶକୁ ରକ୍ଷା କରିବା ଏବଂ ଭାରତୀୟ ସମ୍ବିଧାନ ପାଳନ କରିବା ପାଇଁ କେହି କଥା ହେବାକୁ ଚାହୁଁନାହାନ୍ତି । ଆମେ ସବୁକିଛି ଚାହୁଁଛୁ, କିନ୍ତୁ ପ୍ରତିବଦଳରେ କିମ୍ବା ଏହାକୁ ଆମର ଦାୟିତ୍ୱ ଭାବରେ ବିଚାର କରିବାକୁ ଚାହୁଁନାହୁଁ ।

'ଆଗ ଦେଶ ଆଉ ସବୁ ପଛ' ଏହି ଭାବନାର ଉଦ୍ରେକ ଆଜିର ଯୁବପିଢ଼ି ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ମୌଳିକ କର୍ତ୍ତବ୍ୟଗୁଡ଼ିକ ମୁଖ୍ୟତଃ ପୂର୍ବତନ ସୋଭିଏତ୍ ୟୁନିଅନ୍ ଦ୍ୱାରା ଅନୁପ୍ରାଣିତ ହୋଇଥିଲା । ଭାରତରେ ମୋଟ ଏଗାରଟି ଅତ୍ୟାବଶ୍ୟକ କର୍ତ୍ତବ୍ୟ ବା ଆମର ଦାୟିତ୍ୱ ରହିଛି, ଯାହା ଭାରତୀୟ ସମ୍ବିଧାନରୁ ଗ୍ରହଣୀୟ । ଆମର କର୍ତ୍ତବ୍ୟ/ଦାୟିତ୍ୱଗୁଡ଼ିକ ହେଲା - ସମ୍ବିଧାନ ପାଳନ କରିବା ସହ ସ୍ୱାଧୀନତା ସଂଗ୍ରାମର ଆଦର୍ଶ ଅନୁସରଣ କରିବା, ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ରକ୍ଷା କରିବା ସହ ଦେଶକୁ ରକ୍ଷା କରିବା ଏବଂ ଆହ୍ୱାନ ଆସିଲେ ଜାତୀୟ ସେବା ପ୍ରଦାନ କରିବା, ସାଧାରଣ ଭ୍ରାତୃତ୍ୱର ଭାବନା ବିକଶିତ କରିବା, ଦେଶର ସଂସ୍କୃତିକୁ ସଂରକ୍ଷଣ କରିବା, ପ୍ରାକୃତିକ ପରିବେଶ ଓ ଜୈବ ବିବିଧତାର ସଂରକ୍ଷଣ କରିବା, ବୈଜ୍ଞାନିକ ମନୋଭାବ ଓ ମାନବତା ବିକାଶ କରିବା, ଅହିଂସା ମାର୍ଗରେ ଚାଲିବା, ଜୀବନର ସମସ୍ତ କ୍ଷେତ୍ରରେ ଉତ୍କର୍ଷ ପାଇଁ ଚେଷ୍ଟା କରିବା, ସମସ୍ତ ପିତାମାତା/ଅଭିଭାବକଙ୍କ କର୍ତ୍ତବ୍ୟ ହେଉଛି ଯେ ସେମାନେ ୬ ରୁ ୧୪ ବର୍ଷର ଶିଶୁଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ସୁନିଶ୍ଚିତ କରିବେ ।

ମୌଳିକ କର୍ତ୍ତବ୍ୟ ସୃଷ୍ଟି କରିବା ପଛରେ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକ ଅନୁଭବ କରିବା ଉଚିତ ଯେ, ପ୍ରଥମ ହେଉଛି ଦେଶକୁ ରକ୍ଷା କରିବା ଏବଂ ପ୍ରତ୍ୟେକ କାର୍ଯ୍ୟ ଏବଂ ଲକ୍ଷ୍ୟଠାରୁ ଜାତୀୟ ସ୍ୱାର୍ଥ ଆଗରେ ରହିବା ଉଚିତ । ଭାରତୀୟ ମୌଳିକ କର୍ତ୍ତବ୍ୟରେ ଭାରତୀୟ ସମ୍ବିଧାନକୁ ପାଳନ କରିବା, ଆମର ଜାତୀୟ ପତାକାକୁ ସମ୍ମାନ କରିବା, ଜାତୀୟ ସଙ୍ଗୀତ ପ୍ରତି ସମ୍ମାନର ଭାବନା ରଖିବା ଏବଂ ସାର୍ବଜନୀନ ସମ୍ପତ୍ତିକୁ ସୁରକ୍ଷା ଦେବା ଅନ୍ତର୍ଭୁକ୍ତ । ବିଶ୍ୱର ଦ୍ୱିତୀୟ ଜନସଂଖ୍ୟା ବିଶିଷ୍ଟ ଭାରତ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ପରିଚିତ । ତେଣୁ ଆମ ଭଳି ସମସ୍ତ ନାଗରିକଙ୍କ ପାଇଁ ସମ୍ବିଧାନ ପାଲଟିଛି ଏକ ଅଭିନ୍ନ ଅଙ୍ଗ ।

ରାୟଗଡ଼, ମୋ: ୯୪୩୭୩୧୭୪୧୭

# ବିଲାରାରେ ପୂଜା ପାଆନ୍ତି ଦୈତ୍ୟ ରାଜା ବଳି

**ଓଜସ୍ୱିନୀ**

## ବିଚିତ୍ର ବିଶ୍ୱାସ

ପୌରାଣିକ ଗାଥା ଅନୁସାରେ ଅନନ୍ୟ ବିଷ୍ଣୁଭକ୍ତ ପ୍ରହ୍ଲାଦଙ୍କର ପୌତ୍ର ମହାରାଜା ବଳିଙ୍କୁ ଦାନବୀର ତଥା ମହାଶକ୍ତିଶାଳୀ ରାଜାବଳୀ ଭାବେ ବର୍ଣ୍ଣନା କରାଯାଇଛି। ରାଜା ବଳି ଦୈତ୍ୟକୁଳରେ ଜନ୍ମିଥିଲେ ମଧ୍ୟ ବିଷ୍ଣୁଭକ୍ତିରେ ଲୀନ ଥିଲେ । ତେଣୁ ତାଙ୍କୁ ଭାରତର ଅନେକ ସ୍ଥାନରେ ଦେବତା ଭାବେ ପୂଜା କରାଯାଉଛି । ବିଶେଷଭାବେ ରାଜସ୍ଥାନର ବିଲାରା ଓ କେରଳରେ ବଳିଙ୍କ ପୂଜା ବିଶେଷ ରୀତିନୀତି ଦ୍ୱାରା ସମ୍ପନ୍ନ ହୋଇଥାଏ ।

ରାଜସ୍ଥାନର ବିଲାରାଠାରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଗୋଟିଏ ଛୋଟ ପାହାଡ଼ ଉପରେ ନିର୍ମିତ ରାଜା ବଳିଙ୍କ ମନ୍ଦିର। ଲୋକକଥା ଅନୁସାରେ ଏହା ସେହି ପାହାଡ଼, ଯେଉଁଠି ରାଜା ବଳି ତାଙ୍କର ୧୦୦ତମ ଯଜ୍ଞାନୁଷ୍ଠାନ ସମ୍ପୂର୍ଣ୍ଣ କରିଥିଲେ ଏବଂ ଭଗବାନ ଶ୍ରୀବିଷ୍ଣୁ ଏହି ସ୍ଥାନରେ ବାମନ ବ୍ରାହ୍ମଣ ରୂପେ ଆବିର୍ଭୂତ ହୋଇ ବଳିଙ୍କୁ ତିନିପାଦ ଭୂମି ମାଗିଥିଲେ । ଆଜି ମଧ୍ୟ ଏଠାରେ ରାଜାବଳିଙ୍କ ଯଜ୍ଞାନୁଷ୍ଠାନର ଧ୍ୱଂସାବଶେଷ ଦେଖିବାକୁ ମିଳେ। ଏଠାରେ ନିର୍ମିତ ବଳି ମନ୍ଦିରର ଗର୍ଭଗୃହରେ ଗୋଟିଏ ବିଶାଳ ଗର୍ତ୍ତ ରହିଛି। ଏହି ଗର୍ତ୍ତକୁ ଗୋଟିଏ ବିଶାଳ ପଥର ଦ୍ୱାରା ଆବୃତ୍ତ କରି ରଖାଯାଇଛି । ବିଶ୍ୱାସ କରାଯାଏ ଯେ, ଏହା ସେହି ସ୍ଥାନ, ଯେଉଁଠି ଶ୍ରୀବିଷ୍ଣୁ ରାଜା ବଳିଙ୍କୁ ପାତାଳପୁରକୁ ପ୍ରେରଣ କରିଥିଲେ । ଏହି ସ୍ଥାନରେ ପ୍ରତିଦିନ ବିଧିବିଧାନର ସହ ରାଜା ବଳିଙ୍କ ପୂଜାର୍ଚ୍ଚନା କରାଯାଏ । ବିଲାରାସ୍ଥିତ ଆଇମାତା ଦେବୀଙ୍କ ମନ୍ଦିର ପରିସର ଭିତରେ ଥିବା କଳ୍ପତରୁ ଓ ଦେବଦାରୁ ନାମକ ବିଶାଳ ବୃକ୍ଷକୁ ତୀର୍ଥସ୍ଥଳର ମାନ୍ୟତା ମିଳିଛି । ବିଶ୍ୱାସ ରହିଛି ଯେ, ଏହି ବୃକ୍ଷତୀର୍ଥରେ ଥିବା ଦେବଦାରୁ ବୃକ୍ଷକୁ ରାଜା ବଳି ସ୍ୱର୍ଗପୁରରୁ ଏଠାକୁ ଆଣିଥିଲେ । ଏହି ବୃକ୍ଷର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଏହାର ଶାଖାରେ ପ୍ରାକୃତିକ ଭାବେ ଅନେକ ଦେବୀଦେବତାଙ୍କ ଚିତ୍ର ଖୋଦିତ ହୋଇଥିବାର ଦେଖିବାକୁ ମିଳିଥାଏ ଏବଂ ବର୍ଷକରେ ଥରେ କେବଳ ଶ୍ରାବଣ ମାସରେ ଏହି ବୃକ୍ଷରେ ପତ୍ର ଆସିଥାଏ । ତେଣୁ ଏହି ଚମତ୍କାରୀ ତୀର୍ଥବୃକ୍ଷକୁ ପୂଜା କରିବା ସହିତ ରାଜା ବଳିଙ୍କ ନାମ ସ୍ମରଣ କରି ଏହାର ପ୍ରଦକ୍ଷିଣ କରିବା ଦ୍ୱାରା ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ରାଜସ୍ଥାନ-ଜୟପୁରର ବେରାଠ ପାହାଡ଼ରୁ ନିର୍ଗତ ବାଣଗଙ୍ଗା ନଦୀ ମଧ୍ୟ ବଳିଙ୍କୁ ସମର୍ପିତ । ଏହି ପ୍ରାଚୀନ ତୀର୍ଥସ୍ଥଳକୁ ରାଜସ୍ଥାନର ଦ୍ୱିତୀୟ ପୁଷ୍କର ମଧ୍ୟ କୁହାଯାଏ । ଜନଶ୍ରୁତି ଅନୁଯାୟୀ ଏକଦା ରାଜାବଳିଙ୍କ ରାଜ୍ୟରେ ମରୁଡ଼ି ଦେଖାଗଲା । ରାଜା ବଳି ଗୋଟିଏ ବାଣ ଭୂମି ଉପରକୁ ନିକ୍ଷେପ କଲେ। ସେହି ସ୍ଥାନରୁ ପାଣିର ଅବିରତ ଝର ସୃଷ୍ଟି ହେଲା ଏବଂ ବାଣରୁ ଜଳ ସୃଷ୍ଟ ହୋଇଥିବାରୁ ତାହାକୁ 'ବାଣଗଙ୍ଗା' ବୋଲି କୁହାଗଲା। ଏହି 'ବାଣଗଙ୍ଗା' ତୀର୍ଥରେ ସ୍ନାନ କଲେ ସମସ୍ତ ପାପ ନାଶ ହୋଇଯାଏ ବୋଲି ବିଶ୍ୱାସ ରହିଛି । ବିଶେଷଭାବେ କାର୍ତ୍ତିକ ମାସରେ ଏହି ତୀର୍ଥରେ ସ୍ନାନ କରି ରାଜା ବଳିଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବାର ବିଧି ମଧ୍ୟ ରହିଛି । କାର୍ତ୍ତିକ ପୂର୍ଣ୍ଣିମା ଦିନ ଏଠାରେ ରାଜା ବଳିଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ ।

କେରଳର ରାଷ୍ଟ୍ରୀୟ ପର୍ବ ଓଣମ୍ ରାଜା ବଳିଙ୍କୁ ସମର୍ପିତ । ବିଶ୍ୱାସ ରହିଛି ଯେ, ଓଣମ୍ ପର୍ବର ତିନିଦିନ ରାଜା ବଳି ପ୍ରଜାମାନଙ୍କର ଦୁଃଖଦୁର୍ଦ୍ଦଶା ଦୂର କରିବା ପାଇଁ ପାତାଳପୁରରୁ ମର୍ତ୍ତ୍ୟମଣ୍ଡଳକୁ ଆସିଥା'ନ୍ତି। କେରଳରେ ଥିବା ତ୍ରିକ୍କାକାରା ବାମନମୂର୍ତ୍ତି ମନ୍ଦିର ଶ୍ରୀବିଷ୍ଣୁଙ୍କୁ ସମର୍ପିତ ହୋଇଥିଲେ ମଧ୍ୟ ଏହା ଓଣମ୍ ପର୍ବର କେନ୍ଦ୍ରସ୍ଥଳ ଭାବେ ମାନ୍ୟତା ପ୍ରାପ୍ତ। ଏହି ମନ୍ଦିରରେ ଶ୍ରୀବିଷ୍ଣୁଙ୍କ ବାମନ ଅବତାରର ପୂଜାର୍ଚ୍ଚନା କରିବା ସହିତ ଭକ୍ତମାନେ ରାଜା ବଳିଙ୍କୁ ମଧ୍ୟ ସ୍ମରଣ କରି ଓଣମ୍ ପର୍ବର ଶୁଭାରମ୍ଭ କରିଥା'ନ୍ତି। ଦୀପାବଳୀର ଦ୍ୱିତୀୟ ଦିନ ଦକ୍ଷିଣ ଭାରତରେ 'ମାର୍ଗପାଳି' ପୂଜା ନାମରେ ଏକ ପର୍ବ ପାଳନ କରାଯାଏ ଏବଂ ସନ୍ଧ୍ୟା ସମୟରେ ରାଜା ବଳିଙ୍କ ପୂଜା କରାଯାଏ । ବିଶ୍ୱାସ ରହିଛି ଯେ ଏହି ଦିନ ଶ୍ରୀବିଷ୍ଣୁ ରାଜା ବଳିଙ୍କୁ ପାତାଳର ରାଜା ଘୋଷିତ କରିବା ସହିତ ଚିରଞ୍ଜୀବୀ ହେବା ପାଇଁ ବରଦାନ ଦେଇଥିଲେ । ଏହି ଦିନ ଯେଉଁ ଭକ୍ତ ଶ୍ରୀବିଷ୍ଣୁଙ୍କ ସହିତ ବଳିଙ୍କ ପୂଜା କରିବେ, ସେ କେବେ କୌଣସି ଦୁର୍ଦ୍ଦଶା ଭୋଗ କରିବେ ନାହିଁ ଏବଂ ତାଙ୍କ ଜୀବନରେ ଅଶେଷ ସୁଖସମୃଦ୍ଧି ବାସ କରିବ - ଏହି ବରଦାନ ସ୍ୱୟଂ ନାରାୟଣ ବଳିଙ୍କୁ ଦେଇଥିଲେ । ତେଣୁ ଉକ୍ତ ପୌରାଣିକ କଥା ଅନୁସାରେ ଦକ୍ଷିଣ ଭାରତୀୟ ଭକ୍ତମାନେ ଘରର ମାର୍ଗ (ରାସ୍ତା) ଏବଂ ମୁଖ୍ୟଦ୍ୱାରକୁ ସଫା କରି ବିଭିନ୍ନ ପୁଷ୍ପ ଓ ପତ୍ରରେ ସଜ୍ଜିତ କରିଥା'ନ୍ତି। ଏହାପରେ 'ମାର୍ଗପାଳି' ମନ୍ତ୍ର ଜପ ଦ୍ୱାରା ପୂଜାର୍ଚ୍ଚନା ସମ୍ପନ୍ନ କରାଯାଏ ଏବଂ ସନ୍ଧ୍ୟା ସମୟରେ ରାଜାବଳିଙ୍କ ଉଦ୍ଦେଶ୍ୟରେ ଅନ୍ୟ ଏକ ମନ୍ତ୍ର ଜପ କରିବା ସହ ସୁଖସମୃଦ୍ଧି ବୃଦ୍ଧି କରିବା ପାଇଁ ପ୍ରାର୍ଥନା କରାଯିବାର ବିଧି ରହିଛି ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ବ୍ରହ୍ମପୁରରେ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆଜିଠାରୁ

ବ୍ରହ୍ମପୁର,୪।୧୨(ସମିସ): ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ଶୁକ୍ରବାରଠାରୁ ତୃତୀୟ ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆୟୋଜିତ ହେବ। ଡିସେମ୍ବର ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଦେଶ ବିଦେଶର ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରଦର୍ଶନୀ ସହ ବିକ୍ରିବଟା ହେବ। ଭୁବନେଶ୍ୱରର ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମେଳାର ଆୟୋଜନ କରାଯାଉଛି। ଏନେଇ ୟୁସିପି ପଡ଼ିଆରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ବର୍ଷ ମେଳାକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଏଥିରେ ଭାରତର ୨୨ଟି ରାଜ୍ୟ ଏବଂ ୧୦ଟି ଭିନ୍ନ ଭିନ୍ନ ଦେଶରୁ ବ୍ୟବସାୟୀ ନିଜ ସାମଗ୍ରୀ ସହ ଅଂଶଗ୍ରହଣ କରିବେ। ୧ଲକ୍ଷରୁ ଊର୍ଦ୍ଧ୍ୱ କିସମର ସାମଗ୍ରୀକୁ ଗୋଟିଏ ସ୍ଥାନରେ ଦେଖିବାର ଓ ଉପଭୋଗ କରିବାର




ସୁଯୋଗ ପାଇବେ ଦର୍ଶକ ଓ ଗ୍ରାହକ। ମେଳାରେ ପ୍ରଦର୍ଶିତ ହେବାକୁ ଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ସୋଫାସେଟ୍, ଡାଇନିଂ ସେଟ୍ ଓ ଝୁଲା ଆଦି କାଶ୍ମୀର ଫର୍ଣ୍ଣିଚର୍, ଆଫଗାନିସ୍ତାନର ୧୦୦ ପ୍ରକାରର ଡ୍ରାଏଫ୍ରୁଟ୍, ଇରାନରୁ ଇରାନୀ ଖଜୁର, ଥାଇଲାଣ୍ଡର ଜୁଏଲାରୀ ଏବଂ ଫୁଟ ୱେର୍, ମହିଳାମାନଙ୍କ ପାଇଁ କୋରିଆନ୍ ଆଭୂଷଣ ଓ ଘରସଜ୍ଜା ସାମଗ୍ରୀ, ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ, ପ୍ରାଚୀନ ଧାତୁ ଓ ଏଡି ପଥର ଅଳଙ୍କାର, ଇରାନୀ କାର୍ପେଟ୍, ସାରା ବିଶ୍ୱର ପ୍ରାଚୀନ ଧାତୁ ଏବଂ ପିତ୍ତଳ, ଦୁବାଇ ପୋଷାକ, ପ୍ରାଚୀନ ସାଜସଜ୍ଜା କାଣ୍ଡ ଫ୍ରେମ୍, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ଚମଡ଼ା ପଦାର୍ଥ, ସିଙ୍ଗାପୁର ସାମଗ୍ରୀ, ଖଦୀ, ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ବାଂଲାଦେଶ ଏବଂ ସମ୍ବଲପୁରର ପୋଷାକ ସହିତ ଶାଢ଼ୀ, ଚମ୍ପାରଣ ମଟନ୍, ଇଲୋକ୍ଟ୍ରନିକ୍ସ, ସୌନ୍ଦର୍ଯ୍ୟ ସାମଗ୍ରୀ ଓ ଉପଭୋକ୍ତା ସାମଗ୍ରୀର ହେବ ବିକ୍ରିବଟା।

ଚଳିତ ବର୍ଷ ମେଳାରେ ତଥା ବ୍ରହ୍ମପୁର ସହରରେ ପ୍ରଥମଥର ପାଇଁ ପ୍ରଦର୍ଶିତ ହେବାକୁ ଥିବା 'ଜଳପରି ଶୋ' ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଜଳପରୀ କାର୍ଯ୍ୟକ୍ରମ ଦେୟଯୁକ୍ତ ଥିବା ବେଳେ ଇଣ୍ଡୋନେସିଆ, ବର୍ଲି ଓ ଫିଲିପାଇନ୍ସ ଭଳି ଦେଶରୁ ଜଳପରୀ ଆସୁଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା, ପାୟଲ ଆଚାର୍ଯ୍ୟ ଗୁପ୍ତା, ଇଭେଣ୍ଟ ସଂଯୋଜକ ବୀର ବାହାଦୂର ସିଂ ଓ ଜଳପରୀ ମ୍ୟାନେଜର ମହମ୍ମଦ ଇମରାନ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଦୁଇ ସାଙ୍ଗ ମୃତ

କୁଚିଣ୍ଡା, ୪।୧୨ (ସମିସ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଜରବଗା ମଦଭାଟିପଡ଼ା ନିକଟରେ ଆଜି ଏକ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କେଶାଇବାହାଲ ପଞ୍ଚାୟତ ଭିକାପାଲି କନ୍ଦାମୁଣ୍ଡା ଗ୍ରାମର ମାନେଶ ମୁଣ୍ଡା ଓ ଆକାଶ ମୁଣ୍ଡା। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଶିବାନ ମୁଣ୍ଡା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ଭିମସାର୍‌ରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଖବର ପାଇ ମହୁଲପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ମାନେଶ, ଆକାଶ ଓ ଶିବାନ ଆଜି ଏକ ବାଇକ୍‌ରେ ଜରାବଗା ଗ୍ରାମକୁ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଗାଁକୁ ଫେରୁଥିବା ବେଳେ ମଦ ଭାଟିପଡ଼ା ନିକଟରେ ସେମାନଙ୍କ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ମାନେଶଙ୍କ ମୃତ୍ୟୁ ହୋଇଥିବା ବେଳେ ଆକାଶ ଓ ଶିବାନ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ଦୁହିଁଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ରେ ବୁର୍ଲାଠାରେ ଆକାଶକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶିବାନଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଥିବା ଜଣାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ ଗାନ୍ଧୀଙ୍କ...

ଗୃହ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ବିରୋଧୀଦଳ ଉପନେତା ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ଗାନ୍ଧୀଙ୍କୁ ବିଧାନସଭାରେ ଅପମାନିତ କରିବା ଅର୍ଥ ସାରା ରାଷ୍ଟ୍ରକୁ ଅପମାନ କରିବା। ସ୍ୱାଧୀନତା ଆନ୍ଦୋଳନର ମଧ୍ୟ ଏହା ଅପମାନ। ଗାନ୍ଧୀଜୀଙ୍କୁ ଭାରତ ବିଭାଜନ ପାଇଁ ଦାୟୀ କରିବାଠାରୁ ଅସମୀଚିନ, ଅଯୁକ୍ତିକ ଓ ଅଜ୍ଞାନମୂଳକ କଥା କିଛି ନାହିଁ। ପବିତ୍ର ଗୃହ ଭିତରେ ଏକଥା କହି ଗୃହକୁ ବିଜେପି ଅପବିତ୍ର କରିଛି। ଏହି ମନ୍ତବ୍ୟ ବିରୋଧରେ ଆମେ ଗାନ୍ଧୀଙ୍କ ପନ୍ଥା ଅବଲମ୍ବନ କରିଛୁ। ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଆମେ ମୌନ ଧରଣାରେ ବସିଛୁ। ପବିତ୍ର ଗୃହ ଭିତରେ ଯେଉଁମାନେ ଇତିହାସକୁ ବିକଳାଙ୍ଗ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ଇତିହାସ କେବେ କ୍ଷମା ଦେବ ନାହିଁ। ଗାନ୍ଧୀଜୀ ଏ ଜାତିର ପିତା; ବିଧାନସଭାର ପୋଡ଼ିୟମରେ ବାଚସ୍ପତିଙ୍କ ପଛପଟେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଲାଗିଛି। ତାଙ୍କୁ ବିଜେପି ବିଧାୟକଙ୍କ ଲାଞ୍ଛନାକୁବିଜୁ ଜନତା ଦଳ ବିରୋଧ କରୁଛି। ତେଣୁ ଏହି ମନ୍ତବ୍ୟ ପାଇଁ ସମ୍ପୃକ୍ତ ସଦସ୍ୟ କ୍ଷମାପାର୍ଥନା କରିବା ସହ ବାଚସ୍ପତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡାମ କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଦେଶକୁ ସ୍ୱାଧୀନ କରିଛନ୍ତି। ତାଙ୍କ ବିରୋଧରେ ଅପସୂଚକ ମନ୍ତବ୍ୟ ଦେବା ବିଜେପିର ଅସଲ ମାନସିକତାକୁ ପଦାରେ ପକାଇଛି। ଯେପର୍ଯ୍ୟନ୍ତ ସମ୍ପୃକ୍ତ ସଦସ୍ୟ କ୍ଷମା ମାଗି ନାହାନ୍ତି, କଂଗ୍ରେସ ଦଳ ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ କାଡାମ୍ କହିଛନ୍ତି। ଅନ୍ୟପଟେ ବିରୋଧୀ ସଦସ୍ୟମାନେ ୫ ଟା ୪୧ରୁ ଗୃହ ପରିତ୍ୟାଗ କରିବା ପରେ ବାଚସ୍ପତି ସୁରମା ପାଢ଼ୀ ସଂସଦୀୟ ବ୍ୟାପାରମନ୍ତ୍ରୀ ମୁକେଶ ମହାଲିଙ୍ଗ ସମେତ ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ମନ୍ତ୍ରୀ ରବି ନାୟକଙ୍କ ସହ କିଛି ବିଧାୟକଙ୍କୁ ବିରୋଧୀ ସଦସ୍ୟଙ୍କୁ ବୁଝାଶୁଝା କରି ଗୃହକୁ ଫେରାଇ ଆଣିବା ପାଇଁ ପଠାଇଥିଲେ। ମାତ୍ର ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିବା ହେତୁ ଗୃହ ବାରମ୍ବାର ଅର୍ଥାତ ୭ଟା ୨୫ ପର୍ଯ୍ୟନ୍ତ ମୁଲତବୀ ରହିଥିଲା। ଗୃହ ବାହାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ ଯେ ଜାତିର ପିତା ମହାତ୍ମା ଗାନ୍ଧୀ ସମସ୍ତଙ୍କ ଆଦର୍ଶ। ତାଙ୍କ ବିରୋଧରେ କୌଣସି ମନ୍ତବ୍ୟ ଦେବା ଆମ ଦଳ କିମ୍ବା କୌଣସି ବିଧାୟକଙ୍କର ମଧ୍ୟ ଉଦ୍ଦେଶ୍ୟ ନୁହେଁ। ଏହି ମନ୍ତବ୍ୟକୁ ବାଚସ୍ପତି ମଧ୍ୟ ଗୃହ ବିବରଣୀରୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିଧାୟକ ଶ୍ରୀ ଖଟୁଆ ମଧ୍ୟ ଏହାକୁ ନେଇ ଦୁଃଖ ପ୍ରକାଶ କରି ସାରିଛନ୍ତି ବୋଲି କହିଥିଲେ। ଏହାପରେ ମଧ୍ୟ ବିରୋଧୀ ସରକାରଙ୍କଠାରୁ ସ୍ପଷ୍ଟତା ଚାହିଁଥିଲେ। ଶେଷରେ ସଂସଦୀୟ ବ୍ୟାପର ମନ୍ତ୍ରୀ ଗୃହରେ ପ୍ରତିକ୍ରିୟା ରଖି ଉକ୍ତ ମନ୍ତବ୍ୟକୁ ସରକାର ନାପସନ୍ଦ କରୁଛନ୍ତି ବୋଲି କହିବା ପରେ ୭ ଟା ୨୫ରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

### ହଟିବ ସବୁ...

ଆବଶ୍ୟକତା ନାହିଁ। ଟଙ୍କା ସ୍ୱୟଂଚାଳିତ ଭାବରେ କଟୁଛି। ଗାଡ଼ି ଟୋଲ୍ ଲେନ୍ ଦେଇ ଯିବା ସମୟରେ ଏକ ସେନ୍‌ସର୍ ଟ୍ୟାଗ୍ ରିଡ୍ କରିଥାଏ। ଏହାପରେ ବ୍ୟବହାରକାରୀଙ୍କ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟ କିମ୍ବା ୱାଲେଟ୍‌ରୁ ତତ୍‌କ୍ଷଣାତ୍ ଟଙ୍କା କଟିଯାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ସାରା ଦେଶରେ ପ୍ରାୟ ୪୫୦୦ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟ ଚାଲିଛି, ଯାହାର ମୋଟ ମୂଲ୍ୟ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା।

### ଆଉ ୩୦୦ ବିମାନ...

ଜଣାପଡ଼ିଛି। ପାଇଲଟ ସମେତ ବିମାନ କ୍ରୁ ସଦସ୍ୟଙ୍କ ପାଇଁ ଡିଜିସିଏ ନୂଆ କାର୍ଯ୍ୟ ସମୟ ନିୟମ ନିର୍ଦ୍ଧାରଣ କରିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଛି। ନୂଆ ନିୟମ ଅନୁଯାୟୀ ପାଇଲଟ ଦିନକୁ ସର୍ବାଧିକ ୮ ଘଣ୍ଟା ପାଇଁ ବିମାନ ଉଡ଼ାଇପାରିବେ। ସପ୍ତାହକୁ ୩୫ ଘଣ୍ଟା ଏବଂ ମାସକୁ ୧୨୫ ଘଣ୍ଟା ବିମାନ ଉଡ଼ାଇବା ଲାଗି ସମୟ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଧାରିତ ସମୟ ପରେ ପାଇଲଟଙ୍କୁ ବିମାନ ଉଡ଼ାଣ ପାଇଁ ଅନୁମତି ଦିଆଯାଉନଥିବାରୁ ଏଭଳି ଅପ୍ରୀତିକାର ପରିସ୍ଥିତି ସୃଷ୍ଟି ହୋଇଛି। ଭାରତରେ ଇଣ୍ଡିଗୋ ସମେତ ଏୟାର ଇଣ୍ଡିଆ ଓ ସ୍ପାଇସ୍ ଜେଟ୍ ଭଳି ସଂସ୍ଥା ମଧ୍ୟ ବିମାନ ସେବା ଯୋଗାଉଛନ୍ତି। ତେବେ ଯାତ୍ରୀ ସେବାରେ ଇଣ୍ଡିଗୋର ଭାଗ ୬୫ ଭାଗରୁ ଅଧିକ ଥିବାରୁ ନୂଆ ନିୟମ ଯୋଗୁଁ ଇଣ୍ଡିଗୋ ସର୍ବାଧିକ ପ୍ରଭାବିତ ହୋଇଛି। ଦିନକୁ ଦେଶ ଭିତରେ ଦୈନିକ ୩୩୦୦ ବିମାନ ସେବା ରହିଥିବା ବେଳେ ଏଥିରେ ଇଣ୍ଡିଗୋର ଅଂଶ ହେଉଛି ୨ ହଜାରରୁ ଅଧିକ।

ଅନ୍ୟପକ୍ଷରେ ପାଇଲଟ ଆସୋସିଏସନ୍ ଏଭଳି ବିଭ୍ରାଟ ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛି। ସଂଘ କହିଛି ଯେ ନିୟମରେ ପରିବର୍ତ୍ତନ ପାଇଁ ଡିଜିସିଏ ଉପରେ ଚାପ ପକାଇବା ଲାଗି ଇଣ୍ଡିଗୋ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛି। ନୂଆ ନିୟମ ପରେ ଇଣ୍ଡିଗୋ ଚାହିଁଥିଲେ ଅଧିକ ପାଇଲଟ ଓ ବିମାନ କର୍ମଚାରୀ ନିଯୁକ୍ତି କରିପାରିଥାଆନ୍ତା।

### ବିଧବାଙ୍କୁ ହତ୍ୟା...

ସମ୍ପର୍କ ଗଢ଼ି ଉଠିଥିଲା। ଏହି ସମ୍ପର୍କକୁ ନେଇ ସୁରେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ସମୟ କଳହ ହେଉଥିଲା। ବିବାଦ ଉଗ୍ରରୂପ ନେବାରୁ ସୁରେନ୍ଦ୍ର ନିଜ ଘରଠାରୁ ୯ କିଲୋମିଟର ଦୂର ଦାନ୍ତିମୁହାଁ ନିକଟ କରଞ୍ଜିଆଠାରେ ପାନୀଙ୍କ ସହ ଭଡ଼ାଘରେ ରହୁଥିଲେ। କୌଣସି କାରଣକୁ ନେଇ ପାନୀଙ୍କ ସହ ଝଗଡ଼ା ହେବା ପରେ ତାଙ୍କୁ ସୁରେନ୍ଦ୍ର ହତ୍ୟା କରିଥିବା ନେଇ ପୁଲିସ ସନ୍ଦେହ କରୁଛି। ବେତନଟୀ ପୁଲିସ ଏନେଇ ଅଧିକ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ଗିରଫ କରି ପାନୀଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜକୁ ପଠାଇଥିବା ଜଣାପଡ଼ିଛି।

### ହୀରାକୁଦର ଜଳଧାରଣା...

ଥିବାବେଳେ ସରକାର ଏହାକୁ ଗୁରୁତର ସହ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ସେହିପରି ହୀରାକୁଦ ବନ୍ଧ କୂଳରେ ରାଜ୍ୟ ସରକାର ହୋଟେଲ ନିର୍ମାଣ ପାଇଁ ବଡ଼ ବଡ଼ କମ୍ପାନୀଙ୍କୁ ଜମି ପ୍ରଦାନ କରୁଛନ୍ତି। ଏଥିରେ ଆଦାନୀ କମ୍ପାନୀ ମଧ୍ୟ ରହିଛି। ହୋଟେଲ ନିର୍ମାଣ ହେଲେ ଲୋକଙ୍କ ସମାଗମ ହେବ। ଯାହା ବନ୍ଧର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ବୋଲି ସେ କହିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ବିରୋଧୀ ଦଳ ଉପନେତା ଯେଉଁ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର ପ୍ରସଙ୍ଗ। ଏହି ଆଶଙ୍କା ମଧ୍ୟ ଆଖପାଖ ଲୋକଙ୍କୁ ବେଶ୍ ବିଚଳିତ କରୁଛି। ବନ୍ଧ ନିର୍ମାଣ ପୂର୍ବରୁ ଓଡ଼ିଶାର ଯେତିକି ବଜେଟ ଥିଲା, ତାହା ଗୋଟିଏ ବନ୍ୟା ଆସିଲେ ତାହାର ମୁକାବିଲା ପାଇଁ ଖର୍ଚ୍ଚ ହୋଇ ଯାଉଥିଲା। ମୁଖ୍ୟତଃ ବନ୍ୟା ନିୟନ୍ତ୍ରଣ ପାଇଁ ହୀରାକୁଦ ବନ୍ଧ ନିର୍ମାଣ ହୋଇଥିଲା। ତେବେ ବନ୍ଧ ନିର୍ମାଣ ପରେ ଏଥିରେ ବ୍ୟାପକ ପରିମାଣରେ ମାଟି, ପଟୁ ଜମା ହେବା ଏବେ ବଡ଼ ସମସ୍ୟା। ଅତୀତରେ ମାଟି, ବାଲି ବାହାର କରିବା ପାଇଁ ଜାପାନ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସେମାନେ ଏଥିରେ ବିଫଳ ହୋଇଥିଲେ। ବନ୍ଧରୁ ପଟୁ ବାହାର କଲେ ବନ୍ଧର ଜଳ ସଂରକ୍ଷଣ କ୍ଷମତା ବଢ଼ିବ ବୋଲି ସେ କହିଥିଲେ। ସେହିପରି ହୀରାକୁଦ ବନ୍ଧ ପାଖରେ ହୋଟେଲ ନିର୍ମାଣ ପ୍ରସଙ୍ଗରେ ରାଜ୍ୟ ସରକାର ଏନଇ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି। ସରକାର ଏକ୍ଷେତ୍ରରେ ସୁରକ୍ଷାକୁ ମଧ୍ୟ ପ୍ରାଧାନ୍ୟ ଦେଉଛନ୍ତି। ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାର ସଠିକ୍ ଉପଯୋଗ ପାଇଁ ରାଜ୍ୟ ସରକାର ବ୍ୟାପକ ଯୋଜନା କରିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

### ଆଜି ବୈଷୟିକ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏନେଇ ଏକ ଅନୌପଚାରିକ ଆଲୋଚନା ହୋଇଥିଲା। ପରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂର୍ବାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏ ସଂକ୍ରାନ୍ତୀୟ ଆଲୋଚନା ଆଗକୁ ବଢ଼ିଥିଲା।

ଗତ ଅଗଷ୍ଟ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଆଲୋଚନା କରିବା ସହ ବିବାଦର ସମାଧାନ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ। ଇତିମଧ୍ୟରେ, ଉଭୟ ରାଜ୍ୟ ପକ୍ଷରୁ ଗଠିତ ଯୁଗ୍ମ ବୈଷୟିକ କମିଟିର ୬ଥର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାବ୍ୟତୀତ ଆସନ୍ତା ୨୦ ତାରିଖରେ ମହାନଦୀ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ଅନୁଷ୍ଠିତ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୃହରେ ଉତ୍ତର ରଖିଛନ୍ତି।

### ମଦ ପାଇଁ...

ଶଯ୍ୟାଶାୟୀ ଅଛନ୍ତି। ବଡ଼ ପୁଅ ରାୟଗଡ଼ାରେ ରହୁଥିବା ବେଳେ ସାନପୁଅ ବଳିଆ ପ୍ରତିଦିନ ମଦ ପିଇ ଘରେ ଓ ଗାଁରେ ଅଶାନ୍ତି ଘଟାଇଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୧୫ ଦିନ ତଳେ ବଳିଆ ମଦ ପାଇଁ ନିଜ ପତ୍ନୀଙ୍କୁ ମାରଧର କରିବାରୁ ସେ ଘର ଛାଡ଼ି ତାଙ୍କ ବାପଘରକୁ ପଳାଇଥିବା ଜଣାଯାଇଛି।


ଭା.କ.ନି. CCI
**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୦୪.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



**ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର ଜିଲ୍ଲା - ବଲାଙ୍ଗିର (ଧାନ ମଣ୍ଡି)**

ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗିର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା. ୦୫.୧୨.୨୦୨୫ ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ।

*"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ।"*


ଧାନ କ୍ରୟ ଦିବସ - ସୋମ, ମଙ୍ଗଳ, ବୁଧ, ଗୁରୁ ଶୁକ୍ର, ଶନି — ସମୟ - ସକାଳ ୭ ଘଣ୍ଟା ରୁ ମଧ୍ୟାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରି ପାରିବେ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍ . ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦ % |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା – ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦ % |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦ % |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

-: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ. | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ତତ୍‌ସହ ଇନ୍‌ପୁଟ ସହାୟତା |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |



*ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ୍) ପ୍ରେରଣ କରାଯିବ ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରୀମ ଟୋକନ୍ ପାଇଲା ପରେ ସଂପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଚଳିତ ବର୍ଷ ଟୋକନ୍ ରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କ ଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ। ବିନା ଟୋକନ୍ ରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।*

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତହୋଇଥିବା ଟୋକନ୍ ଆଣିବେ। ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜିକୃତ ହୋଇଥିବା ମୋ. ନଂ ରୁ ଟୋଲ୍ ଫ୍ରି ନଂ 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନ୍‌ର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ।

I.V.R.S ପଦ୍ଧତିରେ -
୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ।
୬ ନମ୍ବର ଚୟନ କଲେ ଟୋକନ୍ ର ସ୍ଥିତି ଜାଣିପରିବେ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ।

ସ୍ୱା - ସଂପାଦକ, ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର
ସ୍ୱା - ଉପଜିଲ୍ଲାପାଳ ବଲାଙ୍ଗିର ତଥା ଅଧ୍ୟକ୍ଷ, ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର



**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:* 262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL



**TENDER NOTICE**

IGSSS invites quotations from reputed and experienced service providers for designing and installing a 5-metric-ton Solar-based cold storage unit for fisheries. Interested firms are requested to submit their Expression of Interest (EOI) to receive the detailed RFP by emailing procurement@igsss.net within 15 days. For more information, please contact 9711387171 / 7978102371.



**OFFICE OF THE PRINCIPAL S.D. WOMEN'S COLLEGE RAJGANGPUR**
No./610/sdwc/NAAC/25 — Date: 04.12.2025

**QUATATION CALL NOTICE**

Sealed quotations are invited from registered manufacturers / suppliers/ dealers / firms / Contractors having a valid **GST Certificate and Authorisation Certificate** from the manufacturer / service provider for the supply of **Round Table, Executive Chairs. Air Conditioners, Wall-Mounted Cupboards, Desktops, and Laptops.**

The quotations must reach the undersigned **on or before 15.12.2025** by **5:00 PM.**

For detailed specifications, please visit our college website: www.sdwcrgp.ac.In

Sd/- **PRINCIPAL, S.D. WOMEN'S COLLEGE, RAJGANGPUR**



**JOB VACANCY**
**Yamaha Jaleswar**
YAMAHA
General Manager -01
Salary expectation - 20k to 25k
Work Shop Manager -01
Salary expectation -15k to 20k
Experience in two wheeler Automobiles service center - 3 to 5 years in both posts.
**Khan Motor Yamaha Jaleswar**
**Mob no - 9776483818**



**କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ,କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟପରିସର ଅବିଭକ୍ତ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (**Saving Collection Account**) ରେ ବାର୍ଷିକ ୪.୦୦% ସୁଧ **Daily Balance** ଉପରେ ଦିଆଯାଏ।
- ସ୍ଥାୟୀ ଜମା (**Fixed Deposit**) ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଦୃଷ୍ଟିହୀନ ଓ ସଂପୂର୍ଣ୍ଣ ଶାରୀରିକ ଅକ୍ଷମ ତଥା ଅସହାୟ ପରିବାରକୁ ଜ୍ଞାନଦେବୀ ଗୁରୁରାଣ ସହାୟତାପ୍ରଦାନ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (**Senior Citizen**)ଙ୍କ ଜମା ଉପରେ ଯେ କୌଣସି ଗୋଟିକରେ ୦.୫୦% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ୍ୟ **CBS** ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଲା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ ଖୁବଶୀଘ୍ର କାର୍ଯ୍ୟାରମ୍ଭ ହେବାକୁ ଯାଉଛି।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାତମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ଗୁଡିକ ସୁଚାରୁରୂପେ କାର୍ଯ୍ୟ କରୁଛି।

ଅରବିନ୍ଦ ସାହୁ, ସଂପାଦକ, ମୋ.- ୯୧୨୪୨୫୪୪୧୯
ପ୍ରମୋଦ ସାହୁ, ସଭାପତି, ମୋ.- ୯୧୨୪୨୫୪୪୧୮


**NOTICE**

By virtue of an Affidavit sworn before Executive Magistrate, Bhubaneswar. dated 29.11.2025.CF No.01, I, **Trinalh Saboo,** aged about 45 years, S/O: Sankar Sahoo, residing at Totapada, PO: Baku, PS: Gadisagada, Dist: Puri, PIN: 752019, Aadhaar No.4560 6087 3983 Currently residing at above address, declare that I have changed the name of my daughter from my name from **Somali Sahoo** (old name) to **Sonali Sahoo** (new name). Henceforth she shall be known as **Sonuli Sahoo** for all purposes.
**Sd/- Trinath Sahoo**

**AFFIDAVIT**

By virtue of an affidavit before the Executive Magistrate, Bolagarh, on dated- 01.12.2025 at about 10.30 am. I Rabindra Kumar Behera, S/o Dasharathi Behera, permanent resident of At-Trutiapada, PO- Bolagarh, PS- Bolagarh, Dist- Khordha, Odisha, PIN- 752066 declare that I have changed my son's / daughter's name from P.R Palvit Kumar Behera to Palvit Kumar Behera. Henceforth, he/she shall be known as **Palvit Kumar Behera** for all purposes.

**AFFIDAVIT**

By virtue of an affidavit sworn before the executive magistrate,Jajpur No 11401 dated 19/11/2025. I Jamuna Nayak W/O-Prasanta Jena resident of Belampur,Unit -9,Jajpur -1 declare that my minor son name changed from Sekhar Nayak to Sekhar Jena .Hence He will be known as Sekhar Jena for all purposes.
**S/d-Jamuna Nayak**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 04/12/2025, CF No.- 38/04.12.2025. I Subash Chandra Samal S/O Late Bishnu Charan Samal, At-Bandhasahi,Po-Mahal, PS-Patakura, Dist-Kendrapara, Pin-754210, declare that I have changed the name of my daughter from Gita Samal to Mitali Samal. Henceforth, she shall be known as new name Mitali Samal for all purposes.
**Sd/- Subash Chandra Samal**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 04/12/2025. I, **Soura Sweety Debendra** (new name), formerly called as **Sweety Debendrakumar Soura** (old name), D/o- Debendra Soura, permanent resident of AT/PO/PS- Titilagarh, (Girls High School Pada), Dist- Bolangir, (Odisha), PIN-767033 now residing at the same place declare that I have changed my name from **Sweety Debendrakumar Soura** to **Soura Sweety Debendra.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Soura Sweety Debendra** (new name) for all future purposes.
**Soura Sweety Debendra**

**AFFIDAVIT**

I, Kunal Kumar Choubey, aged about 29 years, S/o-Gopal Chandra Chaubey, resident of At- Dipupada, Jharsuguda, VTC-Banjara, PS/Dist-Jharsuguda, Pin- 768201 (Odisha) declare by this affidavit No. 02, dtd. 04/12/2025, that now onwards I shall be known as **KUNAL KUMAR CHAUBEY** for all future purposes.

**AFFIDAVIT**

By virtue of an affidavit sworned before Executive Magistrate, Nayagarh vide sl. no-1314 on dt. 03/12/2025 I Archana Mishra, w/o-Rajesh kumar Mishra resident of PWD lane, Nayagarh, po./p.s/Dist-Nayagarh, Odisha, pin-752069 declare that i have changed the surname of my son from satapathy to mishra and now he will be known as Aditya Kumar Mishra S/o- Rajesh kumar Mishra and **Archana Mishra** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 03/12/2025. I, **Balakrishna Behera** (new name), formerly called as **Balakrushna Behera** (old name), S/o- Ratnakar Behera, permanent resident of AT/PO- Rigdol, PS- Titilagarh, Dist- Bolangir, (Odisha), PIN- 767033 now residing at the same place declare that I have changed my name from **Balakrushna Behera** to **Balakrishna Behera.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Balakrishna Behera** (new name) for all future purposes.
**Balakrishna Behera**

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଉଧାର ଟଙ୍କା ଫେରିପାଇବେ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ଭାବିଚିନ୍ତି କାମ କରନ୍ତୁ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ପାରିବାରିକ ଜୀବନ ସୁଖମୟ ହେବ। ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତି ହୋଇପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବନ୍ଧୁଙ୍କ ସହଯୋଗ ମିଳିପାରେ। ମହିଳାମାନେ ପିଲାଙ୍କ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ। ଅବିବାହିତଙ୍କ ପାଇଁ ଉତ୍ତମ ପ୍ରସ୍ତାବ ଆସିପାରେ।

**କନ୍ୟା:** ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନୂତନ ଯାନବାହନ କିଣିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଜମି ତଥା ଯାନବାହନ କିଣିପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ଆଳସ୍ୟ ଅନୁଭବ କରିପାରନ୍ତି। ପ୍ରେମରେ ବିଫଳ ହୋଇପାରନ୍ତି।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିପାରନ୍ତି।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ। ଭବିଷ୍ୟତ ପାଇଁ ଚିନ୍ତା ବଢ଼ିବ। ନୂଆ ଯୋଜନା କରିପାରନ୍ତି। ବନ୍ଧୁଙ୍କ ସହ ଦୂରଯାତ୍ରା କରିପାରନ୍ତି। ଆଶା ପୂରଣ ହେବ।

**ମୀନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଧାର କରଜରୁ ଦୂରେଇ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଦୀର୍ଘ ଦିନରୁ ଲାଗିରହିଥିବା ପାରିବାରିକ ସମସ୍ୟାର ସମାଧାନ ହେବ।

## ଆଜିର ଇତିହାସ

- ୧୯୪୬- ଭାରତରେ ହୋମଗାର୍ଡ ସଂଗଠନର ସ୍ଥାପନା।
- ୧୯୭୧: ଭାରତ ବାଲାଂଦେଶକୁ ଦେଶ ଭାବେ ମାନ୍ୟତା ପ୍ରଦାନ କଲା।
- ୧୯୯୯- ଯୁକ୍ତା ମୁଖୀ ବିଶ୍ୱ ସୁନ୍ଦରୀ ଟାଇଟଲ୍ ଜିତିଲେ।
- ୨୦୧୩- ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲ୍‌ସନ ମଣ୍ଡେଲାଙ୍କ ପରଲୋକ।
- ୨୦୧୬- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ନିଧନ।



## ବିଶ୍ୱ ମୃତ୍ତିକା ଦିବସ

ମାଟି ବିନା ଜୀବ ଜଗତର କଳ୍ପନା ଅସମ୍ଭବ। ମାଟି ସହ ମଣିଷ ଓତଃପ୍ରୋତ ଭାବେ ଜଡ଼ିତ। ମାଟିରୁ ଆମକୁ ୯୫ ପ୍ରତିଶତ ଖାଦ୍ୟ ମିଳେ । ମାଟି ରହିଲେ ହିଁ ଇକୋସିଷ୍ଟମରେ ସମନ୍ୱୟ ସମ୍ଭବ । ମୃତ୍ତିକା ସଂରକ୍ଷଣ ଦିଗରେ ସଚେତନତା ସୃଷ୍ଟି ପାଇଁ ଖାଦ୍ୟ ଓ ଶସ୍ୟ ସଂଗଠନ (FAO) ପକ୍ଷରୁ ପ୍ରତିବର୍ଷ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରାଯାଏ । ମୃତ୍ତିକାର ଜୈବିକ ଗୁଣକୁ ବଜାୟ ରଖି ଚାଷୀ କିପରି ଉନ୍ନତ ମାନର ଚାଷ କାର୍ଯ୍ୟ କରିପାରିବ ଏହାହିଁ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଜଳ ବିନା ମଣିଷ ଜୀବନର କଳ୍ପନା ଅସମ୍ଭବ ସେହିପରି ମାଟି ବା ମୃତ୍ତିକା ବିନା ମଧ୍ୟ ଜୀବନର କଳ୍ପନା କରାଯାଇ ପାରିବ ନାହିଁ । ଆଜିର ଦିନରେ କିଭଳି ମୃତ୍ତିକା ପ୍ରଦୂଷଣକୁ ରୋକାଯାଇ ପାରିବ ଏହି ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି। ଭାରତ ଏକ କୃଷି ପ୍ରଧାନ ଦେଶ । ସେଥିପାଇଁ ମୃତ୍ତିକାର ସୁରକ୍ଷା ନିହାତି ଜରୁରି । ବର୍ତ୍ତମାନ ସମୟରେ ଚାଷୀମାନେ ଅଧିକ ଚାଷ ପାଇଁ ଆଧୁନିକ ଶୈଳୀକୁ ଆପଣାଇଥାନ୍ତି । ଏଥିପାଇଁ ସେମାନେ କୃଷି କାର୍ଯ୍ୟରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକ ଆଦି ବ୍ୟବହାର କରୁଛନ୍ତି। ଏହାଦ୍ୱାରା ମାଟିର ଉର୍ବରତା ହ୍ରାସ ପାଉଛି। ଏହାର ପ୍ରଭାବ ସମସ୍ତ ମାନବଜାତି ଏବଂ ପଶୁପକ୍ଷୀଙ୍କ ଉପରେ ପଡ଼ୁଛି । ଏହାକୁ ରୋକିବା ଉଦ୍ଦେଶ୍ୟରେ ଏହି ଦିନକୁ ପାଳନ କରାଯାଏ। ୨୦୧୩ ମସିହା ୨୦ ଡିସେମ୍ବରରେ ସଂଯୁକ୍ତ ରାଷ୍ଟ୍ରର ଖାଦ୍ୟ ଓ କୃଷି ସଂଗଠନ ୫ ଡିସେମ୍ବରକୁ 'ବିଶ୍ୱ ମୃତ୍ତିକା ଦିବସ' ରୁପେ ପାଳନ କରିବାପାଇଁ ନିଷ୍ପତ୍ତି ନେଇଥିଲେ।

ଏହି ସଂଗଠନର ପ୍ରସ୍ତାବକ୍ରମେ ୨୦୧୩ରେ ଜାତିସଂଘର ସାଧାରଣ ପରିଷଦ ଏହାକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଥିଲା ଏବଂ ୨୦୧୪ ଡିସେମ୍ବର ୫ରେ ପ୍ରଥମ ମୃତ୍ତିକା ଦିବସ ପାଳନ କରାଯାଇଥିଲା। ପ୍ରାକୃତିକ ପ୍ରକ୍ରିୟାରେ ଶୀଳାର ଅବକ୍ଷୟ ହୋଇ କାଳକ୍ରମେ ଏହା ମାଟିରେ ପରିଣତ ହୋଇଥାଏ। ମାତ୍ର ଏକ ଇଞ୍ଚ ମାଟି ସୃଷ୍ଟି କରିବା ପାଇଁ ୧୦୦୦ ବର୍ଷରୁ ଅଧିକ ବର୍ଷ ସମୟ ଲାଗିଥାଏ। ଭୂପୃଷ୍ଠ ଉପରେ ନରମ ହାଲୁକା ଆସ୍ତରଣକୁ ମୃତ୍ତିକା କୁହାଯାଏ। ଜୀବନ ପାଇଁ ମାଟିର ଅବଦାନ ବହୁ ଗୁରୁତ୍ୱପୂର୍ଣ୍ଣ। ଏଥପାଇଁ ମାଟିକୁ ମା' ସହ ତୁଳନା କରାଯାଏ। ମନୁଷ୍ୟର ମୌଳିକ ଆବଶ୍ୟକତା ଯେପରିକି ଖାଦ୍ୟ , ବସ୍ତ୍ର, ବାସଗୃହ ଆଦିର ପ୍ରଧାନ ଉତ୍ସ ଭାବେ ମୃତ୍ତିକାକୁ ଧରାଯାଏ। ତେଣୁ ମୃତ୍ତିକାର ସଂରକ୍ଷଣ ନିହାତି ଆବଶ୍ୟକ । ନଚେତ ଜୀବ ଜଗତର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ଏଥିରେ ସନ୍ଦେହ ନାହିଁ।

## ଫାଇଟର୍ ପାଇଲଟ୍ ଭୂମିକାର ରଣବୀର-ଭିକି

ଚଳିତବର୍ଷ ସବୁଠୁ ଚର୍ଚ୍ଚିତ ଫିଲ୍ମ ମଧ୍ୟରେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ରହିଛି। ଫିଲ୍ମଟି ସାମାଜିକ ଗଣମାଧ୍ୟମରେ ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଛି। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ରଣବୀର କପୁର ଓ ଭିକି କୌଶଲଙ୍କର ଏକ ଭିଡିଓ ଭାଇରାଲ ହୋଇଛି। ଭାଇରାଲ ହୋଇଥିବା ଭିଡିଓରେ ରଣବୀର ଓ ଭିକି ଏୟାରଫୋର୍ସ ୟୁନିଫର୍ମରେ ନଜର ଆସିଛନ୍ତି। ସେମାନଙ୍କ ପଛପଟରେ MiG-21 ଫାଇଟର ଜେଟ୍ ରହିଛି। ତେବେ ରଣବୀର ଓ ଭିକିଙ୍କ ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଏଥିରୁ ରଣବୀର ଓ ଭିକି ଫିଲ୍ମରେ ପାଇଲଟ୍ ଭୂମିକାରେ ଅଭିନୟ କରିବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ସଞ୍ଜୟ ଏହି ଫିଲ୍ମର ସୁଟିଂ ଆସନ୍ତା ମାର୍ଚ୍ଚ ସୁଦ୍ଧା ସାରିବାକୁ ଚାହୁଁଛନ୍ତି। ସେ ସ୍ୱାଧୀନତା ଦିବସ ଅବସରରେ ଏହି ଫିଲ୍ମଟିକୁ ରିଲିଜ୍ କରିବାକୁ ଯୋଜନା କରିଛନ୍ତି। ଏଥିରେ ରଣବୀର ଓ ଭିକିଙ୍କ ସହ ଆଲିଆ ଭଟ୍ଟ ଲିଡ୍ ରୋଲରେ ନଜର ଆସିବେ। ୨୦୦ କୋଟିର ବଜେଟ୍‌ର ନିର୍ମିତ ଏହି ଫିଲ୍ମ ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ।



## ଅଜବ ପରମ୍ପରା

## ବିବାହ ଦିନ ଲଣ୍ଡା ହୁଏ କନିଆ




ବିବାହକୁ ନେଇ ପ୍ରତ୍ୟେକ ସମାଜରେ ଭିନ୍ନ ଭିନ୍ନ ରୀତିନୀତି ରହିଛି। ଏହି କ୍ରମରେ ଚୀନ୍‌ର ଲାହୁ ଜନଜାତିରେ ବିବାହ ଦିନ କନିଆ ଲଣ୍ଡା ହେବା ପରମ୍ପରା ରହିଛି। ଏହି ରୀତିନୀତି କେବଳ ଏକ ପରମ୍ପରା ନୁହେଁ, ବରଂ ଏହା ସେମାନଙ୍କ ପରିଚୟ, ସମର୍ପଣ ଏବଂ ଜୀବନ-ମୃତ୍ୟୁ ସହ ଗଭୀର ଦର୍ଶନ ସହିତ୍ ଜଡ଼ିତ ବୋଲି ଏହି ଜନଜାତିର ଲୋକେ କୁହନ୍ତି। ଚୀନ୍‌ର ଦକ୍ଷିଣ-ପଶ୍ଚିମ ପ୍ରାନ୍ତରେ ଏହି ଜନଜାତି ବସବାସ କରନ୍ତି। ଏମାନଙ୍କ ଜନସଂଖ୍ୟା ୫ ଲକ୍ଷ ହେବ। ସ୍ଥାନୀୟ ଭାଷାରେ ଲାହୁ ଶବ୍ଦର ଅର୍ଥ ହେଉଛି ବାଘ। ଏହି ଜନଜାତିରେ ବିବାହ ଦିନ କନିଆ ଲଣ୍ଡା ହୋଇଥାଏ। ଏଠାରେ ପ୍ରଚଳିତ ଲୋକବିଶ୍ୱାସ ଅନୁସାରେ, ଏହା ପୁରୁଣା ଜୀବନକୁ ବିଦାୟ ଦେଇ ଏକ ନୂଆ ଜୀବନର ଆରମ୍ଭକୁ ସୂଚାଇଥାଏ। କନିଆ ଲଣ୍ଡା ହେବା ଦ୍ୱାରା ଜୀବନସାଥୀ ପ୍ରତି ସେ ପୂର୍ଣ୍ଣଭାବେ ସମର୍ପିତ ବୋଲି ଏହା ସୂଚାଇଥାଏ। ଏହାକୁ ପବିତ୍ରତାର ପ୍ରତୀକ ଭାବେ ମଧ୍ୟ ଦେଖାଯାଏ। ତେବେ ଆଗରୁ ଲାହୁ ସମ୍ପ୍ରଦାୟରେ ଉଭୟ ପୁରୁଷ ଏବଂ ମହିଳା ଉଭୟଙ୍କୁ ବିବାହ ପୂର୍ବରୁ ଲଣ୍ଡା କରାଯାଉଥିଲା। ଏହା ସେମାନଙ୍କ ପରିଚୟର ପ୍ରତୀକ ଥିଲା। ଏଭଳି କରି ସେମାନେ ସେମାନଙ୍କ ସଂସ୍କୃତି ପରମ୍ପରାକୁ ନେଇ ଗର୍ବ ଅନୁଭବ କରୁଥିଲେ। ଜନ୍ମ ଏବଂ ମୃତ୍ୟୁ ପରସ୍ପର ପରିପୂରକ। ଜୀବନର ଶେଷ ସମୟ ଜନ୍ମ ଭଳି ପବିତ୍ର ବୋଲି ଏହି ଜନଜାତିର ଲୋକେ ଭାବନ୍ତି। ସେଥିପାଇଁ ଏହି ଜନଜାତିରେ କାହାର ମୃତ୍ୟୁ ହେଲେ, ଅନ୍ତିମ ସଂସ୍କାରରେ ଦମ୍ପତିଙ୍କୁ ଏକାଠି ଆସିବା ବାଧ୍ୟତାମୂଳକ। ବିଶ୍ୱାସ ରହିଛି ଯେ, ଯଦି ଜଣେ ସାଥି ବିନା ଅନ୍ତିମ ସଂସ୍କାରରେ ଯୋଗ ଦେଉଛନ୍ତି ତେବେ ସେ ନକାରାତ୍ମକ ଶକ୍ତି ଦ୍ୱାରା ପ୍ରଭାବିତ ହୋଇପାରନ୍ତି। ଦମ୍ପତି ଏକାଠି ସାଥି ହୋଇ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଦ୍ୱାରା ଏହା ସନ୍ତୁଳନ ଏବଂ ସୁରକ୍ଷାର ପ୍ରତୀକ ହୋଇଥାଏ। ୧୯୫୦ ମସିହା ପରେ ଲାହୁ ସମ୍ପ୍ରଦାୟର ଲୋକେ ସେମାନଙ୍କ ନିୟମରେ କିଛି ପରିବର୍ତ୍ତନ ଆଣିଥିଲେ । ଏବେ ଯଦିଓ ଅବିବାହିତ ମହିଳାଙ୍କୁ କେଶ ବଢ଼ାଇବାକୁ ଅନୁମତି ରହିଛି, କିନ୍ତୁ ବିବାହ ଦିନ ଲଣ୍ଡା ହେବା ପରମ୍ପରା ଆଜି ବି ବଜାୟ ରହିଛି। ଏହି ପ୍ରଥା କେବଳ ଧାର୍ମିକ ନୁହେଁ, ବରଂ ସଂସ୍କୃତି, ସମ୍ମାନ ଏବଂ ପରିଚୟର ପ୍ରତୀକ ବୋଲି ଏଠାକାର ଲୋକେ ବିଶ୍ୱାସ କରନ୍ତି।

## ସଞ୍ଜୀବନୀ

## କର୍କଟର ନୂତନ ଚିକିତ୍ସା ଟାର୍ଗେଟେଡ୍ ଥେରାପି

**ଆମ ଶରୀରର ପ୍ରତ୍ୟେକ ଜୀବକୋଷ ଏକ ନିର୍ଦ୍ଦିଷ୍ଟ ସମୟରେ ବଢ଼େ। ନଷ୍ଟ ହୋଇଥାଏ। ମାତ୍ର ଶରୀର କୋଷ ଗୁଡ଼ିକର ଅନିୟନ୍ତ୍ରିତ ଅଭିବୃଦ୍ଧିକୁ କର୍କଟ କୁହାଯାଏ। ଦେଶରେ ଗତ କିଛି ବର୍ଷ ମଧ୍ୟରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ କର୍କଟ ଦେଖାଯାଉଛି। କର୍କଟ କୋଷକୁ ନଷ୍ଟ କରିବାକୁ କେମୋ ଥେରାପି, ରେଡିଓ ଥେରାପି, ବ୍ରାକି ଥେରାପି ଆଦି ଦିଆଯାଇଥାଏ। ଏହି କ୍ରମରେ କର୍କଟ ପାଇଁ ଟାର୍ଗେଟେଡ୍ ଥେରାପି ମଧ୍ୟ ବେଶ ପ୍ରଭାବୀ।**



ଟାର୍ଗେଟେଡ୍ ଥେରାପି ଏକ ଉନ୍ନତ ଚିକିତ୍ସା ପଦ୍ଧତି। କେମୋଥେରାପିଠାରୁ ଏହା ପୂରା ଭିନ୍ନ। ଏହି ଥେରାପି କର୍କଟ କୋଷରେ ବିଶିଷ୍ଟ ଆନୁବଂଶିକ ତଥା ମ୍ୟୁଟେସନ୍ ପରିବର୍ତ୍ତନକୁ ଲକ୍ଷ୍ୟ କରିଥାଏ। ଏହା ସୁସ୍ଥ କୋଷକୁ ବିଶେଷ କ୍ଷତି ପହଞ୍ଚାଏ ନାହିଁ। କେବଳ କର୍କଟ କୋଷରେ ଥିବା ସ୍ୱତନ୍ତ୍ର ପ୍ରୋଟିନ୍ ବା ଅଣୁକୁ ନଷ୍ଟ କରିବାରେ ଏହା ସାହାଯ୍ୟ କରିଥାଏ। ଟାର୍ଗେଟେଡ୍ ଥେରାପିରେ ସ୍ୱତନ୍ତ୍ର ପ୍ରକାର ଔଷଧ ବ୍ୟବହାର କରାଯାଏ। ଯାହା ଫଳରେ କର୍କଟ ବୃଦ୍ଧି କରୁଥିବା କୋଷର ବିକାଶ ଧୀମା ହୋଇଥାଏ। ଜାତୀୟ କର୍କଟ ସଂସ୍ଥାର ରିପୋର୍ଟ ଅନୁସାରେ, ଟାର୍ଗେଟେଡ୍ ଥେରାପି ଯୋଗୁଁ ୨୦ରୁ ୨୪% ରୋଗୀଙ୍କ ବୟସ ୫ବର୍ଷ ଯାଏଁ ବୃଦ୍ଧି ହୋଇପାରେ। ଟାର୍ଗେଟେଡ୍ ଥେରାପି ଟ୍ୟୁମରକୁ ରକ୍ତ ଯୋଗାଣରେ ହସ୍ତକ୍ଷେପ କରି ବୃଦ୍ଧି ହେବାକୁ ଦିଏନି। ଶରୀରକୁ ନିଜସ୍ୱ ପ୍ରତିରକ୍ଷା ପ୍ରଣାଳୀକୁ କର୍କଟ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ।

ବିଶେଷ କରି ଗମ୍ଭୀର କର୍କଟ ରୋଗରେ ଏହି ଥେରାପି ଦିଆଯାଇଥାଏ। ପାରମ୍ପରିକ ଥେରାପି ତୁଳନାରେ ଏଥିରେ କମ୍ ପାର୍ଶ୍ୱପ୍ରତିକ୍ରିୟା ହୋଇଥାଏ। ଟାର୍ଗେଟେଡ୍ ଥେରାପି ନେବା ଦ୍ୱାରା ରୋଗୀ ବହୁତ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କେମୋ ଥେରାପି ସହିତ ଟାର୍ଗେଟେଡ୍ ଥେରାପି ମଧ୍ୟ ନିଆଯାଇ ପାରିବ।



## କୋଲେଷ୍ଟ୍ରଲକୁ ନିୟନ୍ତ୍ରିତ ରଖେ ହଳଦିଆ ଡ୍ରାଗନ୍‌ଫ୍ରୁଟ୍

**ଡ୍ରାଗନଫ୍ରୁଟ୍ ଭିଟାମିନ୍ ବି୬, ବି୯, ଇ, କେ, ଫାଇବର ଏବଂ ଆଣ୍ଟି ଅକ୍ସିଡାଣ୍ଟରେ ଭରପୂର। ସ୍ୱାସ୍ଥ୍ୟ ପାଇଁ ଏହା ବହୁତ ଉପକାରୀ। ଲାଲ୍ ଡ୍ରାଗନଫ୍ରୁଟ୍ ପରି ହଳଦିଆ ଡ୍ରାଗନଫ୍ରୁଟ କୋଲେଷ୍ଟ୍ରଲ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ।**

- ହଳଦିଆ ଡ୍ରାଗନଫ୍ରୁଟ୍‌ରେ ଥିବା ଫାଇବର କ୍ଷତିକାରକ କୋଲେଷ୍ଟ୍ରଲ (ଏଲ୍‌ଡିଏଲ୍)କୁ କମ୍ କରେ। ଭଲ କୋଲେଷ୍ଟ୍ରଲ (ଏଚ୍‌ଡିଏଲ୍) ସ୍ତର ନିୟନ୍ତ୍ରଣରେ ରଖିପାରେ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ହୃଦୟକୁ ସୁସ୍ଥ ରଖିବା ସହ ରକ୍ତସଫା କରିପାରେ। ଏପରିକି ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ଆଶଙ୍କାକୁ କମ୍ କରେ ।
- ଏଥିରେ କମ୍ କ୍ୟାଲୋରୀ ଏବଂ ଫାଇବର ଥିବାରୁ ଏହା ଓଜନ ନିୟନ୍ତ୍ରଣରେ ସାହାଯ୍ୟ କରେ। ପାଚନତନ୍ତ୍ରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। କୋଷ୍ଠକାଠିନ୍ୟ ଦୂର କରେ।
- ଏହି ଫଳରେ ଥିବା ଭିଟାମିନ୍ ସି ଶରୀରର ରୋଗପ୍ରତିରୋଧକ କ୍ଷମତାକୁ ମଜଭୁତ କରେ। ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିଥାଏ। ଜଳୀୟଅଂଶ ପୂରା କରିବାରେ ବେଶ୍ ସହାୟକ ହୋଇଥାଏ।



## ମାଢ଼ି ରୋଗକୁ ଅଣଦେଖା କଲେ ବିପଦ

**ମୁଖ ଗହ୍ୱରର ସ୍ୱଚ୍ଛତା ଦାନ୍ତ, ମାଢ଼ି ତଥା ଶରୀରକୁ ସୁସ୍ଥ ରଖିପାରେ। ସୁସ୍ଥ ମାଢ଼ି ଶକ୍ତ ଦାନ୍ତର ଭିତ୍ତିଭୂମି। ଏବେ କିନ୍ତୁ ମାଢ଼ି ରୋଗ ସାଧାରଣ ରୋଗ ଭାବେ ଉଭା ହୋଇଛି। ଲକ୍ଷଣବିହୀନ ଅବସ୍ଥା ଯାହା ଦନ୍ତ କ୍ଷୟ, ମଧୁମେହ, ହୃଦ୍‌ରୋଗ ଏବଂ ଗର୍ଭଧାରଣରେ ଜଟିଳତା ଭଳି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେଣୁ ମାଢ଼ି ରୋଗ ସହ ଜଡ଼ିତ କାରଣ ଏବଂ ବିପଦକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ। ପ୍ରାରମ୍ଭିକ ଚିହ୍ନଟ ଜଟିଳତାର ଆଶଙ୍କାକୁ ହ୍ରାସ କରିଥାଏ।**

**କାରଣ ଏବଂ ବିପଦ କାରକ:** ପ୍ଲାକ୍ ଜମିବା ମାଢ଼ି ରୋଗର ମୁଖ୍ୟ କାରଣ। ଏହାର ଚିକିତ୍ସା ନ କରାଗଲେ, ଏହା ଟାର୍ଟାରରେ ପରିଣତ ହୁଏ। ମାଢ଼ିରେ ସମସ୍ୟା ସୃଷ୍ଟି କରି ଜିଞ୍ଜିଭାଇଟିସ୍ ଏବଂ ଶେଷରେ ପିରିଓଡ଼ଂଟାଇଟିସ୍ ସୃଷ୍ଟି କରେ। ମାଢ଼ି ରୋଗ ବିପଦ କାରକ ମଧ୍ୟରେ ଧୂମପାନ, ମଧୁମେହ, ଏବଂ ଖରାପ ମୁଖ ସ୍ୱଚ୍ଛତା ରହିଛି। ଜିଞ୍ଜିଭାଇଟିସ୍ ମାଢ଼ି ରୋଗର ପ୍ରାରମ୍ଭିକ ଅବସ୍ଥା ଯାହା ପ୍ରଦାହ, ରକ୍ତସ୍ରାବ ଏବଂ ଫୁଲିଯାଇଥିବା ମାଢ଼ିରୁ ଜଣାପଡ଼ିଥାଏ। ଏହା ମାଢ଼ି ରୋଗର ଗମ୍ଭୀର ରୂପ ନେଇ ଦନ୍ତକ୍ଷୟ, ସଂକ୍ରମଣ, ଦନ୍ତ ହାଡ଼ କ୍ଷୟ ସମସ୍ୟା ସୃଷ୍ଟି କରିପାରେ। ମଧୁମେହ ମଧ୍ୟ ମାଢ଼ି ରୋଗର ଆଶଙ୍କା ବଢ଼ାଏ। ସେହିରି ବଂଶାନୁକ୍ରମିକ ପ୍ରବୃତ୍ତି କେତେକ ବ୍ୟକ୍ତିଙ୍କ ମଧ୍ୟରେ ଏହାର କାରଣ ହୁଏ।

**ଆୟୁର୍ବେଦିକ ଉପଚାର:** ଲବଙ୍ଗ ଏବଂ ନିମ ଭଳି ଉପାଦାନରେ ଜୀବାଣୁ ବିରୋଧୀ ଏବଂ ପ୍ରଦାହ ବିରୋଧୀ ଗୁଣ ଅଛି। ଏହା ମାଢ଼ି ରୋଗରୁ ସୁରକ୍ଷା ଦିଏ। ଲବଙ୍ଗର ଯନ୍ତ୍ରଣା ନିବାରକ ଗୁଣ ପ୍ରଦାହକୁ ଶାନ୍ତ କରେ। ନିମ ଜୀବାଣୁ ବୃଦ୍ଧିକୁ ରୋକିପାରେ। ଲବଙ୍ଗ ଓ ନିମରୁ ପ୍ରସ୍ତୁତ ଆୟୁର୍ବେଦିକ ପେଷ୍ଟ ମାଢ଼ିକୁ ସୁସ୍ଥ ରଖେ।

**ପ୍ରତିରୋଧ ପାଇଁ ଉପାୟ:** ପରୀକ୍ଷିତ ଆୟୁର୍ବେଦ ପେଷ୍ଟରେ ପ୍ରତିଦିନ ବ୍ରସ୍ କରିବା ଏବଂ ପ୍ଲାକ୍ ଦୂର ପାଇଁ ଫ୍ଲସିଂ କରିବା ଜରୁରି। ମାଢ଼ିର ଧାର ସଫା କରିବା ସହ ସଠିକ୍ ବ୍ରସିଂ କୌଶଳ ଆବଶ୍ୟକ। ଯେଉଁଠି ଟୁଥବ୍ରସ୍ ପହଞ୍ଚି ପାରେନି, ସେଠାରେ ଫ୍ଲସିଂ ଦାନ୍ତ ମଧ୍ୟରୁ ପ୍ଲାକ୍ ଦୂର କରେ। ନିୟମିତ ଦନ୍ତ ଚେକଅପ୍ ଜରୁରି। ଏହା ଟାର୍ଟାର ଜମାକୁ ଦୂର କରିବା ସହ ଦନ୍ତଚିକିତ୍ସକଙ୍କୁ ମାଢ଼ି ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରେ। ମାଢ଼ିର ସୁସ୍ଥତା ପାଇଁ ସନ୍ତୁଳିତ ଖାଦ୍ୟ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ଫଳ ଏବଂ ଶାଗ ଖାଦ୍ୟ ମାଢ଼ି ତନ୍ତୁ ପାଇଁ ଜରୁରି ପୋଷକ ଯୋଗାଏ। ମାଢ଼ି ସଂକ୍ରମଣ ରୋକିବାକୁ ହର୍ବାଲ୍ ମାଉଥୱାସ୍ ବ୍ୟବହାର କରିପାରିବେ। ଧୂମପାନ ଏବଂ ମଦ୍ୟପାନ ଛାଡ଼ିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଡାକ୍ତର ସୋନିଆ ଦତା
ଦନ୍ତ ବିଶେଷଜ୍ଞ

## ସୂର୍ଯ୍ୟକିରଣ ଅଭାବ ପୂରା କରିବ ଭିଟାମିନ୍-ଡି' ଡ୍ରପ୍

**ଶୀତରତୁରେ ଥଣ୍ଡାରୁ ସୁରକ୍ଷା ପାଇବାକୁ ଲୋକେ ଶୀତ ପୋଷାକ ବ୍ୟବହାର କରନ୍ତି। କୋଠରିରେ ଘଣ୍ଟା ଘଣ୍ଟା ରୁହନ୍ତି। ଏହା ଦ୍ୱାରା ପ୍ରାକୃତିକ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସି ପାରନ୍ତିନି। ଫଳରେ ଶରୀରରେ ଭିଟାମିନ୍-ଡି'ର ଅଭାବ ହୁଏ। ଭିଟାମିନ୍-ଡି' ଅଭାବ ପୂରଣ କରିବାକୁ ଡିଡ୍ରପ୍ ସପ୍ଲିମେଣ୍ଟ ସେବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**

ଭିଟାମିନ୍ -ଡି' ଅସ୍ଥିକୁ ଶକ୍ତ କରିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ପ୍ରାକୃତିକ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆମ ଚର୍ମ ଆସିଲେ, ନିର୍ଦ୍ଦିଷ୍ଟ କୋଷଗୁଡ଼ିକ ଭିଟାମିନ୍-ଡି' କଣିକା ତିଆରି କରିଥାନ୍ତି। ହେଲେ ଆଧୁନିକ ଜୀବନଶୈଳୀ ତଥା ଶୀତରତୁରେ ବନ୍ଦ କୋଠରିରେ ଏ.ସିରେ ରହିବା, ଭିଟାମିନଯୁକ୍ତ ଖାଦ୍ୟ ନ ଖାଇବା, ସୂର୍ଯ୍ୟକିରଣ ସଂସ୍ପର୍ଶରେ ନ ଆସିବା ଆଦି କାରଣରୁ ଥକ୍କାପଣ, ଅଳସୁଆ, ସମସ୍ୟା ଦେଖାଦିଏ। ତେଣୁ ଖାଦ୍ୟପେୟରେ ଭିଟାମିନ୍-ଡି'ଯୁକ୍ତ ଖାଦ୍ୟ ଯଥା ସାଲମନ୍, ଟୁନା, ଅଣ୍ଡାର ଧଳା ଅଂଶ, ପ୍ରାମାଣିକ ଦୁଗ୍ଧ ଆଦି ସାମିଲ କରି ପାରିବେ। ୨୦ରୁ ୩୦ ମିନିଟ୍ କଅଁଳିଆ ଖରାରେ ସମୟ ବିତାଇବା ଆବଶ୍ୟକ।

**ନାନୋଡ୍ରପ୍ ସପ୍ଲିମେଣ୍ଟ:** ଭିଟାମିନ୍-ଡି' ମାତ୍ରାଧିକ ଅଭାବ ଥିଲେ ଡି୩ (କୋଲେକାଲ୍‌ସିଫେରଲ) ସପ୍ଲିମେଣ୍ଟ ସାହାଯ୍ୟ ନେଇ ପାରିବେ।



ନାନୋଡ୍ରପ୍ ରୂପେ ଆସୁଥିବା ସପ୍ଲିମେଣ୍ଟ ପ୍ରଭାବୀ। ଏହା ଶର୍କରାମୁକ୍ତ। ମଧୁମେହରେ ପୀଡ଼ିତ ଏହାକୁ ଖାଇପାରିବେ। ଏହାକୁ ସଠିକ ମାତ୍ରାରେ ବ୍ୟବହାର କଲେ ଅସ୍ଥି ଶକ୍ତ ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିପାଏ।

### ୪ ଦିନ ପରେ ବାରବାଟୀ ମୁକାବିଲା

# ଆଜିଠାରୁ କାଉଣ୍ଟରରେ ଟିକଟ ବିକ୍ରି

କଟକ,୪।୧୨(ସମିସ):

ଶୁକ୍ରବାର ଅଫଲାଇନ୍‌ରେ ଟିକଟ ବିକ୍ରି ହେବ। ମୋଟ୍ ୧୦ହଜାର ଟିକଟ କାଉଣ୍ଟରକୁ ଆସିବ। ସକାଳ ୯ଟାରେ ବକ୍ସ ଅଫିସ ଖୋଲିବାକୁ ସମୟଧାର୍ଯ୍ୟ ହୋଇଥିବା ବେଳେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟିକଟ ବିକ୍ରି ଜାରି ରହିବ। ପ୍ରାୟତଃ ଗୋଟିଏ ଦିନରେ କାଉଣ୍ଟର ଟିକଟ ଶେଷ ହୋଇଯାଏ। ନିର୍ଦ୍ଧାରିତ ସଂଖ୍ୟକ ଟିକଟ ବିକ୍ରି ନହୋଇ ପାରିଲେ ଶନିବାର ମଧ ବକ୍ସ ଅଫିସ ଖୋଲାଯିବ। ତେବେ ଗୁରୁବାର ସନ୍ଧ୍ୟାରୁ ଷ୍ଟାଡିୟମ ନିକଟରେ କ୍ରିକେଟପ୍ରେମୀଙ୍କ ଭିଡ ଲାଗିଥିବା ବେଳେ ପୁଲିସ ସେମାନଙ୍କୁ ଘଉଡାଉଥିବା ଦେଖିବାକୁ ମିଳିଛି। ରାଜ୍ୟର କୋଣଅନୁକୋଣରୁ ଟିକଟ ଆଶାୟୀ ଏବେ ବାରବାଟୀ ନିକଟରେ ଡେରା ଜମାଇଛନ୍ତି।

ବାରବାଟୀରେ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲାକୁ ଆଉ ୪ ଦିନ ବାକି। ଚଳିତଥର ଅନଲାଇନ୍‌ରେ ମାତ୍ର ୨ହଜାର ଟିକଟ ବିକ୍ରି ହୋଇଛି। ଏଣୁ ବକ୍ସ ଅଫିସରୁ ଟିକଟ ପାଇବାକୁ ନେଇ ଉକ୍ରଣ୍ଠା ବଢ଼ିଛି। ଚଳିତଥର ବ୍ୟାରିକେଡ ବ୍ୟବସ୍ଥାରେ ସୁଧାର ଅଣାଯାଇଛି। ସର୍ପେଣ୍ଟାଇନ୍(ଜିକଜ୍ୟାକ୍) ଶୈଳୀରେ ବ୍ୟାରିକେଡ ବନ୍ଧା ଯାଇଛି। ଶୃଙ୍ଖଳିତ ଢ଼ଙ୍ଗରେ ବକ୍ସ ଅଫିସ ଟିକଟ ବିକ୍ରି କରାଯିବାକୁ ପୁଲିସ ଏବଂ ଓସିଏ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି। କିଛିଦିନ ପୂର୍ବେ ଆଇଆଇଟି ପ୍ରତିନିଧି ଷ୍ଟାଡିୟମ ଅନୁଧ୍ୟାନ କରିଥିଲେ। ଷ୍ଟାଡିୟମରେ ହୋଇଥିବା ନବୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପ୍ରତିନିଧି ଦଳ ଆଜି ଷ୍ଟ୍ରକଚରାଲ ସେଫ୍ଟି ସାର୍ଟିଫିକେଟ ପ୍ରଦାନ କରିଛି। ଏହି ରିପୋର୍ଟ ରାଜ୍ୟ ସରକାରଙ୍କୁ ମଧ ଦିଆଯାଇଛି। ଅନ୍ୟପକ୍ଷରେ ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ନେଇ ଓସିଏ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟ କନସଲଟାଣ୍ଟ ଙ୍ଗ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ଆସନ୍ତା ୭ ତାରିଖରେ ବାରବାଟୀରେ ଅଗ୍ନିଶମ ବିଭାଗ ଏବଂ ଓସିଏ ପକ୍ଷରୁ ମିଳିତ ଭାବେ ମକଡ୍ରିଲ କରାଯିବ। ସନ୍ଧ୍ୟା ୮ଟାରୁ ୧୦ଟା ପର୍ଯ୍ୟନ୍ତ ଷ୍ଟାଡିୟମକୁ ଅନ୍ଧାର କରାଯିବ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ବ୍ୟତୀତ ଓସିଏ ପକ୍ଷରୁ ୧୫୦ ଫାୟାରମ୍ୟାନ୍ ନିଯୁକ୍ତ କରାଯାଇଥିବା ଶ୍ରୀ ମହାପାତ୍ର ଜଣାଇଛନ୍ତି। ରାଜ୍ୟ କ୍ରିକେଟ ସଂଘ ପକ୍ଷରୁ ଫାୟାର ବଲ୍ ଏବଂ ଏରୋସଲ୍ ଅଣାଯାଇଛି। ଅଗ୍ନିକାଣ୍ଡ ଘଟିଲେ ଦୂରରୁ ଫାୟାର ବଲ୍ ଏବଂ ଏରୋସଲ୍ ଫିଙ୍ଗା ଯାଇ ନିଆଁକୁ ଆୟତ୍ତ କରାଯାଇପାରିବ। ଏରୋସଲ୍ ୭୦୦ବର୍ଗଫୁଟ ଅଞ୍ଚଳରେ ନିଆଁକୁ ନିୟନ୍ତ୍ରଣ କରି ପାରିବ ବୋଲି ସେ ଜଣାଇଛନ୍ତି।

**ସକାଳ ୯ଟାରେ ଖୋଲିବ 'ବକ୍ସ ଅଫିସ୍'**

**ମାତ୍ର ୧୦,୦୦୦ ଟିକଟ ବିକ୍ରୟ ହେବ**

**ଚାହିଦାରେ ଗ୍ୟାଲେରୀ ନଂ-୧ ଓ ୩ ଟିକଟ୍**

**ଅଗ୍ନିନିରାପତ୍ତାକୁ ଗୁରୁତ୍ୱ; ଫାୟାର ବଲ୍ ମଗାଇଲା ଓସିଏ**




### ଟିକଟ୍ ମୂଲ୍ୟ

| | |
|---|---|
| ଗ୍ୟାଲେରୀ ନଂ-୧ | ୧୧୦୦ଟଙ୍କା |
| ଗ୍ୟାଲେରୀ ନଂ-୨ | ୯୦୦ଟଙ୍କା |
| ଗ୍ୟାଲେରୀ ନଂ-୩ | ୧୧୦୦ଟଙ୍କା |
| ଗ୍ୟାଲେରୀ ନଂ-୪ | ୯୦୦ଟଙ୍କା |
| ଗ୍ୟାଲେରୀ ନଂ-୫ | ୧୨୦୦ଟଙ୍କା |
| ଗ୍ୟାଲେରୀ ନଂ-୭ | ୭୦୦ଟଙ୍କା |
| ସ୍ପେଶିଆଲ ଏନକ୍ଲୋଜର | ୬ ହଜାର ଟଙ୍କା |
| ଏସି ବକ୍ସ | ୮ ହଜାର ଟଙ୍କା |
| ନ୍ୟୁ ପ୍ୟାଭିଲିୟନ | ୧୦ ହଜାର ଟଙ୍କା |
| କର୍ପୋରେଟ ବକ୍ସ | ୨୦ ହଜାର ଟଙ୍କା |



### ମ୍ୟାଚ୍ ଲାଗି ପ୍ରସ୍ତୁତି









## ଡିଏସ୍‌ପି ଭାବେ ଦାୟିତ୍ୱ ନେଲେ ରିଚା



**ସିଲିଗୁଡ଼ି, ୪।୧୨ (ଏଜେନ୍ସି):** ବିଶ୍ୱକପ୍ ବିଜୟିନୀ ଭାରତୀୟ ମହିଳା କ୍ରିକେଟ୍ ଦଳର ସଦସ୍ୟା ରିଚା ଘୋଷ ପଶ୍ଚିମବଙ୍ଗ ପୁଲିସରେ ଡେପୁଟୀ ସୁପରିଟେଣ୍ଡେଣ୍ଟ ଅଫ୍ ପୁଲିସ (ଡିଏସ୍‌ପି) ର୍‌ୟାଙ୍କରେ ଯୋଗଦେଇଛନ୍ତି। ତାଙ୍କୁ ବର୍ତ୍ତମାନ ସିଲିଗୁଡ଼ିର ଆସିଷ୍ଟାଣ୍ଟ କମିଶନର ଅଫ୍ ପୁଲିସ (ଏସିପି) ଭାବେ ଦାୟିତ୍ୱ ଦିଆଯାଇଛି। ସିଲିଗୁଡ଼ି କମିଶନରେଟ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଚାକିରିରେ ଯୋଗଦେବା ଅବସରରେ ୨୨ ବର୍ଷୀୟା ରିଚାଙ୍କ ସହ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଭାରତ ଗତ ମହିଳା ଦିନିକିଆ ବିଶ୍ୱକପ୍‌ର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ପ୍ରଥମଥର ଲାଗି ଚାମ୍ପିଅନ ହୋଇଥିଲା। ରିଚା ଟୁର୍ଣ୍ଣାମେଣ୍ଟରେ ୧୩୩.୫୨ ଷ୍ଟ୍ରାଇକରେଟ୍‌ରେ ୨୩୫ ରନ ସଂଗ୍ରହ କରିଥିଲେ। ଏହି ସଫଳତା ପରେ ପଶ୍ଚିମବଙ୍ଗ ସରକାର ରିଚାଙ୍କୁ ଡିଏସ୍‌ପି ପଦରେ ଚାକିରି ପ୍ରଦାନ କରିଥିଲେ।

### ରବୀନ୍ଦ୍ର-୧୭୬, ଲାଥମ-୧୪୫

## ନ୍ୟୁଜିଲାଣ୍ଡ କବ୍‌ଜାରେ ଦ୍ୱିତୀୟ ଟେଷ୍ଟ





**ଖ୍ରୀଷ୍ଟଚର୍ଚ୍ଚ, ୪।୧୨(ଏଜେନ୍ସି):** ରାଚିନ ରବୀନ୍ଦ୍ରଙ୍କ ୧୭୬ ଓ ଟମ୍ ଲାଥମଙ୍କ ୧୪୫ ରନ୍ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟ ଘରୋଇ ନ୍ୟୁଜିଲାଣ୍ଡ କବ୍‌ଜାରେ ରହିଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ୬୪ ରନ୍‌ରେ ଆଗୁଆ ରହିଥିବା ନ୍ୟୁଜିଲାଣ୍ଡ ତୃତୀୟ ଦିନ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୪ ୱିକେଟରେ ୪୧୭ ରନ୍ ସଂଗ୍ରହ କରିନେଇଛି। ରାଚିନ ଓ ଲାଥମଙ୍କୁ ଛାଡ଼ିଦେଲେ ଡେଭନ କନୱେ ୩୭ ରନ୍ କରି ତୃତୀୟ ଟପ୍ ସ୍କୋରର ହୋଇଛନ୍ତି। ଖେଳ ଆଉ ଦୁଇଦିନ ବାକିଥିଲାବେଳେ ନ୍ୟୁଜିଲାଣ୍ଡ ମୋଟରେ ୪୮୧ ରନ୍‌ରେ ଆଗୁଆ ରହି ଏହି ଟେଷ୍ଟକୁ ନିଜ କବ୍‌ଜାରେ ରଖିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଜିତି ଘରୋଇ ଦଳ ୧-୦ରେ ଆଗୁଆ ରହିଛି।

### ଏଫ୍‌ଆଇଏଚ୍ ପୁରୁଷ ଜୁନିଅର ହକି ବିଶ୍ୱକପ୍

## ଆଜି ଭାରତ-ବେଲଜିୟମ୍ କ୍ୱାର୍ଟର ଫାଇନାଲ

**ଚେନ୍ନଇ,୪।୧୨(ଏଜେନ୍ସି):** ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ଜୁନିଅର ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମୁକାବିଲା ଆସନ୍ତାକାଲି ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ମଧ୍ୟରେ ଭାରତ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ହକି ଦେଶ ଭାବେ ବିବେଚିତ ବେଲଜିୟମ ସହ ମୁକାବିଲା ହେବ। ଏହି ଦଳ ବିପକ୍ଷରେ ଭାରତର ପ୍ରଦର୍ଶନ ଭଲ ନୁହେଁ। ଭାରତ ମଧ ଓମାନ, ଚିଲି ଓ ସ୍ୱିଜରଲାଣ୍ଡ ଭଳି ଦେଶକୁ ହରାଇ ଗ୍ରୁପ୍ ଟପ୍ପର ହେବା ସହ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। କିନ୍ତୁ ଦଳର ଅସଲ ପରୀକ୍ଷା ଏହିଠାରୁ ଆରମ୍ଭ ହେବ। ଚଳିତ ଟୁର୍ଣ୍ଣାମେଣ୍ଟରେ ବେଲଜିୟମ ଆକ୍ରମଣାତ୍ମକ ହକି ଖେଳି ୨୨ଟି ଗୋଲ ସ୍କୋର କରିଛି। ଉଭୟ ଫିଲ୍ଡ ଓ ପେନାଲ୍ଟି କର୍ଣ୍ଣରରୁ ଗୋଲ ଦେଇଛି ବେଲଜିୟମ। ଏପରିକି ସ୍ପେନ୍ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳି ଏହି ଦଳ କ୍ୱାର୍ଟର ଫାଇନାଲ ମୁକାବିଲା ଲାଗି ପ୍ରସ୍ତୁତି କରିନେଇଛି।

ଅନ୍ୟ ପକ୍ଷରେ ଗ୍ରୁପ୍‌ରେ ଭାରତ ୨୯ଟି ଗୋଲ ଦେଇଥିଲେ ମଧ ଗୋଟିଏ ଗୋଲ ବରଣ କରିନାହିଁ। କିନ୍ତୁ ଦଳ କୌଣସି ଶକ୍ତିଶାଳୀ ଦେଶ ବିପକ୍ଷରେ ଖେଳିନାହିଁ। ଗ୍ରୁପ୍‌ର ପ୍ରତିଦ୍ୱନ୍ଦ୍ୱୀ ଓ କ୍ୱାର୍ଟର ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଦଳର ଦକ୍ଷତା ମଧ୍ୟରେ ଅନେକ ଫରକ ରହିଛି। ଏଣୁ ଭାରତକୁ ଏହି ମୁକାବିଲା ଜିତିବାକୁ ହେଲେ ଆମକୁ ଆମ ଖେଳରେ ଉନ୍ନତି ଆଣିବାକୁ ହେବ ବୋଲି ହେଡ୍ କୋଚ୍ ପିଆର ଶ୍ରୀଜେଶ କହନ୍ତି। ବିଶେଷ କରି ସର୍କଲ ଏଣ୍ଟ୍ରିରେ ପ୍ରବେଶ ପରେ ହେଉ କିମ୍ବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବା ଆମ ଲାଗି ନିହାତି ଆବଶ୍ୟକ। ଏଥିରେ ଆମେ ଦୁର୍ବଳ ରହିଛୁ। ଓଡ଼ିଶା ଖେଳାଳି ରୋଶନ କୁଜୁରଙ୍କ ନେତୃତ୍ୱରେ ଆମ ମିଡ୍ ଫିଲ୍ଡ ସୁଦୃଢ଼ ରହିଛି। କିନ୍ତୁ ରକ୍ଷଣଭାଗରେ ଦୃଢ଼ତା ନାହିଁ। ଅଧିନାୟକ ରୋହିତ, ତାଲେମ ପ୍ରିୟୋବ୍ରତ, ଅମିର ଅଲିଙ୍କୁ ନେଇ ରକ୍ଷଣଭାଗ ଗଠିତ। ଗୋଲରକ୍ଷକ ପ୍ରିନ୍ସ ଦୀପ୍ ସିଂହ ଓ ବିକ୍ରମଜିତ ସିଂହଙ୍କ ଉପରେ ମଧ ଗୁରୁ ଦାୟିତ୍ୱ ରହିଛି। ଏମାନଙ୍କ ପାରଦର୍ଶିତା ବିନା ଭାରତ କ୍ୱାର୍ଟର ଫାଇନାଲର ଏରୁଣ୍ଡିବନ୍ଧ ଡେଇଁବା ସମ୍ଭବ ନୁହେଁ।

**କ୍ୱାର୍ଟର ଫାଇନାଲ ଖେଳସୂଚୀ**

**ଚେନ୍ନଇ-ଡିସେମ୍ବର ୫, ୨୦୨୫**

| ପ୍ରତିଦ୍ୱନ୍ଦ୍ୱୀ | ଖେଳ ଆରମ୍ଭ |
|---|---|
| ସ୍ପେନ୍- ନ୍ୟୁଜିଲାଣ୍ଡ | ୧୨ଟା ୩୦ |
| ଫ୍ରାନ୍ସ- ଜର୍ମାନୀ | ଅପରାହ୍ନ ୩ଟା |
| ନେଦରଲାଣ୍ଡସ-ଆର୍ଜେଣ୍ଟିନା | ସନ୍ଧ୍ୟା ୫ଟା୩୦ |
| ଭାରତ- ବେଲଜିୟମ | ରାତି ୮ଟା |

### ନ୍ୟାସନାଲ ରାଇଫଲ ସଂଘ ନିର୍ବାଚନ

## କଳିକେଶ ସଭାପତି, ଗୌରୀ ଯୁଗ୍ମ ସମ୍ପାଦକ



**ଭୁବନେଶ୍ୱର, ୪।୧୨ (ସମିସ):** ଓଡ଼ିଶାର କଳିକେଶ ନାରାୟଣ ସିଂଦେଓ ଏବଂ ଗୌରୀ ମହାନ୍ତି ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ର ସଭାପତି ଓ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଏନ୍‌ଆର୍‌ଏଆଇର ନିର୍ବାଚନ ଅନୁଷ୍ଠିତ ହୋଇଛି। ପୂର୍ବରୁ କଳିକେଶ ସଭାପତି ଭାବେ ଓ ପୱନ ସିଂହ ସାଧାରଣ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲା। ସଂଘର ଅନ୍ୟ ପଦବୀ ଲାଗି ଆଜି ନିର୍ବାଚନ ଅନୁଷ୍ଠିତ ହୋଇଥିଲେ। ଏଥିରେ ବରିଷ୍ଠ ଉପସଭାପତି ଭାରେ ତେଲଙ୍ଗାନାର ଅମିତ ସାଙ୍ଗି, ଉପସଭାପତି ଭାବେ କନୱର ସୁଲତାନ ସିଂହ ଓ ସୁଷମା ସିଂ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଓଡ଼ିଶାର ଗୌରୀ ମହାନ୍ତି ପ୍ରଥମଥର ଜାତୀୟ ସଂଘରେ ନିର୍ବାଚିତ ହୋଇଛନ୍ତି। କଳିକେଶ ୨୦୨୯ ଯାଏ ସଭାପତି ରହିବେ। ଖେଳାଳିଙ୍କ ପ୍ରତିନିଧିଭାବେ କାର୍ଯ୍ୟକାରୀ କମିଟିକୁ ଗଗନ ନାରଙ୍ଗ, କୁନ୍ତି ମଲିକ, ଜୋରାବର ସିଂହ ସାନ୍ଧୁ ଓ ଇଲାଭେନିଲ ଭାଲାରିଭାନ୍।

## ଟି-୨୦ରେ ୬୦୦ ୱିକେଟ ନେବାରେ ନାରାୟଣ ୩ୟ ବୋଲର

**ଶାରଜା, ୪।୧୨ (ଏଜେନ୍ସି):** ବିଶ୍ୱର ୩ୟ ବୋଲର ଭାବେ ୱେଷ୍ଟଇଣ୍ଡିଜର ରହସ୍ୟମୟୀ ସ୍ପିନର ସୁନିଲ ନାରାୟଣ ଟି-୨୦ କ୍ରିକେଟ୍‌ରେ ୬୦୦ ୱିକେଟ୍ ନେବାର ରେକର୍ଡ କରିଛନ୍ତି। ୟୁଏଇରେ ଚାଲିଥିବା ଇଣ୍ଟରନ୍ୟାସନାଲ ଲିଗ୍-୨୦ (ଆଇଏଲଟି୨୦) ଅବସରରେ ନାରାୟଣ ଏହି ସଫଳତା ପାଇଛନ୍ତି। ଆବୁଧାବି ନାଇଟ୍ ରାଇଡର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ନାରାୟଣ ପ୍ରତିପକ୍ଷ ଶାରଜା ୱାରିୟର୍ସ ବ୍ୟାଟର୍ ଟମ୍ ଆବେଲ୍‌ଙ୍କୁ ଆଉଟ୍ କରି ଏହି ମାଇଲଖୁଣ୍ଟ ଛୁଇଁଥିଲେ। ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ନାରାୟଣ ବର୍ତ୍ତମାନ ସୁଦ୍ଧା ୫୬୮ଟି ମ୍ୟାଚ୍ ଖେଳି ୬.୧୬ ଇକୋନୋମିରେ ୬୦୦ଟି ୱିକେଟ୍ ହାସଲ କରିଛନ୍ତି। ଯେଉଁଥିରେ ସେ ଥରେ ୫ ୱିକେଟ୍ ସଫଳତା ଏବଂ ୧୨ଥର ୪ ୱିକେଟ୍ ସଫଳତା ପାଇଛନ୍ତି। ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ସର୍ବାଧିକ ୱିକେଟ୍ ନେବାରେ ରଶିଦ ଖାନ (୬୮୧) ଓ ଡ୍ୱେନ ବ୍ରାଭୋ (୬୩୧) ଯଥାକ୍ରମେ ତାଲିକାର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

### ସୟଦ ମୁସ୍ତାକ ଅଲି ଟି-୨୦

## ୧ ରନ୍‌ରେ ରେଳବାଇକୁ ହରାଇଲା ଓଡ଼ିଶା

**ଲକ୍ଷ୍ନୌ, ୪।୧୨ (ଏଜେନ୍ସି):** ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଏକ ରୋମାଞ୍ଚକ ମ୍ୟାଚରେ ଗୁରୁବାର ଓଡ଼ିଶା ୧ ରନରେ ଶକ୍ତିଶାଳୀ ରେଳବାଇକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସୌମ୍ୟରଞ୍ଜନ ଲେଙ୍କା (ଅପରାଜିତ ୭୫ ରନ ଓ ୩ଟି ୱିକେଟ୍) ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଦଳକୁ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ବିଜୟ ଭେଟି ଦେଇଥିଲେ। ଫଳରେ ଓଡ଼ିଶା ୫ ମ୍ୟାଚରୁ ୮ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ଏ'ର ୭ମ ସ୍ଥାନକୁ ଉଠିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୩୮ ରନ ମଧ୍ୟରେ ୪ଟି ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଦୁଇ ଓପନର୍ ଆଦିତ୍ୟ ରାଉତ (୨୧ ରନ), ଗୌରବ ଚୌଧୁରୀ (୫), ଶୁଭ୍ରାଂଶୁ ସେନାପତି (୧) ଓ ଅଧିନାୟକ ବିପ୍ଳବ ସାମନ୍ତରାୟ (୧) ଶସ୍ତାରେ ଆଉଟ୍ ହୋଇଥିଲେ। ତେବେ ୱିକେଟ୍‌କିପର ଆଶୀର୍ବାଦ ସ୍ୱାଇଁଙ୍କ ସହ ଯୁବ ଅଲ୍‌ରାଉଣ୍ଡର ସୌମ୍ୟ ଏହାପରେ ସ୍ଥିତି ସମ୍ଭାଳିଥିଲେ। ଉଭୟ ୫ମ ୱିକେଟ୍‌ରେ ୧୨ ଓଭରରେ ୧୦୫ ରନର ଭାଗୀଦାରି ଗଢ଼ିଥିଲେ। ଫଳରେ ଓଡ଼ିଶା ୫ ୱିକେଟ୍‌ରେ ୧୬୯ ରନର ଏକ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା। ସୌମ୍ୟ ୪୦ଟି ବଲ୍‌ରେ ୭୫ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଯେଉଁଥିରେ ସେ ୩ଟି ଚୌକା ଓ ୬ଟି ଛକା ମାରିଥିଲେ। ଆଶୀର୍ବାଦ ୪୭ ବଲରେ ୪୮ ରନ କରି ଆଉଟ୍ ହୋଇଥିଲେ। ଜବାବରେ ରେଳବାଇ ଅକ୍ଷତ ପାଣ୍ଡେ (୩୪ ବଲରେ ୬୦ ରନ)ଙ୍କ ଦ୍ରୁତ ଅର୍ଦ୍ଧଶତକ ସତ୍ତ୍ୱେ ଇନିଂସର ଶେଷ ବଲରେ ୧୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶେଷ ଓଭରରେ ବିଜୟ ଲାଗି ୧୭ ରନ ଆବଶ୍ୟକ ହେଉଥିଲା। ସୌମ୍ୟ ଏହି ଓଭରଟି ପକାଇ ୧୫ ରନ ଦେଇଥିଲେ। ଏପରିକି ଶେଷ ବଲରେ ୪ ରନ ଆବଶ୍ୟକ ହେଉଥିବାବେଳେ ୩ୟ ରନ ପ୍ରୟାସରେ ରାଜ ଚୌଧୁରୀ ରନ ଆଉଟ୍ ହୋଇଯାଇଥିଲେ। ସୌମ୍ୟ ସର୍ବାଧିକ ୩ଟି ଏବଂ ରାଜେଶ ମହାନ୍ତି ଓ ପ୍ରୟାସ ସିଂଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା।

**ସୌମ୍ୟଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ**



### ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ

## ସେମିରେ ତନ୍‌ଭୀ, ସ୍ୱାତୀ-ନିମିଶା

ଭୁବନେଶ୍ୱର, ୪।୧୨ (ସମିସ):







ଓଡ଼ିଶାର ଦମ୍‌ଦାର ଖେଳାଳି ତନ୍‌ଭୀ ପତ୍ରୀ, ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କ ଯୋଡି କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତନ୍‌ଭୀ ଉଭୟ ବିଭାଗର ଏକକ ଏବଂ ସ୍ୱାତୀ- ନିମିଶାଙ୍କ ଯୋଡି ୧୫ ବର୍ଷରୁ କମ୍ ବାଳିକା ବିଭାଗର ଯୁଗଳ କାଟାଗୋରୀର ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ସମସ୍ତ ସେମିଫାଇନାଲ ଓ ୬ ତାରିଖ ଶନିବାର ଫାଇନାଲ ମ୍ୟାଚ୍ ଖେଳାଯିବ।

ଓଡ଼ିଶାର ତାରକା ଖେଳାଳି ତନ୍‌ଭୀ ଆଜି ପ୍ରଥମେ ୧୫ ବର୍ଷରୁ କମ୍ କ୍ୱାର୍ଟର ଫାଇନାଲ ଖେଳିଥିଲେ। ଏଥିରେ ସେ ୨୧-୧୪, ୨୧-୧୪ରେ ଉତ୍ତରପ୍ରଦେଶର ଅଗ୍ରୀମା ସିଂଙ୍କୁ ପରାସ୍ତ କରି ସେମିକୁ ଉନ୍ନିତ ହୋଇଥିଲେ। ସେମିରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ତେଲଙ୍ଗାନାର ଅବନୀ ବିକ୍ରମ ଗୋବିନ୍ଦ, ହାମସିନୀ ଚନ୍ଦରମ ଓ ପଞ୍ଜାବର ଇନାୟତ ଗୁଲାଟି। ସେହିପରି ୧୭ ବର୍ଷରୁ କମ୍ ବାଳିକା ଏକକ କ୍ୱାର୍ଟର ଫାଇନାଲରେ ତନ୍‌ଭୀ ୨୧-୧୫, ୨୧-୧୨ରେ କେରଳର ହିଥା ମାରିଆ ଜୋଶଙ୍କୁ ହରାଇ ଦ୍ୱିତୀୟ ଇଭେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏହି ବିଭାଗରେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍, ଦିଲ୍ଲୀର ରକ୍ଷିକା ନନ୍ଦୀ ମଧ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି।

୧୫ ବର୍ଷରୁ କମ୍ ବାଳିକା ବିଭାଗ ଯୁଗଳ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇଛନ୍ତି ଓଡ଼ିଶାର ଯୋଡି ସ୍ୱାତୀ ନାୟକ ଓ ନିମିଶା ଓଝା। କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ଯୋଡି ଶ୍ରେୟା କାନ୍ଦିବିଲା ଓ ଶ୍ରୀ ନାଗଲକ୍ଷ୍ମୀଙ୍କ ଯୋଡିଙ୍କୁ ୨୨-୨୦, ୧୪-୨୧ ଓ ୨୧-୧୧ରେ ପରାସ୍ତ କରି ସ୍ୱାତୀ- ନିମିଶା ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୧୫ ବର୍ଷରୁ କମ୍ ବାଳକ ଏକକରେ ତେଲଙ୍ଗାନାର ଶ୍ରୀଚୈତନ୍ୟ ସୌର୍ଯ୍ୟ, କର୍ଣ୍ଣାଟକର ପୁଷ୍କର ସାଇ, ଦିଲ୍ଲୀର ହର୍ଷିତ କ୍ଷତ୍ରୀ ଓ ରାଜସ୍ଥାନର ଅଂଶୁମାନ ଚୌଧୁରୀ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ ରଖିଛନ୍ତି। କ୍ୱାର୍ଟରରେ ଟପ୍ ସିଡ୍ ପଞ୍ଜାବର ୱାଜିର ସିଂହଙ୍କୁ ହରାଇଥିଲେ ଶ୍ରୀଚୈତନ୍ୟ। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଟପ୍ ସିଡ୍ ପଞ୍ଜାବର ଜଗସେର ସିଂହ ଖାଙ୍ଗରା, ଆସାମର ବର୍ଣ୍ଣିଲ ଆକାଶ ଚେଙ୍ଗମାଇ, ପଞ୍ଜାବର ବିରାଜ ଶର୍ମା, ମହାରାଷ୍ଟ୍ରର ଦେବ ରୂପରେଲିଆ କ୍ୱାର୍ଟର ଫାଇନାଲ ମୁକାବିଲାରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଏମାନଙ୍କ ଭାଗ୍ୟ ପରୀକ୍ଷା ହେବ।

**'ନନ୍ଦିଘୋଷ ଟିଭି'**

ନନ୍ଦିଘୋଷ

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

■ ଯାଜପୁର ପୁଲିସର ଅପରେସନ ନାଇଟ୍ ସୁଇପର ସଫଳତା

# ୧୪ ଗିରଫ, ମାରଣାସ୍ତ୍ର, ଅଳଙ୍କାର, ଟଙ୍କା ଜବତ

ପାଣିକୋଇଲି/ଧର୍ମଶାଳା,୪।୧୨(ସମିସ): ଯାଜପୁର ଜିଲ୍ଲାରେ ବଢୁଥିବା ଅପରାଧକୁ ନିୟନ୍ତ୍ରଣ କରିବାକୁ ଯାଜପୁର ପୁଲିସ ପକ୍ଷରୁ କରାଯାଇଥିବା ଅପରେସନ ନାଇଟ ସୁଇପର ସଫଳ ହୋଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଗତ କିଛିଦିନ ଧରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବ୍ୟାପକ ପରିମାଣର ମାରଣାସ୍ତ୍ର, ସୁନା ଓ ରୁପା ଅଳଙ୍କାର, ନଗଦ ଟଙ୍କା ସହିତ ମୋବାଇ ଜବତ କରିବା ସହିତ ଏହି ଘଟଣାରେ ୧୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଅଭିଯୁକ୍ତଙ୍କ ବିରୋଧରେ ବ୍ରହ୍ମବରଦା, କୁଆଖିଆ, ଜେନାପୁର, ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ଧର୍ମଶାଳା ଆଦି ଥାନାରେ ୩୦ଟି ମାମଲାରେ ସମ୍ପୃକ୍ତି ଥିବା ଜଣାପଡିଛି। ଏ ନେଇ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ପାଣିକୋଇଲି ପୁଲିସ ମୁଖ୍ୟାଳୟରେ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଧର୍ମଶାଳା ଓ ଏହାର ପାଖ ଥାନାରେ ଲଗାତର ୬ ମାସ ହେଲା ଘଟୁଥିବା ଘର ଚୋରି ଘଟଣାରେ ଜିଲ୍ଲା ପୁଲିସକୁ ସଫଳତା ମିଳିଛି। ଏ ନେଇ ପୁଲିସ ହେଡକ୍ୱାର୍ଟରରେ ଆଜି ପୁଲିସ ଡିଆଇଜି ସତ୍ୟଜିତ ନାୟକ ଓ ଯାଜପୁର ଏସ୍‌ପି ଯଶପ୍ରତପ ଶ୍ରୀମଲ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାର ଖୁଲାସା କରିଛନ୍ତି। ଧର୍ମଶାଳା ଥାନା ଅଞ୍ଚଳରେ ବିଗତ ୬ ମାସ ହେଲା ବାରମ୍ବାର ଚୋରି ବୃଦ୍ଧି ପାଇଆସୁଥିଲା। ଧର୍ମଶାଳା କିମ୍ବା ଯାଜପୁର ପୁଲିସ ଚୋରଙ୍କୁ ଧରିବାରେ ଅସଫଳ ହେବା କାରଣରୁ ସର୍ବସାଧାରଣରେ ପୁଲିସ ସମାଲୋଚିତ ହୋଇଥିଲା। ଧର୍ମଶାଳା ଥାନା ଅଞ୍ଚଳ ସମେତ ବାଲିଚନ୍ଦ୍ରପୁର, ବଡ଼ଚଣା, କୁଆଖିଆ, ବ୍ରହ୍ମବରଦା, ଜେନାପୁର ଆଦି ଥାନା ଅଞ୍ଚଳରେ ବାରମ୍ବାର ଦୁର୍ବୃତ୍ତମାନେ ରାତିରେ ଘରେ ପଶି କଳାକନା ବୁଲାଉଥିଲେ। ପରସ୍ଥିତି ଅସମ୍ଭାଳ ହେବାରୁ ଜିଲ୍ଲା ଓ ରାଜ୍ୟ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏହି ଚୋରଙ୍କୁ ଧରିବା ପାଇଁ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ଦୀର୍ଘ ୧ ମାସ ହେବ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଜିଲ୍ଲା ଓ ଜିଲ୍ଲା ବାହାରେ ଚଢ଼ଉ କରାଯାଇଥିଲା। ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ଘଟଣାରେ ପୁଲିସ ୧୪ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏଥିସହ ପୁଲିସ ଏହି ଚୋରଙ୍କଠାରୁ ୨୨୫ ଗ୍ରାମରୁ ଊର୍ଦ୍ଧ୍ୱ ସୁନା, ପାଖାପାଖି ୨୪୦୦ ଗ୍ରାମ ରୁପା, ନଗଦ ୫ ଲକ୍ଷ ୯୦ ହଜାର ୫ ଶହ ଟଙ୍କା ସମେତ ଗୋଟିଏ ବୋଲେରୋ ଗାଡି, ୨ଟି ବାଇକ, ୧୩ଟି ମୋବାଇଲ ଫୋନ ଓ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଓ ତାଲା ଭଙ୍ଗାଯିବା ଯନ୍ତ୍ରାସ ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୁଲିସ ସୂଚନା ଦେଇଛି। ଗିରଫ ହୋଇଥିବା ଚୋରମାନେ ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସେକ ଅଲିମୁଦ୍ଦିନ (୨୪), ଏହି ଥାନା ଖଡଗପୁର ଗ୍ରାମର ସୌମ୍ୟରଞ୍ଜନ ବେହେରା (୨୯), ଚାରିନଙ୍ଗଳ ଗ୍ରାମର ରହିମ ଖାଁ (୨୦), ଚାରିନଙ୍ଗଳ ଗ୍ରାମର ସେକ ଇମାମୁଦ୍ଦିନ(୧୯), ଚାରିନଙ୍ଗଳ ଗ୍ରାମର ସେକ ମୁସ୍ତକିମ ଅଲ୍ଲୀ (୪୨), କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଞ୍ଚଳର ରାଜୁ ଖାଁ (୩୩), କେନ୍ଦ୍ରାପଡ଼ା ଥାନା ଅଞ୍ଚଳର ସେକ ମେତାବ (୨୮), ପାଟକୁରା ଥାନା ଅଞ୍ଚଳର ମନୋଜ ମଲିକ (୨୬), କେନ୍ଦ୍ରାପଡ଼ା ଟାଉନ ଥାନା ଅଞ୍ଚଳର ସେକ ଚାନ୍ଦ (୨୬), ଏହି ଥାନା ଅଞ୍ଚଳର ଗୌତମ ଜେନା (୨୮) ବୋଲି ଜଣାପଡିଛି। ଏଥିସହ ଏହି ଚୋରଙ୍କ ପାଖରୁ ଚୋରି ଅଳଙ୍କାର କିଣିବା ଅଭିଯୋଗରେ ପୁଲିସ ବଲିଚନ୍ଦ୍ରପୁର ଥାନା ଅଞ୍ଚଳର ସୁନା ବ୍ୟବସାୟୀ ଜନ୍ମେଜୟ ସାହୁ (୨୯), କଟକ ଜିଲ୍ଲା ନୟାସଡ଼କ ଅଞ୍ଚଳର ଅମଳ ସେଠ, ଲାଲବାଗ ଥାନା ଅଞ୍ଚଳର ସୁନା ବ୍ୟବସାୟୀ ବିକ୍ରମ ବେହେରା ଓ କଟକ ତିନିକୋଣିଆ ବଜାର ଅଞ୍ଚଳର ପବିତ୍ର ସେଠୀ ବୋଲି ଜଣାଯାଇଛି। ଦୁର୍ବୃତ୍ତମାନେ ରାତିରେ ବିଭିନ୍ନ ଗ୍ରାମରେ ପହଞ୍ଚି ଏକୁଟିଆ ଘର ଠଉରାଇବା ସହିତ ଘରେ ରହୁଥିବା ଲୋକଙ୍କ ଗତିବିଧି ଠଉରାଇଥା'ନ୍ତି। ପରେ ଉକ୍ତ ଘରେ କେହି ନ ଥିବା ଜାଣି ସେହି ଘରେ ପଶି ଅନାୟାସରେ ଚୋରି କରି ଫେରାର ହୋଇଯାଆନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ବିଭିନ୍ନ ଥାନା ଅଞ୍ଚଳରୁ ହୋଇଥିବା ଚୋରି ମାମଲାରେ ଅନ୍ୟ ଦୁର୍ବୃତ୍ତଙ୍କ ମଧ୍ୟ ସମ୍ପୃକ୍ତି ରହିଥିବାବେଳେ ପୁଲିସର ତଦନ୍ତ ଜାରି ରହିଛି ବୋଲି ପୁଲିସ ସୂଚନା ଦେଇଛି। ଯାଜପୁର ଜିଲ୍ଲାର ଉପରଲିଖିତ ଥାନାରେ ହୋଇଥିବା ୩୦ଟି ଚୋରି ମାମଲାରେ ଏମାନଙ୍କ ସମ୍ପୃକ୍ତି ରହିଥିବାବେଳେ ସେଥିମଧ୍ୟରୁ ଧର୍ମଶାଳା ଥାନା ଅଞ୍ଚଳର ସର୍ବାଧିକ ୧୬ଟି ମାମଲାରେ ଏମାନଙ୍କ ସମ୍ପୃକ୍ତି ଥିବା ଜଣାଯାଇଛି। ସାମ୍ବାଦିକ ସମ୍ମିଳନୀ ପରେ ୧୪ ଜଣ ଅଭିଯୁକ୍ତଙ୍କୁ ଆଜି ଚଣ୍ଡିଖୋଲ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି ବୋଲି ଏସପି ଶ୍ରୀ ଶ୍ରୀମଲ ସୂଚନା ଦେଇଛନ୍ତି।





■ ଚଷାଖଣ୍ଡ-ପାଲଟପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା

## ନିମ୍ନମାନର କାମ ଅଭିଯୋଗ; ବନ୍ଦ କଲେ ଗ୍ରାମବାସୀ



ମଙ୍ଗଳପୁର, ୪।୧୧(ସମିସ): ଦଶରଥପୁର ବ୍ଲକ୍ ପାଲଟପୁର ପଞ୍ଚାୟତସ୍ଥ ଚଷାଖଣ୍ଡ-ପାଲଟପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା କାମ ଚାଲୁଥିବାବେଳେ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଆଜି ରାତ୍ର ସମୟରେ ଉକ୍ତ ରାସ୍ତାରେ ପିଚୁ କାମ କରାଯାଉଥିବାବେଳେ ଗ୍ରାମବାସୀ କାମ ବନ୍ଦ କରିଥିବା ଜଣାପଡିଛି। ଠିକାଦାରଙ୍କ ଏଭଳି ନିମ୍ନମାନର କାମ ପାଇଁ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ରାତିରେ ପିଚୁ କାର୍ଯ୍ୟ ହେଉଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବାରୁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଏନେଇ ଜଣାଇଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟ ସ୍ଥଳକୁ ଆସି ନ ଥିଲେ। ଠିକଦାରଙ୍କ ଦାଦାଗିରି ସାଙ୍ଗକୁ ଅନ୍ଧାର ରାତିରେ ବେଆଇନ ଭାବେ ପିଚୁ କାର୍ଯ୍ୟ କରାଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବାକୁ ନେଇ ଦୁର୍ନୀତିର ଗନ୍ଧ ବାରି ହେଇପଡୁଛି ବୋଲି ସାଧାରଣରେ ଆଲୋଚନାର ବିଷୟବସ୍ତୁ ସାଜିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଗ୍ରାମବାସୀ ଜିଲ୍ଲା ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ୮ ତାରିଖରେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲ୍ଲାପାଳ ଉକ୍ତ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## କିଷାନ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଯାଜପୁର, ୪।୧୨(ସମିସ): ଚାଷ ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କିଷାନ କଂଗ୍ରେସ ସେଲର ଜିଲ୍ଲା ସଭାପତି ବସନ୍ତ ପରିଡା ଆହ୍ୱାନକ୍ରମେ ଶତାଧିକ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ୪୦ ଭାଗ ଧାନ ଅମଳ ହୋଇସାରିଥିଲେ ମଧ୍ୟ ଚାଷୀ ଟୋକନରୁ ବଞ୍ଚିତ ହେଉଛନ୍ତି। ଯାହାକି ଚାଷୀଙ୍କ ବଳକା ଧାନ ସଂଗ୍ରହ, ଧାନକ୍ରୟ କେନ୍ଦ୍ରରେ ଧାନର ସୁରକ୍ଷା ପାଇଁ ସେଡ ନିର୍ମାଣ, କଟନୀ ଛଟନୀ ବିନା ଧାନ କ୍ରୟ କରିବା, ଫସଲ ବୀମାରେ ଥିବା ସମସ୍ତ ଅସଙ୍ଗତି ଦୂର କରି ଚାଷୀଙ୍କ ପରିବାରକୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବା, ୫୫ ବର୍ଷ ପରେ ଚାଷୀ ଓ ଭାଗଚାଷୀଙ୍କୁ ୧୦ ହଜାର ଟଙ୍କାର ଭତ୍ତା, ସମସ୍ତ ମଣ୍ଡିରେ ସ୍ଥାୟୀ ଗୋଦାମ ଘର ନିର୍ମାଣ କରିବାକୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ମାଗୁଣୀ ଜେନା, ବଡ଼ଚଣାର ଅଜୟ ସାମଲ, ଧର୍ମଶାଳାରୁ କିଷାନ ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ପ୍ରଫୁଲ ରାୟ, ମହମ୍ମଦ ଏକବାର ଆଲମ, ସଂଗ୍ରାମ ସାହାଣୀ, ନାରାୟଣ ରାଉତ, ଅନୀଲ ଜେନା, ସଂଜୟ କର, ଅଶୋକ ରାଉତ, ଅଲେଖ ପୃଷ୍ଟି, ଅମରେନ୍ଦ୍ର ସାମଲ, ସନ୍ତୋଷ ପରିଡା, ସେକ୍ ଇବୋ, ସନ୍ତୋଷ ବାରିକ, ପ୍ରିୟରଞ୍ଜନ ସେଠୀ, ଅଶୋକ ବେହେରା, ସାଗର ପାଲ, ହାଡ଼ିବନ୍ଧୁ ଜେନା, ଉମେଶ ସାହୁ, ପଙ୍କଜ ନାୟକ, ଏସକେ ଅବଦୁଲ, ନକୁଳ ଜେନା, ରାମଚନ୍ଦ୍ର ସାମଲ ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୩ ପକ୍ଷୀ ଶିକାରୀ ଗିରଫ



ବ୍ରହ୍ମବରଦା, ୪।୧୨(ସମିସ): ବିଭିନ୍ନ ପ୍ରଜାତିର ୨୦ରୁ ଊର୍ଦ୍ଧ୍ୱ ପକ୍ଷୀ ମାରିବା ଘଟଣାରେ ବୈରୀ ବନବିଭାଗ ପକ୍ଷରୁ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଥାଉକି ଗତ ମଙ୍ଗଳବାର ଅପରାହ୍ନ ସମୟରେ ବ୍ରହ୍ମବରଦା ଥାନା ଅଧୀନସ୍ଥ ମଙ୍ଗରାଜପୁର ପଞ୍ଚାୟତ ବୀରଭାନୁପୁର ଗ୍ରାମର ଏକ ତୋଟାରୁ ୩ ଜଣ ଯୁବକ ପାରା, ବଗ, ମାଛରଙ୍କା ଭଳି ୨୦ରୁ ଅଧିକ ପକ୍ଷୀ ମାରୁଥିବାବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ବ୍ରହ୍ମବରଦା ପୁଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ବୈରୀ ବନ ବିଭାଗକୁ ଅବଗତ କରାଇଥିଲେ। ଏସସିଏଫ ରବି ମହାନ୍ତି, ସଚିତାନନ୍ଦ ସୁବୁଦ୍ଧି, କୃଷ୍ଣଚନ୍ଦ୍ର ଟୁଡୁ ତଦନ୍ତ କରିବା ସହିତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ଯାଜପୁରରୋଡ କଳିଙ୍ଗନଗର ଥାନା ଅଧୀନସ୍ଥ ରାବଣା ଅଞ୍ଚଳର ପତ୍ରଜୁ ପ୍ରଧାନଙ୍କ ପୁଅ ରଘୁବୀର ପ୍ରଧାନ(୧୮), ତପନ ପ୍ରଧାନଙ୍କ ପୁଅ ଦିପୁ ପ୍ରଧାନ(୧୮), ଗଣେଶ ପ୍ରଧାନଙ୍କ ପୁଅ ରାଜ କୁମାର ପ୍ରଧାନ(୧୮) ବୋଲି ଜଣାପଡ଼ିଛି।

## ସୁକିନ୍ଦା ଖଣି ଅଞ୍ଚଳରେ ଗଣ୍ଡଗୋଳ ଘଟଣାରେ ୪ ଗିରଫ

ସୁକିନ୍ଦା,୪।୧୨(ସମିସ): ସୁକିନ୍ଦା ଖଣି ଅଞ୍ଚଳରେ ରାଜନୈତିକ ବିବାଦକୁ କେନ୍ଦ୍ରକରି ବୁଧବାର ଦିନ ଦୁଇପକ୍ଷ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ବେଦାନ୍ତ ଖଣିରେ ସ୍ଥାନୀୟ ଅଞ୍ଚଳର ଯୁବକ/ଯୁବତୀଙ୍କୁ ନିଯୁକ୍ତି ଓ ସ୍ଥାନୀୟ ଲୋକଙ୍କ କିଛି ଦାବି ନେଇ ଖଣି ମୁଖ୍ୟଦ୍ୱାରରେ ଆନ୍ଦୋଳନ ଚାଲିଥିଲା। ସେହି ସମୟରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଏକ କାର୍‌ରେ ସେଠାରେ ପହଞ୍ଚି ଖଣି ଭିତରକୁ ଯିବାକୁ କହିଥିଲେ। ଧାରଣା ଦେଇଥିବା ଯୁବକମାନେ ଛାଡ଼ି ନ ଥିଲେ। ଫଳରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ସେମାନେ ଘଟଣାସ୍ଥଳରୁ ଫେରିଯାଇଥିଲେ। ଆନ୍ଦୋଳନକାରୀ ସନ୍ଧ୍ୟାରେ ଫେରିବା ସମୟରେ ମନୋଜ ମେଲସାଣ୍ଡି, ଦୀପକ ନାୟକ, କୁନା ମେଲସାଣ୍ଡି ଓ ଗୌରବ ସିଂ ନାମକ ଯୁବକ ଇଣ୍ଡା ଖଣି ସମ୍ମୁଖରେ ସେମାନଙ୍କ ଗାଡି ଅଟକାଇ ଆକ୍ରମଣ କରି ଲହୁଲୁହାଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଗଣ୍ଡଗୋଳରେ ସୁକିନ୍ଦା ଗ୍ରାମର ଚିରଞ୍ଜିବୀ ବେହୁରା ଓ ସନ୍ତୋଷ ମୁଦୁଲି ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିଲେ। ଗୋଟିଏ ଗୋଷ୍ଠୀ ବିଜେପି ସପକ୍ଷବାଦୀ ଓ ଅନ୍ୟ ଗୋଷ୍ଠୀ ବିଜେଡି ସପକ୍ଷବାଦୀ ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ କାଳିଆପାଣି ଥାନାରେ ଦୁଇଟି ପୃଥକ୍ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରି ପୁଲିସ ସ୍ଥାନୀୟ ବିର୍ସାନଗର ବସ୍ତିର ମନୋଜ ମେଲସାଣ୍ଡି, କୁନା ମେଲସାଣ୍ଡି, କାଳିଆପାଣିର ଗୌରବ ସିଂ ଓ ଦୀପକ ନାୟକଙ୍କୁ ବୁଧବାର ଗିରଫ କରି ଗୁରୁବାର ଦିନ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହୋଇଯିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

■ ରମାଦେବୀଙ୍କ ଜୟନ୍ତୀ ସମାରୋହ

## 'ମା ରମାଦେବୀ ହେଉଛନ୍ତି ସମଗ୍ର ବିଶ୍ୱର ଆଦର୍ଶ'

ବରୀ,୪।୧୨(ସମିସ):ବରୀ ବ୍ଲକ୍‌ସ୍ଥ ଗୋପବନ୍ଧୁ ରମାଦେବୀ ଟ୍ରଷ୍ଟ ଆନୁକୂଲ୍ୟରେ ମହିୟସୀ ମହିଳା ମା' ରମାଦେବୀଙ୍କ ୧୨୫ତମ ଜୟନ୍ତୀ ସମାରୋହ ସେବାଶ୍ରମ ଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ସୁବାସ ଚନ୍ଦ୍ର ବିଶ୍ୱାଳ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶୋଭନୀୟ ଶିକ୍ଷାଶ୍ରମର ନିର୍ଦ୍ଦେଶିକା ତଥା ସ୍ତମ୍ଭକାର ଡ. ଅରୁନ୍ଧତୀ ଦେବୀ ଉଦ୍‌ଘାଟନ କରିବା ସହିତ ମା' ରମାଦେବୀଙ୍କ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କିଭଳି ତାଙ୍କ ସହ କାର୍ଯ୍ୟ କରିଥିଲେ ତାହା ପ୍ରକାଶ କରିଥିଲେ। ସେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ମହିଳା ଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋଦାବରୀଶ ମିଶ୍ର, ବିନୋଦ କାନୁନ୍‌ଗୋ, ହରିହର ଆଚାର୍ଯ୍ୟ, ଅନ୍ନପୂର୍ଣ୍ଣା ମହାରଣା, ହରେକୃଷ୍ଣ ମହତାବ, ଜାତୀୟ କବି ବାଞ୍ଛାନିଧି ଦାସ ପ୍ରମୁଖ ଏହି ମାଟିରେ ପଦାର୍ପଣ କରି ସେମାନଙ୍କ ପ୍ରେରଣା ଲାଭ କରି ବରୀବାସୀ ଦେଶ ପ୍ରେମ ବହ୍ନିରେ ଝାସ ଦେଇଥିଲେ। ୧୯୩୪ରେ ଏହି ମାଟିରେ ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାର ଭାବ ଜନସାଧାରଣଙ୍କୁ ବିଶେଷ ଉତ୍ସାହିତ କରିଥିଲା। ଗାନ୍ଧିଜୀଙ୍କ ଭାରତ ଛାଡ଼ ଡକରାରେ ମା' ରମାଦେବୀ ସାମିଲ ହୋଇଥିଲେ। ସେ ସମଗ୍ର ବିଶ୍ୱର ଆଦର୍ଶ ବୋଲି ପ୍ରକାଶ କରିଥିଲେ।




ଅନ୍ୟତମ ଅତିଥି ଭାବେ କସ୍ତୁରିବା ଟ୍ରଷ୍ଟର ଶ୍ୟାମଳିନୀ ପତି, ଶିକ୍ଷାବିତ୍ ତଥା କୃଷକ ନେତା କୁଳମଣି ଶୁକ୍ଳ, ସମାଜସେବୀ ଅଦ୍ୱୈତ ସାମଲ, ସରପଞ୍ଚ ସୋନାଲୀ ସିଂ ପ୍ରମୁଖ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମରେ ମା' ରମାଦେବୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଦିଲ୍ଲୀପ ଦାସ ଅତିଥି ପରିଚୟ ପ୍ରଦାନ, ଉପସଭାପତି ପ୍ରଭାସ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଥମେ ମା' ରମାଦେବୀଙ୍କ ଜୀବନୀ ଉପରେ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ଅରୁନ୍ଧତୀ ଦେବୀ ଉନ୍ମୋଚନ କରିଥିଲେ। ଏ ଅବସରରେ ବରିଷ୍ଠ ସାମ୍ବାଦିକ ଆନନ୍ଦ ସାହୁଙ୍କ ସମେତ ମା' ରମାଦେବୀଙ୍କ ବିଚାର ଧାରାକୁ ଅନୁସରଣ କରି ନିଜ ନିଜ କର୍ମକ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୫ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାସ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

■ ପରିବେଶ ଆଇନ ଉଲ୍ଲଙ୍ଘନ

## ଭିସିଆଇ କାରଖାନାରେ ଜିଲ୍ଲାପାଳଙ୍କ ଚଢ଼ଉ



ଯଖପୁରା/ଦାନଗଦୀ, ୪।୧୨(ସମିସ): କଳିଙ୍ଗନଗରରେ ଥିବା ଭିସିଆଇ କାରଖାନା ସମସ୍ତ ସରକାରୀ ନିୟମକୁ ଦଳି ମକଚି ଦେଇଥିବା ଅଭିଯୋଗ ହୋଇଥିଲା। ଏପରିକି ଏହାର ବେଆଇନ ନିର୍ମାଣ କାର୍ଯ୍ୟର ତଦନ୍ତ କରି ସବିଶେଷ ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲା ଏନ୍‌ଜିଟି। ସେହି ନିର୍ଦ୍ଦେଶ ଭିତ୍ତିରେ ଆଜି ଯାଜପୁର ଜିଲ୍ଲାପାଳ, ଅତିରିକ୍ତ ଉପଜିଲ୍ଲାପାଳ କଳିଙ୍ଗନଗର, ତହସିଲଦାର ଦାନଗଦି, ଗ୍ରୀନ ଟ୍ରିବ୍ୟୁନାଲ ଅଧିକାରୀ, ଜଙ୍ଗଲ ବିଭାଗ ଓ ରାଜ୍ୟ ପ୍ରଦୂଷଣ ବୋର୍ଡ ମିଳିତ ଭାବେ ଭିସିଆଇ କେମିକାଲ କାରଖାନା ଉପରେ ଚଢ଼ଉ କରିଛନ୍ତି। ଚଢ଼ଉ କରି ଏନ୍‌ଜିଟି ତାଙ୍କ ନିର୍ଦ୍ଦେଶରେ ଦେଇଥିବା ବେଆଇନ କାର୍ଯ୍ୟର ତଦନ୍ତ କରିଛନ୍ତି। ଉକ୍ତ କାରଖାନାରେ ପ୍ରାୟ ତିନି ଘଣ୍ଟା କାଳ ଚଢ଼ଉ କରାଯାଇ ତଦନ୍ତ କରାଯାଇଥିଲା।

କୋଲଟାର କାରଖାନା ନିର୍ମାଣ କରିବାକୁ ଭିସିଆଇ ଜଙ୍ଗଲ ଓ ପରିବେଶ ଆଇନର ଧଜିଆ ଉଡ଼ାଇ ଥିବାରୁ କାରଖାନା ନିର୍ମାଣ ଉପରେ କ୍ଲୋଜର ନୋଟିସ ଲଗାଇବା, କାରଖାନା ଚଳାଇବାକୁ ସିଟିଓ ପ୍ରଦାନ ନ କରିବା ସହିତ ସମସ୍ତ ଲିଜ ଜମି ଫେରାଇ ଆଣିବାକୁ ଏନ୍‌ଜିଟି ପକ୍ଷରୁ କୁହାଯାଇଥିବାବେଳେ କର୍ତ୍ତୃପକ୍ଷଙ୍କ ବିରୋଧରେ କ୍ରିମିନାଲ କେସ ରୁଜୁ କରିବାକୁ ଏନ୍‌ଜିଟିରେ ସୁବ୍ରତ ସାହୁ ନାମକ ଜଣେ ବ୍ୟକ୍ତି ଦଖଲ କରିଥିବା ଆବେଦନର ନିବେଦନ କରାଯାଇଥିଲା। ଆବେଦନକୁ ଗୁରୁତର ସହିତ ନେଇ କୋର୍ଟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ସୁବ୍ରତ ସାହୁ କରିଥିବା ଅଭିଯୋଗ ଅନୁଯାୟୀ ଭିସିଆଇ କେମିକାଲ କାରଖାନା ଏକଲକ୍ଷ ଟିପିଏ ଉତ୍ପାଦନ କ୍ଷମତା ରହିଥିବା ଏକ ଟାରକୋଲ୍ ବସାଇବାକୁ ଦାନଗଦି ତହସିଲ ଅନ୍ତର୍ଗତ ଯଖପୁରା ଓ କଚେରୀ ଗାଁ ମୌଜାରେ ୨୨ ଏକର ଜମି ଲିଜ୍ ଆକାରରେ ନେଇଛି। ୨୨ ଏକର ଜମି ମଧ୍ୟରୁ ୧୧ ଏକର ଜମି ଜଙ୍ଗଲ କିସମର ହୋଇଥିଲେ ମଧ୍ୟ ଏ ବାବଦ ତଥ୍ୟକୁ ଲୁଚାଇ ରଖାଯାଇଥିଲା। କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ଏହି ୧୧ ଏକର ଜଙ୍ଗଲ କିସମ ଜମି ଉପରେ କମ୍ପାନୀ ବେଆଇନ ଭାବେ ନିର୍ମାଣ କାମ ଚଳାଇଛି। ଫଳରେ ଫରେଷ୍ଟ କନଜରଭେସନ ଆକ୍ଟ ୧୯୮୦ର ଖୋଲା ଉଲ୍ଲଙ୍ଘନ ହେଉଛି। କମ୍ପାନୀ ଏହି ଜମି ଉପରେ ଥିବା ପ୍ରାୟ ୪୦ ହଜାର ଗଛକୁ ବିନା ଅନୁମତିରେ କାଟି ଦେଇଥିବା ଅଭିଯୋଗ ହୋଇଥିଲା। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ପକ୍ଷରୁ କୋଲଟାର କାରଖାନାକୁ ରେଡ୍ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯିବା ଓ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଚଢ଼ଉ ପରେ ଏହି ପ୍ରକଳ୍ପର ଭବିଷ୍ୟତକୁ ନେଇ ନାନା କଳ୍ପନାଜଳ୍ପନା ଦେଖାଦେଇଛି।

■ ଅବହେଳିତ ଜେନାପୁର ରେଳ ଷ୍ଟେସନ

## ଯାତ୍ରୀଙ୍କ ପାଇଁ ନାହିଁ ସୁବିଧା, ଅଞ୍ଚଳବାସୀଙ୍କ ଅସନ୍ତୋଷ

କବାଟବନ୍ଧ,୪।୧୨(ସମିସ): ଯାଜପୁର ଜିଲ୍ଲାର ଜେନାପୁର ରେଳ ଷ୍ଟେସନ ଏବେ ଅବହେଳିତ ଅବସ୍ଥାରେ ରହିଛି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ମଧ୍ୟ ଏହି ଷ୍ଟେସନ ବିଷୟରେ ଓଡ଼ିଆ ସାହିତ୍ୟରେ ଉଲ୍ଲେଖ କରାଯାଇଛି। ତେବେ ବିଭିନ୍ନ କାରଣରୁ ଏହି ଷ୍ଟେସନଟି ଅବହେଳିତ ଅବସ୍ଥାରେ ରହିଛି। ଯାହାକୁ ନେଇ ରେଳ ଯାତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏହି ଷ୍ଟେସନର ଉତ୍ତର ଦିଗକୁ ଥିବା ପୋଖରୀରେ ଅଳିଆ ପଡ଼ି ଅପରିଷ୍କାର ହୋଇପଡିଛି। ଯାତ୍ରୀଙ୍କ ସୁବିଧା ପାଇଁ ଜେନାପୁର ଷ୍ଟେସନ ପକ୍ଷରୁ କୌଣସି ସାଇକଲ, ବାଇକ୍, କାର୍ ଷ୍ଟାଣ୍ଡ କରାଯାଇନାହିଁ। ପ୍ଲାଟଫର୍ମରେ ଯାତ୍ରୀଙ୍କ ପାଇଁ ଆବଶ୍ୟକୀୟ ସୁବିଧା ନାହିଁ। ଯାତ୍ରୀ ବିଶ୍ରାମ ପାଇଁ ଲାଗିଥିବା ଫ୍ୟାନ ମଧ୍ୟରୁ ଅନେକ ଖରାପ ହୋଇ ଝୁଲି ରହିଛି। ପ୍ରାୟ ୬ ବର୍ଷ ପୂର୍ବରୁ ଏମ୍‌ସିଏଲ ଅନୁଦାନରେ ନିର୍ମିତ ହୋଇଥିବା ଶୌଚାଳୟରେ ତାଲା ଝୁଲୁଛି। ଷ୍ଟେସନ ପରିସରରେ କୌଣସି ଚା, କଫି, ସ୍ନାକ୍ସ ଆଦିର କୌଣସି ଷ୍ଟଲ ନାହିଁ। ଏ ନେଇ ଅତୀତରେ ହୋଇଥିବା ବଡ଼ଧରଣର ଆନ୍ଦୋଳନ ପରେ ମଧ୍ୟ ରେଳ ବିଭାଗର ନିଦ ଭାଙ୍ଗୁନାହିଁ। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଜନଅସନ୍ତୋଷ ଦାନା ବାନ୍ଧୁଛି।

ଅତୀତ ଇତିହାସରେ ମଧ୍ୟ ଜେନାପୁର ରେଳ ଷ୍ଟେସନର ପ୍ରାଧାନ୍ୟ ଓ ଗୁରୁତ୍ୱ ରହିଥିବା ଜଣାଯାଏ। ଏପରିକି ଏହି ଷ୍ଟେସନ ଗଡ଼ଜାତ ଆନ୍ଦୋଳନର ଭିତ୍ତଭୂମି ଓ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କର୍ମ ଓ ସାଧନାର ପୀଠ ଥିଲା। ଏହି ଷ୍ଟେସନର ଆଖପାଖ ଅଞ୍ଚଳ ଜୈନ ଧର୍ମାବଲମ୍ବୀଙ୍କ ଆବାସ ସ୍ଥଳୀ ଥିବା ଇତିହାସରେ ବର୍ଣ୍ଣିତ ରହିଛି। ଏହି ଷ୍ଟେସନ ନିକଟରେ ରହିଥିବା ପୋଖରୀରୁ ସେତେବେଳର ବାଷ୍ପୀୟ ଇଞ୍ଜିନ ଏଠାରୁ ପାଣି ନେଉଥିଲେ। ଫଳରେ ରେଳଗାଡି ଏଠାରେ ଅଧିକ ସମୟ ରହୁଥିଲେ। ଏସବୁ ଦୃଷ୍ଟିକୋଣରୁ ଜେନାପୁର ରେଳ ଷ୍ଟେସନର ସର୍ବାଙ୍ଗୀନ ବିକାଶ ଘଟିବା କଥା। କିନ୍ତୁ ତାହା ଉନ୍ନତି ପରିବର୍ତ୍ତେ ଅବନତି ହେବାରେ ଲାଗିଛି। ପ୍ରାୟ ୧୦୦ ବର୍ଷ ତଳେ ନିର୍ମିତ ହୋଇଥିବା ବ୍ରିଟିଶ ଅମଳର ଜେନାପୁର ଷ୍ଟେସନର ବିକାଶ ପାଇଁ ସ୍ଥାନୀୟ ଲୋକେ ଆନ୍ଦୋଳନ କରିଛନ୍ତି। ଏ ନେଇ ଜେନାପୁର ରେଳ ବିକାଶ କମିଟି ଉଦ୍ୟମରେ ୨୦୧୪ ଜାନୁଆରୀ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ କ୍ରମାଗତ ୭ଦିନ ଧରି ଏହି ଷ୍ଟେସନ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ଏଠାରୁ ବହୁ ସଂଖ୍ୟାରେ ଯାତ୍ରୀ ଭୁବନେଶ୍ୱର ଓ ଭଦ୍ରକ ଅଭିମୁଖେ ନିୟମିତ ଯାତ୍ରା କରନ୍ତି। ତଥାପି କୌଣସି ଦ୍ରୁତଗାମୀ ଟ୍ରେନ୍ ରହଣିର ବ୍ୟବସ୍ଥା କରାଯାଉନାହିଁ। ଦିନକୁ ଦିନ ଆଶାତୀତ ଭାବେ ରେଳ ଟିକେଟ୍ ସଂଖ୍ୟା ବୃଦ୍ଧି ପାଉଥିବାକୁ ବିଚାର କରି ଅତୀତରେ ଏଠାରେ ଜନତା ଓ ତିରୁପତି ଏକ୍ସପ୍ରେସ୍ ଟ୍ରେନ୍ ରହଣିର ବ୍ୟବସ୍ଥା କରାଯାଇଥିଲା। ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରକୁ ଯିବା ପାଇଁ ପ୍ରାୟ ୧୭ରୁ ଅଧିକ ପଞ୍ଚାୟତର ଜନସାଧାରଣ ଏହି ଷ୍ଟେସନ ଉପରେ ହିଁ ନିର୍ଭର କରିଥା'ନ୍ତି। ହଠାତ୍ କେଉଁ ଉଦ୍ଦେଶ୍ୟ ରଖି ସେହି ଦ୍ରୁତଗାମୀ ରେଳଗୁଡିକୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ବନ୍ଦ କରିଦିଆଗଲା। ଯାହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ ତଦନ୍ତ ଦାବି କରିଛନ୍ତି। ଯାତ୍ରୀମାନଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଏଠାରେ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍, ଭୁବନେଶ୍ୱର-ବାରିପଦା ଏକ୍ସପ୍ରେସ୍ ଓ ଧଉଳି ଏକ୍ସପ୍ରେସର ରହଣିର ନିହାତି ଆବଶ୍ୟକ୍ତା ରହିଛି। ଯାଜପୁର ଖଡଗପୁର ଯାଉଥିବା ବାଘା ଟ୍ରେନ୍‌କୁ ଧାନମଣ୍ଡଳ ଷ୍ଟେସନ୍ ପର୍ଯ୍ୟନ୍ତ ସ୍ଥାନାନ୍ତରିତ କରି ଜେନାପୁର ଷ୍ଟେସନରେ ରହଣି ପାଇଁ ଦାବି ହେଉଥିବାବେଳେ ରେଳବାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ସକାଳ ସମୟରେ କୌଣସି ଟ୍ରେନ ଭଦ୍ରକ, ବାଲେଶ୍ୱର, ଖଡ଼ଗପୁର ନ ଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀ ପାଠପଢା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଶୀଘ୍ର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ରେଳରୋକ ପରି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜେନାପୁର ରେଳ ବିକାଶ କମିଟି ସଭାପତି ଦୀପକ ଦାସ, ସମ୍ପାଦକ ଦାଶରଥି ତରାଇଙ୍କ ସମେତ ଜେନାପୁର ଉତ୍କଳମଣି ସେବା ସଂଗଠନର ସଭାପତି ଲୋକନାଥ ପୁରୀ, ସମ୍ପାଦକ ମହେଶ୍ୱର ଖଟୁଆଙ୍କ ସମେତ ଜେନାପୁର ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଜେନାପୁର ରେଳ ଷ୍ଟେସନ୍ ପ୍ରତି ଅବହେଳାକୁ ଲକ୍ଷ୍ୟ ରଖି ଆସନ୍ତା ୭ରେ ଜେନାପୁର ରେଳ ବିକାଶ କମିଟି ଓ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମରେ ଏକ ବୈଠକ ହେବ ବୋଲି ସୂଚନା ଦିଆଯାଇଛି।



# ବାଲି ଟ୍ରାକ୍ଟର ଧକ୍କାରେ ଛାତ୍ରୀ ମୃତ, ଜଣେ ଆହତ

## କ୍ଷତିପୂରଣ, ବାଲି ଗାଡ଼ି ଚଳାଚଳ ବନ୍ଦ ଦାବିରେ ଛାତ୍ରଛାତ୍ରୀଙ୍କ ରାଜପଥ ଅବରୋଧ

ଭଣ୍ଡାରିପୋଖରୀ/ବାରିକପୁର,୪।୧୨(ସମିସ)



ବେଆଇନ ବାଲି ପରିବହନକାରୀ ଟ୍ରାକ୍ଟର ଧକ୍କାରେ ଜଣେ ଯୁକ୍ତ ୨ କଲେଜ ଛାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣାଯାଇଛି। ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ଦ୍ୱିତୀୟ ବର୍ଷର ଛାତ୍ରୀ ସ୍ଥାନୀୟ ବୟାବନାପୁର ପଂଚାୟତ ତାଳପଦା ଗାଁର ଶ୍ରଦ୍ଧାଞ୍ଜଳି ପଣ୍ଡା ଓ ସେହି ଗାଁର ସ୍ମୃତିରେଖା ପ୍ରଧାନ ଆଜି ପୂର୍ବାହ୍ନ ସାଢେ ୯ଟାବେଳେ ଘରୁ ବାହାରି ହାଇଲେଭଲ କେନାଲ(ନୂଆନଈ) ବନ୍ଧରେ ବିଦ୍ୟାଳୟକୁ ସାଇକେଲ ଯୋଗେ ଆସୁଥିବା ବେଳେ ବୟାବନାପୁର ଘାଟ ନିକଟରେ ପଛରୁ ଆସୁଥିବା ଏକ ନମ୍ବର ବିହୀନ ବେଆଇନ ବାଲି ବୋଝେଇ ସୋନାଲିକା ଟ୍ରାକ୍ଟର ପଛରୁ ଧକ୍କା ଦେଇଥିଲା। ଫଳରେ ଉଭୟ ଛାତ୍ରୀ ଛିଟିକି ପଡିଥିଲେ। ସ୍ମୃତିରେଖା ରାସ୍ତା ତଳକୁ ପଡିଥିଲେ ଓ ଶ୍ରଦ୍ଧାଞ୍ଜଳି ରାସ୍ତା ଉପରେ ପଡିଯାଇଥିଲେ। ଶ୍ରଦ୍ଧାଞ୍ଜଳିଙ୍କ ମୁଣ୍ଡ ଉପରେ ଟ୍ରାକ୍ଟର ଚଢିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଟ୍ରାକ୍ଟର ଓ ଚାଳକଙ୍କୁ ଅଟକ ରଖିବା ସହ ଉଭୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଶ୍ରଦ୍ଧାଞ୍ଜଳ(୧୭)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାର ପ୍ରତିବାଦରେ ମେଡିକାଲରେ ଉତେଜନା ପ୍ରକାଶ ପାଇବା ସହ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ କଲେଜ ଛକ ଠାରେ





ରାଜପଥ ଅବରୋଧ କରିବା ସହ ଉପଯୁକ୍ତ କ୍ଷତିପୂରଣ ସହ ବେଆଇନ ବାଲି ଚୋରା ଚାଲାଣ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବର ପାଇ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଉପଖଣ୍ଡ ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତି, ଥାନାଧିକାରୀ ରାଜଲକ୍ଷ୍ମୀ ନାୟକ, ପହଂଚି ଧାରଣାକାରୀଙ୍କୁ ବୁଝାସୁଝା କରିଥିଲେ। ସୂଚନାଯୋଗ୍ୟ, ରଣଜିତ ପଞ୍ଚାୟତ ନିଳାଦ୍ରୀ ଗ୍ରାମର ବେଆଇନ ନମ୍ବରବିହୀନ ସୋନାଲିକା ଟ୍ରାକ୍ଟର ଓ ସେହି ଗ୍ରାମର ଜନୈକ ଟ୍ରାକ୍ଟର ଚାଳକକୁ ଥାନା ଅଟକ ରଖାଯାଇଛି। ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହେବା ସହ ବ୍ୟବଚ୍ଛେଦ ପାଇଁ ଶବ ଭଦ୍ରକ ପଠାଯାଇଥିବା ଜଣାଯାଇଛି।

## ସ୍ୱେଚ୍ଛାକୃତ ଶିବିର: ୪୫ୟୁନିଟ୍ ରକ୍ତ ସଂଗୃହୀତ



ଭଣ୍ଡାରିପୋଖରୀ,୪।୧୨(ସମିସ): ଭଣ୍ଡାରି ପୋଖରୀ ବ୍ଲକ୍ ନଗୁଆଁ ପଂଚାୟତ ଅଧିନ ଡଗରପଡାରେ ସ୍ୱର୍ଗତ ଶଶିକାନ୍ତ ନାୟକଙ୍କ ୩ୟ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ରକ୍ତଦାନ ଶିବିର ସ୍ମୃତି ସଂସଦ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଶିବିର ଉଦଘାଟନ କରିଥିଲେ। ଏଥିରେ ସ୍ଥାନୀୟ ବ୍ଲକ୍ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଭଦ୍ରକ ବ୍ଲକ୍ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ ଓ ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଡଗରପଡା ଅଂଚଳର ପ୍ରମୁଖ ଯୁବ ଗୋଷ୍ଠୀ, ସ୍ମୃତି ସଂସଦ ସଦସ୍ୟଙ୍କ ସହଯୋଗରେ ଓ ଭଦ୍ରକ ରକ୍ତ ଭଣ୍ଡାର କର୍ମୀ ରତିକାନ୍ତ ବଳ ଓ ଟିମ ଙ୍କ ସହାୟତାରେ ମୋଟ ୪୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶଶିକାନ୍ତ ସ୍ମୃତି ପରିଷଦ ଆବାହକ ଚିନ୍ମୟ ନାୟକ, ସଦସ୍ୟ ମାନସୀ ନାୟକ, ନିରୁପମା ନାୟକ, ଶୁଶାନ୍ତ ନାୟକ, ବିଶ୍ୱବିଜୟୀ ନାୟକ, ପ୍ରତାପ ଦ୍ୱିବେଦୀ, ରଞ୍ଜନ ସେଠୀ, ଗୋପୀନାଥ ବାରିକ୍, ଶୁଭଲକ୍ଷ୍ମୀ ସାହୁ, କମଳିନୀ ସାହୁ, ମାଧବ ଚନ୍ଦ୍ର ପାଲ୍ ପ୍ରମୁଖ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ ।

## ସମାଜସେବୀ ଇଜାତୁନ୍ ନିଶାଙ୍କ ପରଲୋକ

ଭଦ୍ରକ,୪।୧୨(ସମିସ): ଭଦ୍ରକର ବିଶିଷ୍ଟ ଶିକ୍ଷାବିତ୍, ସମାଜସେବିକା ତଥା ଭଦ୍ରକର ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ମିର୍ଜାଙ୍କ ଧର୍ମପତ୍ନୀ ଇଜାତୁନ୍ ନିସାଙ୍କ ପୁରୁଣାବଜାରସ୍ଥିତ ବାସଭବନ ୭୫ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ଦେହାନ୍ତରେ ବିଭିନ୍ନ ମହଲରେ ଶୋକ ପ୍ରାକଶ ପାଇଛି। ଯେତେବେଳେ ନାରୀଶିକ୍ଷାର ପ୍ରସାର ପ୍ରଚାର ଘଟିନଥିଲା ୧୯୬୦ ମସିହାରେ ସ୍ୱର୍ଗତ ଇଜାତୁନ୍ ନିସା କଟକର ଶୈଳବାଳା ମହିଳା ମହାବିଦ୍ୟାଳୟ, ରେଭେନ୍ସା ମହାବିଦ୍ୟାଳୟ ଓ ରାଧାନାଥ ତାଲିମ କେନ୍ଦ୍ରରୁ ଉଚ୍ଚ ଶିକ୍ଷା ଗ୍ରହଣ କଲାପରେ ସେ କଟକର ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବେ ଯୋଗଦାନ କରିଥିଲେ। ପରେ ଭଦ୍ରକ ପୌରପାଳିକସ୍ଥିତ ହାଜି ମେହମୁଦ ବାଳିକା ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରଥିଲେ। ସେ ବିଶେଷତଃ ସଂଖ୍ୟାଲଘୁ ସଂପ୍ରଦାୟର ବାଳିକାମାନଙ୍କୁ ଉଚ୍ଚ ଶିକ୍ଷାଗ୍ରହଣ କରିବାପାଇଁ ବିଭିନ୍ନ ପ୍ରକାର ଉଦ୍ୟମ କରିବା ସହିତ ବାଳିକାମାନଙ୍କୁ ଅଗ୍ରଣୀ ମୁହାଁ କରିପାରିଥିଲେ। ତତ୍ ସହିତ ସେ ଭଦ୍ରକ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିଯୋଜିତ କରିପାରିଥିଲେ। ତାଙ୍କର ମୃତ୍ୟୁ ଖବର ମିଳିବା ପରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍‌ମକ୍କି ଦଲାୱାଜି ହବିବି, ଯୁବନେତା ଜାହିଦ୍ ହବିବ୍, ସମାଜସେବୀ ହାଜି ଏସ୍.ଏମ୍.ଫାରୁକ, ହରିପ୍ରସାଦ ନନ୍ଦୀ, ସୁଧାକର ରାଉତ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟାନିକଟରେତାଙ୍କ୩ଜଣସନ୍ତାନଉପସ୍ଥିତଥିଲେ।ସେବରପଦା ଇଂଜିନିୟରିଂ କଲେଜର ପ୍ରଫେସର ସାଜିଦ୍ ମିର୍ଜାଙ୍କ ମାତୃଦେବୀ ଥିଲେ।

## ସର୍ବୋଦୟ ନେତ୍ରୀ ମା'ରମା ଦେବୀଙ୍କ ଜୟନ୍ତୀ



ଭଦ୍ରକ,୪।୧୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସର୍ବୋଦୟ ନେତ୍ରୀ ମା'ରମା ଦେବୀଙ୍କ ୧୨୬ ତମ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ତରଫରୁ ଜିଲ୍ଲା ସଭାପତି ସମାଜ ସେବୀ ଅମର କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ମୋଟେଲ ଛକସ୍ଥିତ ଦିଶା ଆବାସିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଉପସଭାପତି ଆଦିତ୍ୟ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନ୍ୟତମ ଉପସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ତଥା ଭଦ୍ରକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ରାମଚନ୍ଦ୍ର ପଣ୍ଡା, ଡ.ସୁରଞ୍ଜନ ପଣ୍ଡା, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର, ଶିକ୍ଷାବିତ ଡ.ପ୍ରଫୁଲ୍ଲ ସାହୁ, ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସହ ସମ୍ପାଦକ ବାବୁଲାଲ ଦାସ, ସହ ସମ୍ପାଦିକା ସଂଯୁକ୍ତା ଯାଦବ ଓ ନବମ ଶ୍ରେଣୀ ଛାତ୍ର ଅନିମେଶ ନାୟକ ମା' ରମାଦେବୀ ଙ୍କ ଅସହଯୋଗ ଆନ୍ଦୋଳନ ଭାରତଛାଡ଼ ଆନ୍ଦୋଳନରେ କାରାବରଣ ବିଷୟରେ ଉଲ୍ଲେଖ କରିଥିଲେ। ମା' ରମାଦେବୀ ଙ୍କ ତ୍ୟାଗ ଓ ବଳିଦାନ ଓ ମହନୀୟ କାର୍ଯ୍ୟ ପାଇଁ ତାଙ୍କର ୧୨୫ ତମ ଜନ୍ମ ବାର୍ଷିକୀ ସମଗ୍ର ରଜ୍ୟ ରେ ସରକାର ଙ୍କ ତରଫରୁ ପାଳନ କରିବାକୁ ସଭାପତି ଶ୍ରି ପାଣିଗ୍ରାହି ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ମା ରମା ଦେବୀ , ଗୋପବନ୍ଧୁ ଚୌଧୁରୀ ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ସର୍ବୋଦୟ ମଣ୍ଡଳ ମାଧମରେ ଓଡ଼ିଶା ରେ ୨ଲକ୍ଷ ଏକର ରୁ ଅଧିକ ଜମି ଭୂମିହୀନ ପରିବାର ଙ୍କୁ ଦାନ କରାଇଥିଲେ ବୋଲି ସମ୍ପାଦକ ଗାୟଧର ପଣ୍ଡା ପ୍ରକାଶ କରିଥଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ଦୋବଲ,୪।୧୨(ସମିସ): ଧାମନଗର ବ୍ଲକ ଫଳପୁର ଗାଁର ସମାଜସେବୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ୮୫ ବୟସ ରେ ପରଲୋକ ଘଟିଛି। ସେ କିଛିଦିନ ହେବ ସ୍ୱାସ୍ଥ୍ୟ ଗତ କାରଣ ରୁ ଅସୁସ୍ଥ ଥିଲେ । ତାଙ୍କ ମୃତଦେହକୁ ଜାହାଙ୍ଗୀର, ରାମେଶ୍ୱରପୁର, ଫଳପୁର, ନଦୀଗାଁ, ଭଟସାହି, ଆମ୍ବିଳୀଗାଁ, ବାଘୁଆରି ଆଦି ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ତାଙ୍କ ଶବ କୁ ନିଜ ଗ୍ରାମରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ଖବର ପାଇ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ସରପଂଚ ସୀତାକାନ୍ତ ମିଶ୍ର, ପୂର୍ବତନ ସରପଂଚ ଦୟାନିଧି ମିଶ୍ର, ନଦିଗାଁ ସରପଂଚ ଝରଣା ମାଝି,ସମାଜସେବୀ ରାମ ଚନ୍ଦ୍ର ସାହୁ, ଜିତନ ପଣ୍ଡା, ଉମାକାନ୍ତ ସାହୁ, ରଶ୍ମୀ ରଞ୍ଜନ ବିଶ୍ୱାଳ,ରବୀନ୍ଦ୍ର ସାହୁ,ବାବୁଲା ରାଉତ ସମେତ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତ ମହାପାତ୍ର ଙ୍କ ଶେଷ ଦର୍ଶନ କରିଥିଲେ। ସୂଚନା ଥାଉକି ସ୍ୱର୍ଗତ ମହାପାତ୍ର ଜାହାଙ୍ଗୀର, ରାମେଶ୍ୱରପୁର, ଡାହି, ଫଳପୁର ଆଦି ବିଦ୍ୟାଳୟ ରେ ଶିକ୍ଷକତାକରି ଆଦର୍ଷ ଛାତ୍ରଛାତ୍ରୀ ତିଆରି କରି ପାରିଥିଲେ। ଅବସର ପରେ ସାମାଜିକ କାର୍ଯ୍ୟରେ ରହି ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇ ପାରିଥିଲେ।

## ନଡ଼ାଗଦାରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ବାସୁଦେବପୁର,୪।୧୨(ସମିସ): ମୁଣ୍ଡ ଝାଳ ତୁଣ୍ଡରେ ମାରି ଖରା ବର୍ଷା ଶୀତକୁ ଖାତିର ନକରି ଫଳାଇ ଥିଲେ ସୁନା ଫସଲ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଳମ୍ବିତ ରାତ୍ରିରେ ଜାଳିଦେଲେ ଧାନ ନଡ଼ାଗଦା । ହୁ ହୁ ହୋଇ ଜଳି ପାଉଁଶ ହୋଇ ଗଲା ଅମଳ ହେବାକୁ ଥିବା ଫସଲ। ଏମିତି ଘଟଣା ଘଟିଛି ବାସୁଦେବପୁର ପୌରପାଳିକାର ବାଲିନଗର ଗାଁର । ବାଲିନଗର ଗ୍ରାମର ବିଜୟ କୁମାର ମହାକୁଡ କଳାନାଳୀ ଠାରେ ଧାନ ଖଳା କରିଥିଲେ। ଧାନ ଓ ନଡ଼ା ରଖିଥିବା ବେଳେ ଗତକାଲି ବିଳମ୍ବିତ ରାତ୍ରିର ଧାନ ଗଦାରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଆଁ ଲଗାଇ ଦେଇଥିବାର ଅଭିଯୋଗ ହୋଇଛି। ଘରୋଇ ଜମି ବାଡ଼ିକୁ ନେଇ କିଛି ଦିନ ତଳେ ଏକ ଗଣ୍ଡଗୋଳ ହୋଇଥିଲା। ପୂର୍ବ ରାଗ ସୁଝାଇବାକୁ ଯାଇ ଦୁର୍ବୃତ୍ତ ଧାନ ଗଦା ଓ ନଡ଼ା ଗଦାରେ ନିଆଁ ଲଗାଇ ଦେଇଛନ୍ତି।



## ସମସ୍ୟା ଘେରରେ ଆରସା ସେବା ସମବାୟ ସମିତି

ଦୋଲସାହି,୪।୧୨(ସମିସ):ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ସେବା ସମତିରେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଆରସା ସେବା ସମତିରୁ ଗତବର୍ଷ ଋଣ ନେଇଥିବା ସମସ୍ତ ଚାଷୀ ଋଣ ପରିଶୋଧ କରିଥିବା ଜଣାଯାଇଥିଲା ବେଳେ ଗତବର୍ଷ ୫୬୦ ଜଣ ଅନଲାଇନ୍ ଧାନଚାଷୀଙ୍କ ଠାରୁ ୧୮ ହଜାର ଟନ୍ ୧୭୬ କୁଇଣ୍ଟାଲ ଧାନ ସଂଗ୍ରହ କରିଛନ୍ତି। ତେବେ ଚାଷୀଙ୍କ ଧାନ ରଖିବାକୁ ଗୋଦାମ ଗୃହ ନଥିବା ନେଇ ଚାଷୀ ହନ୍ତସନ୍ତ ହେଉଥିବା ନେଇ ସୂଚନା ଦେଇଛନ୍ତି ଏହି ସମିତିର ସମ୍ପାଦକ ମଧୁସୂଦନ ବେହେରା। ସେହିପରି ଏହି ସମିତି କାର୍ଯ୍ୟାଳୟ ଛାତର ବିଭିନ୍ନ ଫାଟ ସୃଷ୍ଟି ହୋଇଥିବାରୁ ତୁରନ୍ତ କାର୍ଯ୍ୟାଳୟର ମରାମତି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭଣ୍ଡାରୀପୋଖରୀ ଗସ୍ତରେ ଜିଲ୍ଲାପାଳ



ଭଦ୍ରକ,୪।୧୨(ସମିସ): ଆଜି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତ୍ ରାଏ ୨୦୨୪-୨୫ ଆର୍ଠିଥକ ବର୍ଷର କାର୍ଯ୍ୟର ତଦନ୍ତ କରିବା ପାଇଁ ଭଣ୍ଡାରୀପୋଖରୀ ତହସିଲ କାର୍ଯ୍ୟାଳୟକୁ ଗସ୍ତ କରିଥିଲେ। ଏହି ଅବସରରେ ସେ ତହସିଲ କାର୍ଯ୍ୟାଳୟ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ସମସ୍ତ ଦସ୍ତାବେଜ ନିରୀକ୍ଷଣ କରିବା ସହ ୨୦୨୪-୨୫ ଆର୍ଠିଥକ ବର୍ଷ ସମ୍ପର୍କିତ ଖଜାନାର ସମ୍ପୂର୍ଣ୍ଣ ବିବରଣୀ ଗ୍ରହଣ କରିଥିଲେ। ଏଥି ସହିତ ଆଜି ଭଣ୍ଡାରୀପୋଖରୀ ଜାତୀୟ ରାଜପଥରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଭଣ୍ଡାରୀପୋଖରୀ ମହାବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ପିତା ତାଳପଦା ଗାଁର ଗୟାଧର ପଣ୍ଡାଙ୍କୁ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ୩୦ହଜାର ଟଙ୍କାର ନଗଦ ସହାୟତା ରାଶି ପ୍ରଦାନ କରିଥିଲେ।

## କୁନି ବୈଜ୍ଞାନିକ ଶୁଭମ୍ ନାଥଙ୍କୁ ସମ୍ବର୍ଦ୍ଧନା




ଅସୁରାଳି,୪।୧୨(ସମିସ):ଧାମନଗର ବ୍ଲକର କୋରୁଆ ନୋଡାଲ ଉପର ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର ଶୁଭମ୍ ନାଥ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ କୃଷି ପ୍ରଣାଳୀ ପ୍ରକଳ୍ପ ଉପସ୍ଥାପନ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହାର ଫଳରେ ସେ ଜିଲ୍ଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ଚୟନିତ ହୋଇଛନ୍ତି। ଏହି ସଫଳତାର ପରିପ୍ରେକ୍ଷୀରେ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ଉଦୟ କର ଦାସ ସହକର୍ମୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାଗବାନ ଚନ୍ଦ୍ର ବାରିକ, ଚମ୍ପାଲତା ବେହେରା, ପୂର୍ଣ୍ଣିମା ମଞ୍ଜରି ଦାସ, ରାହାସ ମଲ୍ଲିକ, ଅଶୋକ ସେଠୀ, ସୀତାରାମ୍ ଦାସ ପରିଚାଳନା କମିଟିର ସଭାପତି ଗଦାଧର ବିଶ୍ୱାଳ ପ୍ରମୁଖଙ୍କ ଉପସ୍ଥିତିରେ ଶୁଭମ୍ ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଶୁଭମ୍ ନାଥଙ୍କ ଏହି ସଫଳତା କେବଳ ବିଦ୍ୟାଳୟର ଗୌରବ ନୁହେଁ, ସମଗ୍ର ଧାମନଗର ବ୍ଲକର ଗର୍ବ। ତାଙ୍କର କୃଷି ପ୍ରଣାଳୀ ପ୍ରକଳ୍ପ ଆଗାମୀ ପିଢ଼ି ପାଇଁ ପ୍ରେରଣାର ସ୍ରୋତ ହେବ।

## ଭଣ୍ଡାରିପୋଖରୀ ବଜାରର ୪ ଦୋକାନରୁ ଚୋରି

ଭଣ୍ଡାରିପୋଖରୀ,୪।୧୨(ସମିସ): ଭଣ୍ଡାରିପୋଖରୀ ବଜାର ବସଷ୍ଟାଣ୍ଡରେ ଥିବା ୪ଟି ଉଠା ଦୋକାନରୁ ଗତ ବୁଧବାର ରାତ୍ରରେ ଚୋରି ହୋଇଥିବା ଜଣାଯାଇଛି। ସିସିଟିଭି କ୍ୟାମେରା ଥିବା ମୋବାଇଲ ଦୋକାନ ସମ୍ମୁଖରେ ଥିବା ଦକ୍ଷିଣବାଡ ଗ୍ରାମର ସନାତନ ବେହେରା ଗତ ରାତ୍ର ୧୦ଟାରେ ଉଠା ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳ ୬.୩୦ମି ସମୟରେ ଆସି ଦୋକାନର ତାଲା ଭଙ୍ଗା ଯାଇ ଗୋଟିଏ ଇଣ୍ଡେନ ଗ୍ୟାସ ସିଲିଣ୍ଡର ସହ ୫ ହଜାର ଟଙ୍କା ମୂଲ୍ୟର ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ। ସେହିପରି ଦକ୍ଷିଣବାଡ ଗ୍ରାମର ତ୍ରିଲୋଚନ ସାହୁଙ୍କ ତେଲଭାଜି ଦୋକାନର ୩ଟି ତାଲା ଭାଙ୍ଗି ଗୋଟିଏ ଇଣ୍ଡେନ ଗ୍ୟାସ ସିଲିଣ୍ଡର ସହ ୪ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ଗତ ରାତ୍ରରେ ହୋଇଛି। ହାଇସ୍କୁଲ ଛକରେ ଥିବା ଅନ୍ୟଏକ ଫାଷ୍ଟଫୁଡ ଦୋକାନରୁ ଅନୁରୂପ ଭାବେ ଚୋରି ହୋଇଛି। ଏ ସମ୍ପର୍କରେ ୩ ଜଣଙ୍କ ପକ୍ଷରୁ ଭିନ୍ନ ଅଭିଯୋଗ ଆଜି ଥାନାରେ ହୋଇଛି। ପୁଲିସ ତଦନ୍ତ ଜାରି ରଖିଛି। କିଛି ମାସ ପୂର୍ବରୁ ପିଣ୍ଟୁ ମୋବାଇଲ ଦୋକାନରୁ ବଡ଼ଧରଣର ଡକାୟତି ହୋଇଥିଲା। ଚୋରମାନେ ଧରାପଡିନଥିଲେ। ବଜାର ମଧ୍ୟରେ ୨ ଜଣ ପୁଲିସ କର୍ମଚାରୀ ରାତ୍ର ଜଗୁଆଳ ଭାବେ ମୁତୟନ ହୋଇଥିବା ବେଳେ ଚୋରି ହେବା ଘଟଣା ସହଜରେ ଗ୍ରହଣ କରିପାରୁ ନାହାନ୍ତି ସ୍ଥାନୀୟ ଲୋକେ।

## ହାଇୱା ଦୁର୍ଘଟଣା: ଅଳ୍ପକେ ବର୍ତ୍ତିଲେ ଚାଳକ ଓ ହେଲ୍‌ପର୍

ଅସୁରାଳି,୪।୧୨(ସମିସ):ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥର ଧୂଷୁରୀ ବାହାରବିଲ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ପଥର ବୋଝେଇ ହାଇୱା ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଟ୍ରକଟି ଅଚାନକ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଧସି ପଡ଼ିଥିବାରୁ ଚାଳକ ଓ ହେଲପର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଦୁହେଁଙ୍କୁ ତୁରନ୍ତ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ, ଦୁହେଁଙ୍କର ଅବସ୍ଥା ସ୍ଥିର ରହିଛି ଏବଂ ଅଳ୍ପକେ ବର୍ତି ଯାଇଛନ୍ତି।ଘଟଣାସ୍ଥଳରେ ପୋଲିସ ପହଂଚି ଟ୍ରକକୁ ଉଦ୍ଧାର କରିବା ସହିତ ଯାତାୟାତ ସାଧାରଣ କରିଥିଲେ। ଦୁର୍ଘଟଣାର କାରଣ ନିୟନ୍ତ୍ରଣ ହରାଇବା ବୋଲି ପ୍ରାଥମିକ ଅନୁମାନ, ଯଦିଓ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପୁନର୍ବାର ସ୍ମରଣ କରାଇଛି ଯେ ରାଜ୍ୟ ରାଜପଥରେ ଭାରୀ ଯାନବାହନ ଚାଳନା ସମୟରେ ସତର୍କତା ଓ ସୁରକ୍ଷା ନିୟମ ପାଳନ କିପରି ଆବଶ୍ୟକ।



## ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ୨ୟ ସନ୍ଧ୍ୟା

# 'ଭଦ୍ରକର ଲୋକ ସାହିତ୍ୟ ଓଡ଼ିଶାରେ ଇତିହାସ ସୃଷ୍ଟି କରିଛି'

ଭଦ୍ରକ, ୪।୧୨(ସମିସ)

ଯୁଗେ ଯୁଗେ ଭଦ୍ରକର ଲୋକ ଜୀବନ ଲୋକ ସାହିତ୍ୟ ଓଡ଼ିଶା ତଥା ଭାରତବର୍ଷକୁ ନୂତନ ଦିଗ୍‌ଦର୍ଶନ ଦେଇ ଆସିଛି। ଭଦ୍ରକର ଇତିହାସ, କିମ୍ବଦନ୍ତୀ ସ୍ୱତନ୍ତ୍ର। ଭାରତ ସ୍ୱାଧୀନ ପାଇବା କ୍ଷେତ୍ରରେ ରକ୍ତତୀର୍ଥ ଇରମ, ସହିଦ ସ୍ମୃତି କ୍ଷେତ୍ର ଲୁଣିଆ ଇତିହାସର ସ୍ମାରକୀ ବହନ କରେ। ବୌଦ୍ଧ, ଜୈନ କ୍ଷେତ୍ର ଭଦ୍ରକର ଇତିହାସ ସ୍ୱତନ୍ତ୍ର। ଏଠାରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ବିଶ୍ୱ ଠାକୁର ବାବା ଆଖଣ୍ଡଳ ମଣି, ବିଶ୍ୱ ଦେବୀ ମାଆ ଭଦ୍ରକାଳୀ ଏଠାରେ ପ୍ରତ୍ୟେକ୍ଷ ବିରାଜିତ ବୋଲି ଭଦ୍ରକ ଜିଲ୍ଲା ମହୋତ୍ସବର ଦ୍ୱିତୀୟସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ କହିଛନ୍ତି। ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ନାମରେ ନାମିତ ଆଜିର ମଞ୍ଚରେ "ଭଦ୍ରକର ଲୋକ ଜୀବନ ଲୋକ ସାହିତ୍ୟ' ଶୀର୍ଷକ ଏହି ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ




ଅନ୍ୟତମ ଅତିଥି ଭାବେ ଯାତ୍ରା ଖଳ ନାୟକ ଦାମୋଦର ପଣ୍ଡା ଶବ୍ଦଭେଦୀ ନିଛକ ଅଭିନୟ ପ୍ରଦର୍ଶନ କରିଥିବା ବେଳେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସାହିତ୍ୟିକା ପ୍ରିତିଛନ୍ଦା ଧଳ, ସମାଜସେବୀ ମହିଖିତା ମିଶ୍ର, ସାରସ୍ୱତ ସାଧକ ଡ. ଅବନୀ ପ୍ରଧାନ ଭଦ୍ରକର ଐତିହ୍ୟ ଇତିହାସ ଓ କିମ୍ବଦନ୍ତୀ ଉପରେ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ କାର୍ଯକାରୀ ସଭାପତି ଦୁର୍ଗାଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଥିତିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଅତିଥି ମାନଙ୍କ ଦ୍ୱାରା କୁନି କୁନି ପିଲା ମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଭାତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ଉପ ସଭାପତି ପ୍ରମୋଦ ରାୟ,ଆବାହକ ଶଶି ଭୂଷଣ ସ୍ୱାମୀ, ସାଂସ୍କୃତିକ ସମ୍ପାଦକ ରଶ୍ମିତା ଦାଶ, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଂଯୋଜକ ରାଜଲକ୍ଷ୍ମୀ ମହାପାତ୍ର, ଉପ ସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ମଲ୍ଲିକ,ପ୍ରଶାନ୍ତ କୁମାର ତ୍ରିପାଠୀ, ମନସ୍ମିତା ଦାସ, ଦୀପାଲୀ ନାୟକ, ସୁମିତ୍ରା ପାଣି, ସୁନିଲ ଦତ୍ତ ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ପ୍ରତ୍ୟହ ସନ୍ଧ୍ୟାରେ ସାଧାରଣ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ନାଟକ ଭିତିକ ସାଂସ୍କୃତିକ ବିଚିତ୍ରା,ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ଓ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକ କଳା, ଲୋକ ନୃତ୍ୟ, ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ, ମଞ୍ଚ କଳାକାର, ହାସ୍ୟ ଅଭିନେତା, ଅଭିନେତ୍ରୀ, ଯାତ୍ରା କଳାକାର, ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ସମାରୋହରେ ଗତ ୨ତାରିଖରୁ ଆରମ୍ଭ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ପ୍ରତିଶ୍ରୁତିରେ ଅଟକିଛି ପୋଲ ନିର୍ମାଣ କାର୍ଯ୍ୟ



କୁଆମରା,୪।୧୨(ସମିସ): ଗ୍ରାମର ବିକାଶ ଘଟିଲେ ଦେଶର ବିକାଶ ଘଟିବ ବୋଲି ସରକାର ଭାଷଣବାଜି ଦେଉଥିବାବେଳେ ତାହା ଅନେକ ସ୍ଥାନରେ କାଗଜକଲମ ଓ ପ୍ରତିଶ୍ରୁତିରେ ଅଟକି ରହିଛି। ଏପରି ଚିତ୍ର ଦେଖିବାକୁ ମିଳିଛି ଖୁଣ୍ଟା ବ୍ଲକସ୍ଥିତ ବଡ଼ପଥରା ଅଞ୍ଚଳରେ। ବଡ଼ପଥରା ପଞ୍ଚାୟତରୁ ଭୋଲାଗଡ଼ିଆ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ଦୁର୍ଗାସାହି ନିକଟରେ ଏକ ନାଳ ଉପରେ ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦୁଇ ପଞ୍ଚାୟତର ଲୋକେ ଦାବି କରି ଆସୁଛନ୍ତି। ତେବେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଠାରେ ପୋଲ ନିର୍ମାଣ ପାଇଁ ବିଜେପି ପକ୍ଷରୁ ପାଞ୍ଚ ବର୍ଷ ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ଦୁଇ ଦୁଇ ଥର ବିଜେପି ଉକ୍ତ ଆସନରୁ ବିଜୟଲାଭ କରିଥିଲେ ମଧ୍ୟ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ଅଟକି ରହିଛି। ଖାଲି ଏତିକି ନୁହେଁ ପ୍ରତିଶ୍ରୁତି ମଧ୍ୟରେ ଟୁକି ପର୍ଯ୍ୟଟନସ୍ଥଳୀ ରାସ୍ତାର ଉନ୍ନତୀକରଣ, ରଙ୍ଗମାଟିଆସ୍ଥିତ କିଚେନ୍ ସାହିର ଉଦ୍ଧଳ ଆଲୋକ ବ୍ୟବସ୍ଥା, କମ୍ୟୁନିଟି ହଲ୍ ନିର୍ମାଣ ପ୍ରଭୃତି ୬ ବର୍ଷ ପରେ ବି ବିଧାୟକ ଏହାକୁ କାର୍ଯ୍ୟକାରୀ ନ କରିବା ଅତ୍ୟନ୍ତ ପରିତାପର ବିଷୟ। ତେବେ ଦୁର୍ଗାସାହି ନିକଟରେ ପ୍ରବାହିତ ନାଳରେ ବର୍ଷା ଋତୁ ୪ ମାସ ଦୁଇ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼େ। ଉକ୍ତ ନାଳରେ ସର୍ବଦା ବର୍ଷା ଦିନେ ୫/୬ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଯୋଗୁଁ ଯାତାୟାତ ସମ୍ଭବ ହୋଇପାରେ ନାହିଁ। କୌଣସି କାମରେ ଯିବାକୁ ହେଲେ ଲୋକମାନଙ୍କୁ ୫/୬ କିଲୋମିଟର ବୁଲି ଯିବାକୁ ପଡ଼ିଥାଏ। ତେବେ ବଡ଼ପଥରା, ରଙ୍ଗମାଟିଆ, ଡବକ, ନୂଆଗାଁ, ଶ୍ରୀରାମପୁର ପ୍ରଭୃତି ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ସେହିଭଳି ଆଜି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଆଲୋକ ବ୍ୟବସ୍ଥା ନ ଥିବାରୁ ସଞ୍ଜ ନଇଁଲେ ଗ୍ରାମ ଲୋକେ ପଦାକୁ ବାହାରନ୍ତି ନାହିଁ। ଶିମିଳିପାଳ ପାଦଦେଶରେ ଏହି ଗ୍ରାମଗୁଡ଼ିକ ଅବସ୍ଥିତ ଥିବାରୁ ବିଶେଷ କରି ରାଗସପ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଭୟ ଥାଏ। ତେବେ ନିର୍ବାଚନ ପହଞ୍ଚିଲେ ମାଳମାଳ ନେତା ପହଞ୍ଚୁଥିବାବେଳେ ନିର୍ବାଚନ ସରିଲେ ୫ ବର୍ଷ ବାହାରି ଦେଖା ନ ଥାଏ। ତେବେ ରାଜନୈତିକ ଆନ୍ତରିକତା ଅଭାବ ଓ ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଯୋଗୁଁ ଅଞ୍ଚଳର ବିକାଶରେ ପ୍ରତିବନ୍ଧକ ସାଜିଛି ବୋଲି କହିଛନ୍ତି ରାମଚନ୍ଦ୍ର ଟୁଡୁ, ଜହର ହାଁସଦା, କୁଅଁର ହେମ୍ବ୍ରମ, ରଘୁନାଥ ହେମ୍ବ୍ରମ, ମହାତ୍ମା ଟୁଡୁ ପ୍ରମୁଖ।

## ବାଇକ୍‌ରୁ ଖସି ମହିଳା ମୃତ

ବହଳଦା,୪।୧୨(ସମିସ): ତିରିଂ ଥାନା ଅଞ୍ଚଳର ସିଗଦି ନିକଟସ୍ଥ ଗାଲୁଡିହି ଗ୍ରାମର ଜନୈକା ମହିଳା ତିରିଂ ଥାନା ତଥା ବହଳଦା ବ୍ଲକ୍ ଅନ୍ତର୍ଗତ ଅସନା ଗ୍ରାମପଞ୍ଚାୟତ ଫଟାଟାଙ୍ଗର ଗ୍ରାମକୁ ଏକ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଯାଇ ଫେରୁଥିବାବେଳେ ବାଇକ୍‌ରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ତାଙ୍କୁ ଏକ ଅଟୋ ଯୋଗେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମହିଳା ଜଣକ ଗାଲୁଡିହି ଗ୍ରାମର ଟିଙ୍ଗରି ବଦ୍ରା (୫୫) ବୋଲି ଜଣାପଡ଼ିଛି।

## ଶଶୁର ଘର ସମ୍ମୁଖରେ ଜ୍ୱାଇଁର ଆତ୍ମହତ୍ୟା

କୁଆମରା,୪।୧୨(ସମିସ): ଜଣେ ଯୁବକ ଶଶୁର ଘରକୁ ଆସି ଖୁଣ୍ଟା ଥାନାଠାରୁ ମାତ୍ର ଅଳ୍ପ ଦୂରରେ ଥିବା ଏକ ଗଛର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଅନ୍ତର୍ଗତ ସାହାଡ଼ାହାର ଗ୍ରାମର କୈଳାସ ରାଉତଙ୍କ ପୁଅ ଈଶ୍ୱର(୩୫)। ଈଶ୍ୱର କିଛିଦିନ ତଳେ ତାଙ୍କ ସ୍ତ୍ରୀଙ୍କ ସହ ଶଶୁର ଘର ଖୁଣ୍ଟାକୁ ବୁଲିବାକୁ ଆସିଥିଲେ। କୌଣସି କାରଣକୁ ନେଇ ବୁଧବାର ରାତିରେ ଶଶୁର ଘରୁ ହଠାତ୍ ପଳାଇ ଆସି ଖୁଣ୍ଟା ବ୍ଲକ୍ ସମ୍ମୁଖରେ ଥିବା ଏକ ଗଛରେ ପ୍ଲାଷ୍ଟିକ୍ ରଶି ବେକରେ ବାନ୍ଧି ଈଶ୍ୱର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଶଶୁର ଘର ଲୋକେ ତାଙ୍କୁ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର ସଠିକ୍ କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଚାଲିଥିବା ପୁଲିସ କହିଛି। ଏ ନେଇ ୮୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ନାବାଳିକା ଛାତ୍ରୀକୁ ଦୁଷ୍କର୍ମ; ଅଭିଯୁକ୍ତ ଫେରାର୍, କିରାଣି ଗିରଫ

ରାସଗୋବିନ୍ଦପୁର,୪।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନସ୍ଥ ଦେବଶୂଳ ପଞ୍ଚାୟତ ଅନ୍ତର୍ଗତ ଏକ ବିଦ୍ୟାଳୟରେ ପଢୁଥିବା ଜନୈକା ନାବାଳିକା ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ନିଜର ଅଜା ଘରେ ରହି ପାଠ ପଢୁଥିବା ମୋରଡ଼ା ବ୍ଲକ୍ ଅଞ୍ଚଳର ନାବାଳିକାକୁ ବିଶ୍ୱଜିତ୍ ମହାନାୟକ ନାମକ ଯୁବକ ସ୍କୁଲ କିରାଣି ଡାକୁଛନ୍ତି ଅନ୍‌ଲାଇନ୍ ଛାତ୍ରବୃତ୍ତି ଫର୍ମ ପୂରଣ କରିବା ପାଇଁ। ତେଣୁ ତୁ ମୋ ସହିତ ଚାଲ୍ ଫର୍ମ ପୂରଣ କରି ଆସିବୁ। ଝିଅର ଆଈଙ୍କ କହିବା କଥାକି ଉକ୍ତ ଯୁବକ ଗାଁର ଛୁଆ ହିସାବରେ ଆମ ଘରକୁ ଯିବାଆସିବା କରେ। ସେହି ବିଶ୍ୱାସରେ ସନ୍ଧ୍ୟା ୭ଟାରେ ଫର୍ମ ପୂରଣ ପାଇଁ ଛାଡ଼ିଥିବା କହିଛନ୍ତି। କିନ୍ତୁ ନାତୁଣୀ ଦେଢ଼ ଘଣ୍ଟା ଧରି ନ ଫେରିବାରୁ ଅଜା ସ୍କୁଲ କିରାଣି ଓ ହଷ୍ଟେଲ ଦାୟିତ୍ୱରେ ଥିବା ଆଶିଷ ଦାଶଙ୍କୁ ନାତୁଣୀ ବିଷୟରେ ପଚାରିଥିଲେ। ଫର୍ମପୂରଣ କରିସାରି, ନେଇ ଆସିଥିବା ପିଲା ସହିତ ଘରକୁ ଚାଲି ଯାଇଥିବା କଥା କିରାଣି କହିଥିଲେ। ଘଟଣାଟି ୨୯ ତାରିଖ ସନ୍ଧ୍ୟାରେ ଘଟିଥିବାବେଳେ ପୀଡ଼ିତା ଛାତ୍ରୀର ଅଜା ଓ ଆଈ ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ୱାର୍ଡ ସଭ୍ୟ ଓ ସରପଞ୍ଚ ଗ୍ରାମସଭା ମାଧ୍ୟମରେ ବୁଝାମଣା କରି ସମାଧାନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପୀଡ଼ିତା ତା'ର ଅଭିଭାବକ ସହିତ ଆସି ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ କେସ୍ ନଂ ୪୯୦/୨୫ ମୂଳେ ଏକ ମାମଲା ରୁଜୁ କରି କିରାଣିକୁ ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦେଇଛନ୍ତି। ମୁଖ୍ୟ ଆସାମୀ କୁହାଯାଉଥିବା ବିଶ୍ୱଜିତ୍ ମହାନାୟକ ଫେରାର୍ ହୋଇଯାଇଛି।

## ସ୍କୁଲ ପରିସରରୁ ଉଠିପାରୁନି ହାଣ୍ଡିଆ ଦୋକାନ

ମହୁଲଡିହା,୪।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ଠାକୁରମୁଣ୍ଡା ମଧ୍ୟ ଇଂରାଜୀ ବିଦ୍ୟାଳୟ ତଥା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ଦୈନିକ ହାଣ୍ଡିଆ ହାଟ ବସୁଛି। ଦୈନିକ ସ୍କୁଲକୁ ଛାତ୍ରଛାତ୍ରୀ ଯାଉଥିବାବେଳେ ମଦପିଇ ଅସାମାଜିକ ଲୋକେ ହାଣ୍ଡିଆ ନିଶାରେ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଜିତ କୁମାର ଲୁଗୁନ ହାଣ୍ଡିଆ ହାଟ ଉଠାଇବା ପାଇଁ ଅଗଷ୍ଟ ୧ ତାରିଖରେ ତାଗିଦ୍ କରିଥିଲେ। ସେତେବେଳେ ହାଣ୍ଡିଆ ଦୋକାନୀ ୧ ସପ୍ତାହ ସମୟ ମାଗିଥିଲେ। ମାତ୍ର ଇତି ମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉଠିପାରିଲା ନାହିଁ ହାଣ୍ଡିଆ ହାଟ।



ଠାକୁରମୁଣ୍ଡା ଏମ୍‌ଇ ସ୍କୁଲ ଜାଗାରେ ହାଣ୍ଡିଆ ହାଟ ଦୈନିକ ଚାଲିଥିବା ସମସ୍ତଙ୍କୁ ଜଣା। ହାଣ୍ଡିଆ ହାଟକୁ ସୁରକ୍ଷା ଦେବାକୁ ଆଇଟିଡିଏ ନିର୍ମିତ ହଷ୍ଟେଲ ସ୍କୁଲ ପରିସରରେ ନିର୍ମାଣ କରାଯାଇ ଅନାବଶ୍ୟକ ପାଚେରି ନିର୍ମାଣ କରାଗଲା। ଭିତରେ ପାଚେରି କରାଗଲା, ଅଥଚ ସ୍କୁଲ ନିଜସ୍ୱ ଜମି ଥିବା ସତ୍ତ୍ୱେ ହାଣ୍ଡିଆ ହାଟ ପାଇଁ ଛାଡ଼ି ଦିଆଯାଇଛି। ଏହି ଜାଗାରେ ହଷ୍ଟେଲ ନିର୍ମାଣ କରାଯାଇପାରିଥା'ନ୍ତା। ଏମିତି ବି କସ୍ତୁରବା ଏବଂ ଅନ୍ୟ ଏକ ୧୦୦ ବେଡ୍ ହଷ୍ଟେଲ ସ୍କୁଲରେ ରହିଛି। ଗୋଟାଏ ସ୍କୁଲ ପାଚେରି ଭିତରେ ଥିବାବେଳେ ଅନ୍ୟଟି ପାଚେରି ବାହାରେ ରହିଛି। ମୁଷ୍ଟିମେୟ ଲୋକ କାହା ସାହସରେ ହଷ୍ଟେଲ କଡ଼ରେ ହାଣ୍ଡିଆ ହାଟ ଖୋଲିଛନ୍ତି। ସ୍କୁଲ ପରିସରରେ ହାଣ୍ଡିଆ ଭାଟି ଉଠାଇବା ଦିଗରେ ଥାନା ଓ ଅବକାରୀ ବିଭାଗ ପ୍ରୟାସ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

● ମୟୂରଭଞ୍ଜ ମହୋତ୍ସବର ୪ର୍ଥ ସନ୍ଧ୍ୟା

## ସାନ୍ତାଳୀ ନୃତ୍ୟ, ଗୀତରେ ଦୁଲକିଲା ମଞ୍ଚ



ବାରିପଦା,୪।୧୨(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ୪ର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ସମ୍ମାନିତ ଅତିଥି ଭାବେ ବିଜେପି ନେତା ଜୀବନ ସାହୁ ଓ ଫାଗୁ ହାଁସଦା ପ୍ରମୁଖ ଯୋଗଦେଇ ଆୟୋଜକଙ୍କ ଭୂୟସୀ ପ୍ରଶଂସା ମଧ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଅତିସ୍ ବରଣ ପତି, ସଭାପତି ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ କହିବା ସହିତ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ। ପ୍ରାରମ୍ଭରେ ସାଇ ନୃତ୍ୟ ଅନୁଷ୍ଠାନ, ବାଲଡିହା ଖଣ୍ଡିଆ ସ୍କୁଲ ବିଦ୍ୟାର୍ଥୀ, ଶିବନ ଟିମ୍ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଆକର୍ଷଣ ଗାୟକ ଭଞ୍ଜ କଏଲ ମଙ୍ଗଲ ହାଁସଦା, ପାରାୟଣି, ଗୋପିନାଥ ସିଂ ଓ ଟିମ୍‌ଙ୍କ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଉପସ୍ଥାପିକା ସ୍ନେହାଶ୍ରୀ, ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚମ ସନ୍ଧ୍ୟାରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ କ୍ରିଷ୍ଣା ବାଉରା ଓ ସାଥୀଙ୍କ କାର୍ଯ୍ୟକ୍ରମ ରହିଛି।

## ସ୍ପୋର୍ଟସ୍ କମ୍ପ୍ଲେକ୍ସ ଅନୁଧ୍ୟାନ କଲେ ପ୍ରତିନିଧି ଦଳ

ରାଇରଙ୍ଗପୁର,୪।୧୨(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ାବିତ୍‌ମାନଙ୍କ ପ୍ରତିଭା ବିକାଶ ପାଇଁ ରାଇରଙ୍ଗପୁରରେ ଜାତୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ପ୍ରଶାସନିକ ପ୍ରତିନିଧି ଦଳ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। କାର୍ଯ୍ୟକ୍ଷମ କରିବା ନେଇ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ। ଉକ୍ତ ଦଳରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜମି ଅଧିଗ୍ରହଣ ଅଧିକାରୀ, ରାଇରଙ୍ଗପୁର ତହସିଲ୍‌ଦାର ସମେତ ଅନ୍ୟମାନେ ପରିଦର୍ଶନ କରି ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ



ପହଞ୍ଚିଥିବାବେଳେ ଖୁବ୍‌ଶୀଘ୍ର ଲୋକାର୍ପଣ ହେବାକୁ ଯାଉଛି। ସ୍ପୋର୍ଟସ୍ କମ୍ପ୍ଲେକ୍ସ ଦ୍ୱାରା ଗ୍ରାମୀଣ ଯୁବଶକ୍ତିଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ କରିବ। କିନ୍ତୁ ସ୍ପୋର୍ଟସ୍ କମ୍ପ୍ଲେକ୍ସକୁ ବର୍ତ୍ତମାନ ପର୍ଯ୍ୟନ୍ତ ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇପାରିନାହିଁ। ବଇଦାପୋଷିସ୍ଥିତ ସ୍ପୋର୍ଟସ୍ କମ୍ପ୍ଲେକ୍ସକୁ ସଂଯୋଗ ରାସ୍ତା ପାଇଁ ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ୨କୋଟି ୭୦ଲକ୍ଷ ଟଙ୍କା ମଗାଯାଇଛି। କିନ୍ତୁ ତାହା ଅନୁମୋଦନ ମିଳିନାହିଁ। ତାହାକୁ ଅନୁମୋଦନ କରି ରାସ୍ତା ନିର୍ମାଣ ପ୍ରକ୍ରିୟା ନେଇ ଅନୁଧ୍ୟାନ କରିଛନ୍ତି। ଏହାସହିତ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ଓ ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରତିନିଧି ଦଳ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଧାନ ବିଲ ନଷ୍ଟ କଲା ଦନ୍ତା

ମୋରଡ଼ା,୪।୧୨(ସମିସ): ବେତନଟୀ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଉକ୍ତ ରେଞ୍ଜ ତଥା ବଡ଼ାମପୁର ବିଟ୍ ଅଧୀନ ସାନମାଣିଦା ପଞ୍ଚାୟତର ପିଙ୍ଗୁଡ଼ି ବଇଁଚା ଗ୍ରାମରେ ଥିବା ବିଭିନ୍ନ ଧାନ ବିଲରେ ଏକ ଦନ୍ତା ହାତୀ ପଶି ଧାନ ଖାଇ ନଷ୍ଟ କରୁଥିବାର ଚାଷୀମାନେ ଚିନ୍ତାରେ ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ବର୍ତ୍ତମାନ ଧାନକଟା ଚାଲିଥିବାରୁ ହାତୀକୁ ଦେଖି ଚାଷୀମାନେ ଭୟଭୀତ ହୋଇ ଧାନ ବିଲ ଛାଡ଼ି ଦୌଡ଼ି ପଳାଉଥିବାର ଦେଖିବାକୁ ମିଳିଛି। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀ ଉପରେ ନଜର ରଖିଛି।

## ରାଜନଗର ଓ ଭୀମକୁଣ୍ଡରେ ବ୍ୟାରେଜ୍ ବିଚାରାଧୀନ

ତୁରୁମୁଙ୍ଗା, ୪।୧୨(ସମିସ): ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ପାଟଣା ବ୍ଲକର ନୂଆପଡାଠାରେ ବୈତରଣୀ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦୀର୍ଘଦିନର ଦାବି ପ୍ରସଙ୍ଗରେ ବିଧାନସଭାରେ ୧୫୮୯ ଅଣତାରକା ପ୍ରଶ୍ନ ଉଠାଇଥିଲେ। ଏହାଛଡା ୨୦୨୦ରୁ ଆଜି ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କେଉଁ କେଉଁ ପ୍ରକଳ୍ପ ପାଇଁକେତେ ଅର୍ଥ ବ୍ୟୟ କରାଯାଇଛି ସେନେଇ ଉତ୍ତର ଚାହିଁ ଥିଲେ। ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ବ୍ୟାରେଜ ପାଇଁ କୌଣସି ଉତ୍ତର ରଖି ନଥିବା ବେଳେ ପାଟଣା ବ୍ଲକର ରାଜନଗର ଓ ଭୀମକୁଣ୍ଡଠାରେ ବ୍ୟାରେଜ ନିର୍ମାଣ ପାଇଁ ପ୍ରସ୍ତାବ ଥିବା ସୂଚନା ଦେବା ସହ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଘଟଗାଁ ବ୍ଲକର ୧୧୦୩ ହେକ୍ଟର, ସାହାରପଡା ବ୍ଲକର ପ୍ରାୟ ୧୨୪୧.୫୦ହେକ୍ଟର, ପାଟଣା ବ୍ଲକର ୧୧୬୮୧.୫୦ ହେକ୍ଟର ଏବଂ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ପ୍ରାୟ ୬୬୩୫ ହେକ୍ଟର ଜମିକୁ ଜଳଯୋଗାଣ କରାଯିବ। ଏନେଇ ଲକ୍ଷ୍ୟ ରଖାଯାଇ ଚୂଡାନ୍ତ ପ୍ରକଳ୍ପ ରିପୋର୍ଟ କାର୍ଯ୍ୟ ଚାଲୁଥିବା ସୂଚନା ଦେଇଛନ୍ତି। ଏହାଛଡା ବିଭିନ୍ନ ପ୍ରକଳ୍ପର ବ୍ୟୟବରାଦର ତଥ୍ୟ ମଧ୍ୟ ବିଧାୟକଙ୍କୁ ଦିଆଯାଇଛି।

## ଇଣ୍ଡସିଣ୍ଡ ବ୍ୟାଙ୍କ୍‌ରୁ ଲକ୍ଷାଧିକ ଟଙ୍କା ଗାଏବ୍ ଅଭିଯୋଗ




ବଡ଼ବିଲ, ୪।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଥିବା ଇଣ୍ଡସିଣ୍ଡ ବ୍ୟାଙ୍କ୍‌ରୁ ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ଫିକ୍ସ ଡିପୋଜିଟରୁ ଟଙ୍କା ଗାଏବ। ଏନେଇ ବ୍ୟାଙ୍କ୍ ଅଧିକାରୀ କୌଣସି ଉତ୍ତର ଦେବାକୁ ଅସମର୍ଥ। ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବାକୁ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବଡ଼ବିଲ ଅଞ୍ଚଳର ଚନ୍ଦରେଶ ସାହୁଲିଆଙ୍କୁ ତାଙ୍କର ଠିକଣା ଅପଡେଟ କରିବାକୁ ଫୋନପେ ମାଧ୍ୟମରେ ୧୦ ଟଙ୍କା ପଠେଇବାକୁ କେହିଜଣେ କହିଥିଲେ। ତେବେ ସେ ୧୦ ଟଙ୍କା ପଠେଇବା ପରେ ତାଙ୍କ ଏକାଉଣ୍ଟରୁ ଆଠ ପର୍ଯ୍ୟାୟରେ ନ ଲକ୍ଷ ଟଙ୍କା ସାଇବର ଲୁଟେରା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୁଣି ହରଦେବ ସିଂ ନାମକ ଜଣେ ବ୍ୟକ୍ତିଙ୍କୁ ଏକ ମେସେଜ ଆସିଥିଲା। ସେ ମେସେଜଟି ପଢିଲା ପରେ ଫୋନକୁ ରଖିଦେଇଥିଲେ। ତାପରେ ହାକରମାନେ ପର୍ଯ୍ୟାୟକ୍ରମେ ତାଙ୍କ ଫିକ୍ସ ଡିପୋଜିଟ ଥିବା ପ୍ରାୟ ୧୧ ଲକ୍ଷ ଟଙ୍କା କାଢି ନେଇଥିଲେ। ସେମାନେ ଥାନା ଓ ବ୍ୟାଙ୍କରେ ବାରମ୍ବାର ଅଭିଯୋଗ କଲା ପରେ ବି କୌଣସି ପ୍ରକାର ସାହାଯ୍ୟ ମିଳୁ ନଥିବା ଅଭିଯୋଗ କରିଛନ୍ତି।

## ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀଙ୍କ ନୌସେନା ଦିବସ

ବେତନଟୀ,୪।୧୨(ସମିସ): ବେତନଟୀ ବ୍ଲକ୍‌ରେ ବସବାସ କରୁଥିବା ଅବସରପ୍ରାପ୍ତ ପ୍ରତିରକ୍ଷା ବିଭାଗ କର୍ମଚାରୀଙ୍କ ଦ୍ୱାରା ନୌସେନା ଦିବସ ଗୁରୁବାର ପାଳିତ ହୋଇଯାଇଛି। ୧୯୭୧ ମସିହାରୁ ଆଜିର



ଦିନରେ ଏହି ନୌସେନା ଦିବସ ପାଳିତ ହୋଇଆସୁଥିବାବେଳେ ବେତନଟୀ ବ୍ଲକ୍‌ରେ ଗଠିତ ପୂର୍ବତନ ସୈନିକ ସଙ୍ଘ ଆନୁକୂଲ୍ୟରେ ଏହି ଦିବସ ଆନନ୍ଦ ଉଲ୍ଲାସର ସହିତ ଏକାଠି ୮୯ ପରିସରରେ ସଂଘର ସଭାପତି ଦୈତାରୀ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ରାଜାରାମ ସିଂ ସଂଘୀୟ ପତାକା ଉତ୍ତୋଳନ କରିବା ପରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିବା ସହ ନାରା ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଜନାର୍ଦ୍ଦନ ମହାନ୍ତ ନୌସେନା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟ ଅମୂଲ୍ୟ କୁମାର ମିଶ୍ରଙ୍କ ସମେତ ସମସ୍ତ ପୂର୍ବତନ ଦେଶ ରକ୍ଷାକାରୀ, ବୀର ନାରୀ, ବୀର ମାତା ପ୍ରମୁଖ ଯୋଗଦେଇଥିବା ବେଳେ ସଙ୍ଘର ସାଧାରଣ ସମ୍ପାଦକ ନରହରି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମରାମତି ହେଲା ଛେନାପଦି-ପଞ୍ଚୁଗୋଛିଆ ପୁରୁଣା ରାସ୍ତା

ହାଟଡ଼ିହୀ,୪।୧୨(ସମିସ):ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଛେନାପଦି ଛକଠାରୁ ପଞ୍ଚୁଗୋଛିଆ ଯାଏଁ ଲମ୍ବିଥିବା ରାସ୍ତାଟି ଅନେକ ଦିନ ଧରି ଖରାପ ହୋଇପଡ଼ିଥିଲା। ରାସ୍ତାର ଭଗ୍ନ ଅବସ୍ଥା ଏବଂ ବଡ଼ ବଡ଼ ଖାଲଖମା ଯୋଗୁଁ ଲୋକମାନେ ଯା'ଆସ କରିବାରେ ହଇରାଣ ହେଉଥିଲେ। ବିଶେଷ କରି ବର୍ଷାଦିନରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ। ଏପରିକି ପଞ୍ଚୁଗୋଛିଆଠାରୁ ଭୁବନେଶ୍ୱର ଯାଉଥିବା ଦୁଇ ଦୁଇଟି ଘରୋଇ ବସ୍ ଚଳାଚଳ ସହ ଗ୍ରାମାଞ୍ଚଳକୁ ଆସୁଥିବା ମୁଖ୍ୟମନ୍ତ୍ରୀ ବସ ଆସିବାରେ ନାନାଦି ପ୍ରକାରର ଅସୁବିଧା ହେଉଥିଲା। ଏହି



ରାସ୍ତା ଉପରେ ସୁଲଣ ଓ ପଞ୍ଚୁଗୋଛିଆ ପଞ୍ଚାୟତର ୧୫ରୁ ଉର୍ଦ୍ଧ୍ୱ ଗ୍ରାମରୁ ହଜାର ହଜାର ଲୋକେ ପ୍ରତିଦିନ ଯାତାୟତ କରିଥା'ନ୍ତି। ଏଭଳି ସମସ୍ୟା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ରାସ୍ତାର ନବୀକରଣ ଲୋକଙ୍କ ମନରେ ଅସରନ୍ତି ଖୁସି ଭରିଦେଇଛି। ଅନେକ ଦିନ ପରେ ଉତ୍ତମ ଚଳାଚଳ ପାଇଁ ବାଟ ଫିଟି ପାରିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାକାର୍ଯ୍ୟ ହେଉଥିଲା ବେଳେ ସରକାରୀ ଅଟକଳ ପରିମାଣ ପାଖାପାଖି ୬୪ଲକ୍ଷ ଟଙ୍କା ରହିଛି। ଟେଣ୍ଡର ଅନୁସାରେ ମୋଟ୍ ୧୨ କିମି ରାସ୍ତାରୁ ୩ କିମି ୮ଶହ ମିଟର ରାସ୍ତା ପିଚୁ ଏବଂ ଅବାଶିଷ୍ଟାଂଶ କଂକ୍ରିଟ ରାସ୍ତା ହେବ ବୋଲି ନିର୍ଦ୍ଦେଶ ରହିଛି। ଦୁଇଦିନ ତଳେ ରାସ୍ତାକାର୍ଯ୍ୟ ନିମ୍ନମାନର ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସମ୍ପୃକ୍ତ ଠିକାଦାରଙ୍କୁ ପଚାରିବାରୁ ଏସବୁ ବିରୋଧୀଙ୍କ କାର୍ଯ୍ୟ ବୋଲି କହିଛନ୍ତି। ରାସ୍ତାରେ ପିଚୁ ପଡ଼ିବାଠାରୁ ସେଟ୍ ହେବା ଯାଏଁ ଅନ୍ତତଃପକ୍ଷେ ଏକ ସପ୍ତାହ ସମୟ ଆବଶ୍ୟକ ପଡିଥାଏ; ଯେ କୌଣସି କାମରେ ପିଚୁ ପଡିବା ଦିନ ହିଁ ଉଠେଇଲେ ପିଚୁ ଉଠିଯିବା ସ୍ୱାଭାବିକ। ଏଣୁ କାମର ମାନ ଉପରେ ଧ୍ୟାନ ଦିଆଯାଇ କାମ ହେଉଛି। କାମ ଆଦୌ ଖରାପ ନୁହଁ ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ ରଜତ ସେଠୀ କହିଛନ୍ତି।

## ସ୍କୁଲ ବସ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର

କେନ୍ଦୁଝର, ୪।୧୨(ସମିସ): ଟାଉନ ଥାନା ଅନ୍ତର୍ଗତ କରଞ୍ଜିଆ ବସଷ୍ଟାଣ୍ଡ ନିକଟରେ ରବିନ୍ଦ୍ର ବିଦ୍ୟା ନିକେତନ ବିଦ୍ୟାଳୟର ଏକ ସ୍କୁଲ ବସ ଧକ୍କାରେ ବାଇକରେ ଯାଉଥିବା ଦମ୍ପତି ଆହତ ହୋଇଛନ୍ତି। ଏହାକୁ ନେଇ କିଛି ସମୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ଟାଉନ ବସଟିକୁ ଜବତକରି ଡ୍ରାଇଭର ଅର୍ଜୁନ ମହାନ୍ତକୁ ଅଟକ ରଖିଛି। ଆହତଦ୍ୱୟ ହେଉଛନ୍ତି ପାଟଣା ବ୍ଲକ ଅନ୍ତର୍ଗତ ଜଡିଚାତର ଗ୍ରାମର ପରମାନନ୍ଦ ଦାସ(୫୫) ଓ ମମତା ଦାସ(୪୭)। ସେମାନେ ଏକ ବାଇକରେ ଫେରିବା ସମୟରେ ଅପରାହ୍ନ ପ୍ରାୟ ୩ଟା ବେଳେ କରଞ୍ଜିଆ ବସଷ୍ଟାଣ୍ଡ ନିକଟରେ ଥିବା ଭି-୨ ସପିଂ ମଲକୁ ଯାଉଥିଲେ। ସେହି ସମୟରେ କେନ୍ଦୁଝର ସହରରୁ ରବିନ୍ଦ୍ର ବିଦ୍ୟା ନିକେତନ ସ୍କୁଲ ଅଭିମୁଖେ ଯାଉଥିବା ଓଡି୦୯-ଏନ-୫୪୬୫ ନମ୍ବର ବସଟି ଧକ୍କା ଦେଇଥିଲା। ଭୟରେ ଡ୍ରାଇଭର ଭି-୨ ମଲ ଭିତରକୁ ପଶି ଯାଇଥିଲା। ଆହତଙ୍କୁ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆହତ ପରମାନନ୍ଦ ଦାସ ଜଡିଚାତର ଗ୍ରାମ ସବ୍ ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ଭାବେ କାମ କରୁଛନ୍ତି। ଟାଉନ ପୋଲିସ ସ୍କୁଲ ବସଟିକୁ ଜବତ୍ କରି ତଦନ୍ତ କରୁଛି।

## ଦୁଇ ବାଇକ୍ ଧକ୍କାରେ ୫ ଗୁରୁତର

ତୁରୁମୁଙ୍ଗା, ୪।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳ ବାରତୁଣିଆ ସ୍କୁଲ ଛକ ନିକଟରେ ଗୁରୁବାର ସକାଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧାଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବ୍ୟକ୍ତିମାନେ ହେଲେ ବରାଟିପିରା ଗ୍ରାମର ଦାସ ମୁଣ୍ଡା ଏବଂ ବିଜାନାଳୀ ଗ୍ରାମର ରାଜା ମୁଣ୍ଡାଙ୍କ ସହ ବାରତୁଣିଆ ଗ୍ରାମର ବିଜୟ ଭୂଷଣ ମହାନ୍ତ, ତାଙ୍କ ଜେଜେମା ଲକ୍ଷ୍ମୀ ମହାନ୍ତ। ବରାଟିପିରା ଗ୍ରାମର ୩ ଜଣ ସାଙ୍ଗ ଗୋଟେ ବାଇକ୍ ଯୋଗେ ବାରଟୁଣିଆ ଗାଁରୁ ଫେରୁଥିବା ସମୟରେ ବାରଟୁଣିଆ ଗ୍ରାମର ଲକ୍ଷ୍ମୀ ମହାନ୍ତ ଓ ଭୂଷଣ ମହାନ୍ତ ସାଙ୍ଗ ହୋଇ ନିଜ ଗ୍ରାମରକୁ ଯାଉଥିଲେ। ଏହି ସମୟରେ ଉଭୟ ବାଇକ୍ ଦୁର୍ଘଟଣା ଘଟିଥିଲା। ୫ ଜଣ ବାଇକ୍‌ରୁ ଛିଟିକି ପଡି ରାସ୍ତା ଉପରେ ପଡି ରହିଥିଲେ। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ୪ ଜଣ ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ପୁଣିଥରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ପାଟଣା ରେଞ୍ଜରେ ମହାବଳ ବାଘର ଫଟୋ ଭାଇରାଲ୍

ତୁରୁମୁଙ୍ଗା, ୪।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ସନ୍ନିକଟ ବଣମହୁଲଡିହା ଗାଁ ନିକଟରେ ୨ଟି ମହାବଳ ବାଘ ବୁଲୁଥିବା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କିଛିଦିନ ହେବ ଏହି ବାଘ ରହିଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାକୁ





ନେଇ ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଦାର ଗୁଜବ ବୋଲି କହିଛନ୍ତି।

## ବୃଦ୍ଧି ପାଇବେ ଉଜ୍ଜ୍ୱଳା ହିତାଧିକାରୀ: ଆଇଓସିଏଲ

କେନ୍ଦୁଝର, ୪।୧୨(ସମିସ): ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ) ଅଧୀନରେ ୨୫ ଲକ୍ଷ ଅତିରିକ୍ତ ନିଶୁଳ୍କ ଏଲପିଜି ଅନୁମୋଦିତ ହୋଇଥିବା କେନ୍ଦୁଝର ଶ୍ରୀକ୍ଷେତ୍ର ଇଣ୍ଟରନ୍ୟାସନାଲ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଓସିଏଲର ଓଡ଼ିଶା ଦାଇତ୍ୱରେ ଥିବା ଅଧିକାରୀମାନେ ସୂଚନା ପ୍ରଦାନ କରିଛନ୍ତି। ଏପର୍ଯ୍ୟନ୍ତ ଯୋଜନା ଅଧୀନରେ କେନ୍ଦୁଝର ଜିଲ୍ଲାର ୨ ଲକ୍ଷ ମହିଳା ଉପକୃତ ହୋଇଥିବା କୁହାଯାଇଛି। ଏବେ ଏହି ଯୋଜନାରେ ନୂତନ ଭାବେ ସାମିଲ ହେବାକୁ ଆବେଦନ ପ୍ରକ୍ରିୟା ଚାଲୁଥିବା ଜଣାପଡିଛି। ଯୋଗ୍ୟ ଆବେଦନକାରୀଙ୍କୁ ଜମାବିହୀନ ସିଲିଣ୍ଡର, ପ୍ରେସର ରେଗୁଲେଟର, ସୁରକ୍ଷା ହୋଜ, ଡୋମେଷ୍ଟିକ୍ ଗ୍ୟାସ କନ୍‌ଜ୍ୟୁମର୍ କାର୍ଡ,




ପ୍ରଶାସନିକ ଶୁଳ୍କ ଛାଡ ସହ ନିଶୁଳ୍କ ଗ୍ୟାସ ଚୁଲ୍ହା ଏବଂ ପ୍ରଥମ ରିଫିଲ୍ ମଧ୍ୟ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଆବଶ୍ୟକତା ଅନୁଯାୟୀ, ୧୪.୨ କିଲୋଗ୍ରାମ, ୫ କିଲୋଗ୍ରାମ ସିଙ୍ଗଲ ସିଲିଣ୍ଡର କିମ୍ବା ୫ କିଲୋଗ୍ରାମର ଡବଲ ସିଲିଣ୍ଡର ବିକଳ୍ପ ଚୟନ କରିପାରିବେ। ଗରିବ ପରିବାରର ବୟସ୍କମାନେ ଯେଉଁ ପରିବାରରେ ପୂର୍ବରୁ କୌଣସି ଏଲପିଜି ସଂଯୋଗ ନଥାଏ ସେମାନେ ଆବେଦନ କରିପାରିବେ। ଆବଶ୍ୟକ କାଗଜପତ୍ର, କେୱାଇସି ଫର୍ମ (ଫଟୋ ସହ), ଠିକଣା ପ୍ରମାଣ (ଆଧାର ଠିକଣା ଯଦି ବର୍ତ୍ତମାନ ଠିକଣାସହିତ ମେଳ ନଖାଏ) ପରିବାର ଗଠନ ଦଲିଲ (ରାସନ କାର୍ଡ/ରାଜ୍ୟ ସରକାର ଦଲିଲ) ଆବେଦକ ଏବଂ ପରିବାରର ସମସ୍ତ ବୟସ୍କ ସଦସ୍ୟଙ୍କ ଆଧାର, ବ୍ୟାଙ୍କ ଖାତା ବିବରଣୀ, ଘୋଷଣାପତ୍ର, ପ୍ରବାସୀ ପରିବାରମାନଙ୍କ ପାଇଁ ପିଓଏ ଏବଂ ଆବଶ୍ୟକ କାଗଜପତ୍ର ସହ ନିକଟସ୍ଥ ଏଲପିଜି ବିତରକଙ୍କ ପାଖକୁ ଯାଇ କିମ୍ବା ଅନଲାଇନରେ ନିକଟସ୍ଥ (କମନ୍ ସର୍ଭିସ ସେଣ୍ଟର) ମାଧ୍ୟମରେ ଆବେଦନ କରିପାରିବେ। ଜାତି ପ୍ରମାଣପତ୍ର ଆବଶ୍ୟକତା ନଥିବାବେଳେ ଆବେଦନ କରିବାକୁ ଆଧାରର ବାୟୋମେଟ୍ରିକ ପ୍ରମାଣିକରଣ ଜରୁରୀ ବୋଲି ସୂଚନା ମିଳିଛି। ଗୁରୁବାର କେନ୍ଦୁଝରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇଣ୍ଡିଆନ ଅଏଲ କର୍ପୋରେସନର ରାଜ୍ୟ ମୁଖ୍ୟ ପ୍ରବନ୍ଧକ କମଲ ଶୀଲ, କମ୍ପାନୀର ଏଲପିଜି ମୁଖ୍ୟ ମହାପ୍ରବନ୍ଧକ ନାରୋ ଟୁଣ୍ଡୁପ, କେନ୍ଦୁଝର ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, କମ୍ପାନୀର କର୍ପୋରେଟ ସଞ୍ଚାର ଯୋଜନା ସମନ୍ୱୟ ମହାପ୍ରବନ୍ଧକ ସୁସ୍ମିତା ତ୍ରିପାଠୀ, ଆଇଓସିଏଲର ସମ୍ବଲପୁର ମଣ୍ଡଳୀୟ ଏଲପିଜି ବିକ୍ରୟ ମୁଖ୍ୟ ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ।